

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୧୭ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 MAY 2022
Vol.No. 33 ■ No. 128 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ଭାରତ-ନେପାଳ ଦ୍ୱିପାକ୍ଷିକ ଆଲୋଚନା ଶେଷ



ନୂଆଦିଲ୍ଲୀ, ୧୬/୦୫ : ଭାରତ ଓ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଶେଷ ହୋଇଛି । ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥଳୀ ଲୁମ୍ବିନୀ ଗସ୍ତରେ ନେପାଳ ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଉବାଙ୍କ ସହ ଆଲୋଚନା କରିଛନ୍ତି । ଉଭୟ ଦେଶ ପରସ୍ପରକୁ ବିଭିନ୍ନ କ୍ଷେତ୍ରରେ ସହଭାଗିତା ନେଇ ଆଲୋଚନା କରିଛନ୍ତି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ଅରିନ୍ଦମ ବାଗଚି ଟ୍ୱିଟ କରି ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଲୁମ୍ବିନୀରେ ନେପାଳ ପ୍ରାଧନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏଥିରେ ଉଭୟ ନେତା ଅନେକ ପ୍ରସଙ୍ଗରେ ପରସ୍ପରକୁ ସହ ଯୋଗନେଇ ସହମତି ପ୍ରକାଶ କରିଛନ୍ତି । ଉଭୟ ଦେଶ ଜଳବିଦ୍ୟୁତ, ବିକାଶ ସହ ବିଭିନ୍ନ କ୍ଷେତ୍ରରେ ସହଭାଗିତା ନେଇ ଆଗକୁ ବଢ଼ିବେ । ବୁଦ୍ଧ ପୂର୍ଣ୍ଣିମା ଅବସରରେ ନେପାଳ ଗସ୍ତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଲୁମ୍ବିନୀରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମୋଦି ଗସ୍ତ ପୂର୍ବରୁ କହିଥିଲେ, ନେପାଳ ସହ ଆମର ସମ୍ପର୍କ ଅଦ୍ୱିତୀୟ । ଭାରତ ନେପାଳ ମଧ୍ୟରେ ସ୍ୱଭାବଗତ ସମ୍ପର୍କ ସୁଦୃଢ଼ ରହିଛି । ୨୦୧୪ ପରେ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ୫ମ ଗସ୍ତ । ମୋଦି ଉତ୍ତରପ୍ରଦେଶ କୁଶିନଗର ବିମାନ ବନ୍ଦରରୁ ସ୍ୱତନ୍ତ୍ର ବିମାନରେ ନେପାଳ ପହଞ୍ଚିଛନ୍ତି । ସନ୍ଧ୍ୟାରେ ସେ ଭାରତ ଫେରିବାର କାର୍ଯ୍ୟକ୍ରମ ରହିଛି ।

## ଆଣ୍ଡାମାନ ସାଗରରେ ପହଞ୍ଚିଲା ମୌସୁମୀ



ନୂଆଦିଲ୍ଲୀ, ୧୬/୦୫ : ଆଣ୍ଡାମାନ ସାଗର ଓ ଏହା ନିକଟ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପହଞ୍ଚିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଆଇଏମଡିର ଆକଳନ ଅନୁସାରେ ସାଧାରଣତଃ ଆଣ୍ଡାମାନ ସାଗରରେ ମୌସୁମୀ ବାୟୁ ସକ୍ରିୟ ହେବାର ୧୧ଦିନ ପରେ ମେ' ୨୭ ତାରିଖ ବେଳକୁ କେରଳରେ ମୌସୁମୀ ବାୟୁ ସକ୍ରିୟ ହେବ । ଏଥର ମୌସୁମୀ ସଅଳ ଆସିଥିବାରୁ ଜୁନ୍ ୧୦ରୁ ୧୫ ତାରିଖ ମଧ୍ୟରେ ଏହା ଓଡିଶା ଉପକୂଳରେ ପହଞ୍ଚିବା ନେଇ ଆକଳନ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ସାଇକ୍ଲୋନ ସେଣ୍ଟର ମୁଖ୍ୟ ଆରକେ ଜେନାମଣିଙ୍କ କହିବା ହେଲା ଆଇଏମଡିର ପୂର୍ବ ଆକଳନ ଅନୁଯାୟୀ ଆଜି ଆଣ୍ଡାମାନ ସାଗର ଓ ଏହା ନିକଟ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପହଞ୍ଚିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ସାଧାରଣତଃ ଆଣ୍ଡାମାନ ସାଗରରେ ମୌସୁମୀ ବାୟୁ ସକ୍ରିୟ ହେବାର ୧୧ ଦିନ ପରେ କେରଳରେ ସକ୍ରିୟ ହୁଏ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ତେଣୁ ଆଇଏମଡିର ଆକଳନ ଅନୁସାରେ ମେ' ୨୭ ତାରିଖ ବେଳକୁ କେବଳରେ ମୌସୁମୀ ବାୟୁ ସକ୍ରିୟ ହେବ । ଅନ୍ୟପଟେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି କେରଳକୁ ମୌସୁମୀ ଛୁଇଁବା ପରେ ଓଡିଶାରେ ଏହା କେବେ ପହଞ୍ଚିବ ସେ ନେଇ ସଠିକ ଆକଳନ କରାଯାଇ ପାରିବ । କିନ୍ତୁ ବିଗତ ବର୍ଷ ଗୁଡିକର ଧାରାରୁ ଜଣାପଡୁଛି ଯେ, କେରଳରେ ପହଞ୍ଚିବାର ୧୦ରୁ ୧୨ ଦିନ ମଧ୍ୟରେ ଓଡିଶାରେ ପହଞ୍ଚିଯାଏ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଏଥର ମୌସୁମୀ ସଅଳ ଆସିଥିବାରୁ ଜୁନ୍ ୧୦ରୁ ୧୫ ତାରିଖ ମଧ୍ୟରେ ଏହା ଓଡିଶା ଉପକୂଳରେ ପହଞ୍ଚିବା ନେଇ ଆକଳନ କରାଯାଇଛି । ତେବେ ମଡେଲ ଜନିତ ତ୍ରୁଟି ଯୋଗୁଁ ୪ ଦିନ ଆଗ-ପଛ ହୋଇପାରେ । ଚଳିତ ବର୍ଷ ସ୍ୱାଭାବିକ ରହିବ ମୌସୁମୀ ବର୍ଷା । ▶▶ପୃଷ୍ଠା ୭

## ସମବାୟ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କଲେ ବିଜେଡି ସୁପ୍ରିମୋ



ଭୁବନେଶ୍ୱର, ୧୬/୦୫ (ନି.ପ୍ର): ଆସନ୍ତା ସମବାୟ ନିର୍ବାଚନ ପାଇଁ ଚାଲିଥିବା ପ୍ରସ୍ତୁତି ସଂକ୍ରାନ୍ତରେ ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସମୀକ୍ଷା କରିଛନ୍ତି । ଭିଡିଓ କନଫରେନ୍ସି ଜରିଆରେ ସମବାୟ ନିର୍ବାଚନ କର୍ମକର୍ତ୍ତାଙ୍କ ସହ ନବୀନ ସିଧାସଳଖ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ନବୀନ ପଟ୍ଟନାୟକ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୧୯ ଏବଂ ୨୬ ଜୁନରେ ୬ ହଜାରରୁ ଅଧିକ ପ୍ରାଥମିକ ସମିତି ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ଏହି ପ୍ରକ୍ରିୟା ସମାପ୍ତ ହେବା ପରେ କେନ୍ଦ୍ରୀୟ ଏବଂ ଶୀର୍ଷ ସମବାୟ ସମିତି ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ସେ ଆହୁରି ମଧ୍ୟ କହିଛନ୍ତି କି, ମୁଁ ଖୁସି ଯେ ପ୍ରାଥମିକ ସ୍ତରରେ ନିର୍ବାଚନ ଉପରେ ନଜର ରଖିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସ୍ତରୀୟ କମିଟି ଗଠନ ହୋଇସାରିଛି । ସଠିକ ତଦାରଖ ଏବଂ ମନିଟରିଂ ପାଇଁ କେନ୍ଦ୍ରୀୟ, ଉତ୍ତର, ଦକ୍ଷିଣ, ଏବଂ ପଶ୍ଚିମ ଜୋନ୍ ପାଇଁ ୪ଟି ଜୋନାଲ କମିଟି ଗଠନ କରାଯାଇଛି ଏବଂ ସମ୍ପୃକ୍ତ ଜୋନ୍ର ଜିଲ୍ଲା କମିଟି ଏବଂ ପର୍ଯ୍ୟବେକ୍ଷକଙ୍କ ସହ ସମନ୍ୱୟ ରକ୍ଷା କରାଯାଉଛି । ଅନୁରୂପ ଭାବେ ସମଗ୍ର ନିର୍ବାଚନ ପ୍ରକ୍ରିୟାର ସାମଗ୍ରିକ ତଦାରଖ ଏବଂ ମନିଟରିଂ ପାଇଁ ଏକ ରାଜ୍ୟ ସ୍ତରୀୟ କମିଟି ଗଠନ କରାଯାଇଛି ଯାହା ସୁଚାରୁ ଭାବେ ନିର୍ବାଚନର କାର୍ଯ୍ୟ ତୁଲାଇବା ପାଇଁ ଜିଲ୍ଲାମାନଙ୍କ ସହ ସମନ୍ୱୟ ରକ୍ଷା କରିବ । ଆମର ଦଳୀୟ ଦୃଷ୍ଟିକୋଣରୁ ଏହି ନିର୍ବାଚନ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ଗମ୍ଭୀରତାର ସହ ଲଢ଼ିବାକୁ ପଡିବ । ଗତ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ଆମ ଦଳ ବହୁତ ଭଲ ପ୍ରଦର୍ଶନ କରିଛି । ଆମର ସମସ୍ତ ନେତା ଏବଂ କର୍ମୀ ଉଭୟଙ୍କ ମଧ୍ୟରେ ଏକ ବୃହତ ବିଜୟ ନିଶ୍ଚିତ କରିବାକୁ ଯଥା ସମ୍ଭବ ଉଦ୍ୟମ କରିଛନ୍ତି । ଫଳାଫଳ ଆମ ପାଇଁ ଅତ୍ୟନ୍ତ ସନ୍ତୋଷଜନକ ହୋଇଛି ଏବଂ ଆମେ ସମସ୍ତ ୩୦ଟି ଜିଲ୍ଲାରେ ଜିଲା ପରିଷଦ ▶▶ପୃଷ୍ଠା ୭

## ଆଖିବୁଜିଲା ହାତୀ ନନ୍ଦ

ଭୁବନେଶ୍ୱର, ୧୬/୦୫ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଗୋଡିବାରୀରେ ଥିବା ପୋଷା ହାତୀ ନନ୍ଦର ଆଜି ଭୋରୁ ମୃତ୍ୟୁ ହୋଇଛି । ରବିବାର ଠାରୁ ହାତୀଟି ଅସୁସ୍ଥ ଥିଲା । ଲଗାତର ଭାବେ ଚିକିତ୍ସା ଚାଲିଥିଲା । ମୃତ୍ୟୁର କାରଣ ଜଣାପଡିନାହିଁ । ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ଚନ୍ଦକା କୁମକୀ ହାତୀ ନନ୍ଦର ମୃତ୍ୟୁ ସେପ୍ଟିସେମିଆ ଜନିତ ବୋଲି କହିଛନ୍ତି ଓୟୁଏଟି ଭେଟେନାରୀ କଲେଜ ଡିନ୍ ତଥା ସର୍ଜରୀ ବିଭାଗ ମୁଖ୍ୟ ସୁସେନ ପଣ୍ଡା । ନନ୍ଦର ଶରୀରରେ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ ମଧ୍ୟ ହୋଇଥିବା ସେ କହିଛନ୍ତି । ଅଧିକ ଟେଷ୍ଟ ପାଇଁ ସାମ୍ପଲ ଲାବରୋଟୋରୀକୁ ପଠାଯାଇଥିବା କହିଛନ୍ତି ଡାକ୍ତର ପଣ୍ଡା । ୨୦ ଦିନ ତଳେ ହାତୀଟିକୁ କୁମାରଖୁଂଟି ଅଂଚଳରେ ଟ୍ରାଙ୍କୁଲାଇଜ କରାଯାଇଥିଲା । ତାପର ଠାରୁ ହାତୀଟି ଅସୁସ୍ଥ ହୋଇ ପଡିଥିଲା । ରବିବାର ଭୋର ୪ଟାରେ ହାତୀ ଟି ଆପେ ଆପେ ଗଳି ପଡିବା ପରେ ହାତୀଟିକୁ ସାଲାଇନ ଲଗାଯାଇଥିଲା । ଖାଇବା ପିଇବା ଛାଡି ଦେଇଥିବା ନନ୍ଦର ଅବସ୍ଥା ବିଗିଡି ଯାଇଥିଲା । ଶେଷରେ ସୋମବାର ଦିନ ଭୋର ସମୟରେ ହାତୀଟିର ମୃତ୍ୟୁ ହୋଇଛି ।

## ପୁରୀ ପରିକ୍ରମା ପ୍ରକଳ୍ପକୁ ନେଇ ପୁଣି ଅଭିଯୋଗ ଆଣିଲେ ଅପରାଜିତା



ପୁରୀ, ୧୬/୦୫ (ନି.ପ୍ର): ପୁରୀ ପରିକ୍ରମା ପ୍ରକଳ୍ପକୁ ନେଇ ପୁଣି ନୂଆ ଅଭିଯୋଗ ଆଣିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ । ଗୋଟିଏ ଲୋକ, କେମିତି ମନ୍ଦିର ପ୍ରଶାସନ, ଠିକା ନେଇଥିବା ସଂସ୍ଥା ଓ ପୂର୍ତ୍ତ ବିଭାଗର ମୁଖ୍ୟ ଅଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଅପରାଜିତା । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଟଙ୍କା ଦେଉଛି ଯିଏ, ନେଉଛି ସିଏ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଭିତରେ ମୁଖ୍ୟ ପ୍ରଶାସକ ଏକା ସଙ୍ଗେ ତିନୋଟି ଦାୟିତ୍ୱରେ ରହିବା ନେଇ ଅପରାଜିତାଙ୍କ ପ୍ରଶ୍ନ ନୂଆ ବିବାଦ ସୃଷ୍ଟି କରିଛି । ଅପରାଜିତାଙ୍କ ନୂଆ ଅଭିଯୋଗ ହେଲା ଉଦ୍ଦେଶ୍ୟମୂଳକ ଭାବେ ଜଣେ ବ୍ୟକ୍ତିଙ୍କୁ ତିନି ତିନିଟି ଦାୟିତ୍ୱ ଦିଆଯାଇଛି । ରାଜ୍ୟ ସରକାରଙ୍କ ବର୍ତ୍ତମାନ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ଯିଏ ରହିଛନ୍ତି, ସେହି ବ୍ୟକ୍ତି ଓଡିଶା ବ୍ରିଜ କଂଟ୍ରକସନ ଆଣ୍ଡ କର୍ପୋରେସନ, ଓବିସିସିର ଅଧକ୍ଷ ଦାୟିତ୍ୱରେ ଅଛନ୍ତି । ସେହିପରି ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ ରହିଛନ୍ତି । ନିର୍ଦ୍ଦିଷ୍ଟ ଅଧିକାରୀ ତିନୋଟି ଦାୟିତ୍ୱରେ କିପରି ଅଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଟଙ୍କା ଦେଉଛି ଯିଏ, ନେଉଛି ସିଏ । ଏହା ସଂଯୋଗ ନା ସୁଚିନ୍ତିତ ଷଡଯନ୍ତ୍ର ବୋଲି ପ୍ରଶ୍ନ କରିଛନ୍ତି ଅପରାଜିତା । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିବାଦ ଥମୁନାହିଁ । ଆଉ ଏହାର ଭିତରେ ପ୍ରସଙ୍ଗକୁ ନେଇ ପ୍ରଥମରୁ ହିଁ ସଂସଦରୁ ଆରମ୍ଭ କରି ଭୁବନେଶ୍ୱର ▶▶ପୃଷ୍ଠା ୭

## କାଳବୈଶାଖୀ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୬/୦୫ (ନି.ପ୍ର): ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାର ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ପ୍ରବଳ ବେଗରେ ପବନ ମଧ୍ୟ ବହିପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଏବଂ ପବନ ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ଘଂଟାପ୍ରତି ୪୦-୫୦ କିଲୋମିଟରରେ ବହିବାର ସମ୍ଭାବନା ରହିଛି । ସେହିପରି ରାୟଗଡ଼ା, କନ୍ଧମାଳ, ଗଜପତି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ୨୦ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲାଗୁଡ଼ିକରେ ଦିନର ତାପମାତ୍ରାରେ ସେପରି କୌଣସି ବଡ଼ ଧରଣର ପରିବର୍ତ୍ତନ ଘଟିବାର କୌଣସି ସମ୍ଭାବନା ନଥିବା କହିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।

## ଖୁବ୍ ଶୀଘ୍ର ଓଡ଼ିଶା ଆସିବେ ପ୍ରିୟଙ୍କା ଗାନ୍ଧି



ଭୁବନେଶ୍ୱର, ୧୬/୦୫ (ନି.ପ୍ର): ଖୁବ୍ ଶୀଘ୍ର ଓଡ଼ିଶା ଆସପାରନ୍ତି ଏଆଇସିସି ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା । ତେବେ ସେ କେବେ ଆସିବେ ସେନେଇ ତାରିଖ ଚୂଡ଼ାନ୍ତ ହୋଇନାହିଁ । ଯଥା ଶୀଘ୍ର ତାରିଖ ମଧ୍ୟ ସ୍ଥିର ହେବ ନୂଆଦିଲ୍ଲୀରୁ ଭୁବନେଶ୍ୱର ଫେରିବା ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ଏଆଇସିସିର ଚିନ୍ତନ ଶିବିରରେ ସାମିଲ ଯୋଗଦେଇ ଭୁବନେଶ୍ୱର ଫେରିଥିବା ନିରଞ୍ଜନ ଉକ୍ତ ବୈଠକରେ ରାଜ୍ୟର ସଂଗଠନ, ରାଜନୈତିକ, ଅର୍ଥନୀତି, କୃଷକ, ସାମାଜିକ ନ୍ୟାୟ ଓ ବେରୋଜଗାର ପ୍ରସଙ୍ଗରେ ଚର୍ଚ୍ଚା କରିଥିବା କହିଛନ୍ତି । ସେ ଆହୁରି କହିଛନ୍ତି ଯେ ବ୍ରଜରାଜନଗର ଉପନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ । ନିଜେ ପ୍ରଚାରରେ ଯିବେ । କମ୍ ବ୍ୟବଧାନରେ ହେଲେ ମଧ ନିର୍ବାଚନରେ ବିଜୟ ହେବ ବୋଲି କହିଛନ୍ତି ନିରଞ୍ଜନ ପଟ୍ଟନାୟକ । ଏହା ସହ ଶ୍ରୀମନ୍ଦିର ପ୍ରକଳ୍ପ ପ୍ରସଙ୍ଗକୁ ନେଇ ବିଜେଡି ଓ ବିଜେପିକୁ ସମାଲୋଚନା କରି ନିରଞ୍ଜନକହିଛନ୍ତି ଉଭୟ ରାଜନୀତି କରୁଛନ୍ତି । ନିୟମ ଅନୁସାରେ କାର୍ଯ୍ୟ ହେଉ ।

## ଉତ୍ତରକୋରିଆରେ କାୟା ମେଲାଉଛି କରୋନା



ନୂଆଦିଲ୍ଲୀ, ୧୬/୦୫ : କରୋନା ଯୋଗୁଁ ହଠାତ ବଦଳିଛି ଉତ୍ତରକୋରିଆର ଚିତ୍ର । ଦେଶରେ ହୁ ହୁ ହୋଇ ବୃଦ୍ଧି ପାଉଛି ସଂକ୍ରମଣ । କରୋନା ଯୋଗୁଁ ଏବେ ସୁଦ୍ଧା ୫୦ରୁ ଅଧିକ ସଂକ୍ରମିତଙ୍କ ମୃତ୍ୟୁ ହୋଇସାରିଥିବାବେଳେ ୧୨ଲକ୍ଷରୁ ଅଧିକ ଲୋକ ମହାମାରୀ କବଜାରେ ପଡିସାରିଲେଣି । ସ୍ଥାନୀୟ ଗଣମାଧମ ରିର୍ପୋଟ ଅନୁସାରେ, ଉତରକୋରିଆରେ ଦୈନିକ ସଂକ୍ରମଣ ୩ଲକ୍ଷରୁ ଅଧିକ ରହୁଛି । ସେପଟେ ଶାସକ କିମ ଜଙ୍ଗ ଉନ ଦେଶବାସୀଙ୍କ ଚିକିତ୍ସା ପାଇଁ ସେନାକୁ ମୃତୟନ କରି ଔଷଧ ବିତରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତରକୋରିଆ ଆଟିଂ ଭାଇରସ ଏମରଜେନ୍ସି ସଂସ୍ଥା କହିଛନ୍ତି ଦେଶରେ ଏବେ ସୁଦ୍ଧା ୧୨ ଲକ୍ଷରୁ ଅଧିକ ଲୋକ କରୋନାରେ ଆକ୍ରାନ୍ତ ହୋଇସାରିଲେଣି ଓ ୫ଲକ୍ଷରୁ ଅଧିକ ଲୋକଙ୍କୁ ସଂଗରୋଧରେ ରଖାଯାଇଛି । ଉତ୍ତରକୋରିଆ ଶୂନ୍ୟ କରୋନାର ସୁରକ୍ଷା କବଚ ଭିତରେ ରହିଥିବା ଶାସକ କିମ ଜଙ୍ଗ ଉନ ଦାବି କରି ଆସୁଥିଲେ । ଏପରିକି ନିଜ ଦେଶକୁ କରୋନାରୁ ଦୂରେଇ ରଖିବ ପାଇଁ କିମ ଜଙ୍ଗ ଉନ ସୀମା ସିଲ କରିବା ସହ ବାହ୍ୟଜଗତରୁ ଉତରକୋରିଆ ସମ୍ପୂର୍ଣ୍ଣ ବିଚ୍ଛିନ କରିଥିଲେ । କିନ୍ତୁ ଦୀର୍ଘ ଅଢେଇ ବର୍ଷ ପରେ ଗତ ସପ୍ତାହରେ ଉତରକୋରିଆରେ ପ୍ରଥମ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଥିଲା । ଭୟଭୀତ ହୋଇ ଶାସକ କିମ ଜଙ୍ଗ ସାରା ଦେଶରେ ଲକଡାଉନ ଜାରି କରିଥିଲ । ସେପଟେ ରୁଷ, ଆମେରିକା, ମିଳିତ ଜାତିସଂଘର କୋଭିଡ ଟିକା ପ୍ରସ୍ତାବକୁ ପ୍ରତ୍ୟାଖାନ କରିସାରିଛି ଉତରକୋରିଆ । ଯାହାର ପରିଣାମ ସୁରୁପ ଏବେ ଦେଶରେ ନିଆଁ ବେଗରେ ମାଡି ଚାଲିଛି କରୋନା ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ପ୍ରସଙ୍ଗ

## ଏଏସଆଇ ଅଧୀକ୍ଷକଙ୍କ ନାଁରେ ଏତଲା ଦେଲା ଜଗନ୍ନାଥ ସେନା

ଭୁବନେଶ୍ୱର, ୧୬/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାମକୁ ବେଆଇନ ଦର୍ଶାଇ ଆର୍କୋଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଏଏସଆଇ)ର ଭୁବନେଶ୍ୱର ସର୍କଲର ଅଧୀକ୍ଷକଙ୍କ ନାଁରେ ଲିଙ୍ଗରାଜ ଥାନାରେ ଏତଲା ଦେଇଛି ଜଗନ୍ନାଥ ସେନା । କର୍ତ୍ତବ୍ୟରେ ତ୍ରୁଟି ଅଭିଯୋଗ କରି ଜଗନ୍ନାଥ ସେନା ପକ୍ଷରୁ ଏହି ଏତଲା ଦିଆଯାଇଛି । ଶ୍ରୀ ଜଗନ୍ନାଥ ସେନାର ସଂଯୋଜକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ ଏଏସଆଇ ଭୁବନେଶ୍ୱର ସର୍କଲର ଅଧୀକ୍ଷକ ଅରୁଣ କୁମାର ମଲ୍ଲିକ ନିଜର କର୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଛନ୍ତି । ସେ ଆଇନ ପାଳନ କରିନାହାନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାମ ବେଆଇନ୍ ଭାବେ ଜାରି ରହିଥିବା ବେଳେ ନିୟମ ଅନୁଯାୟୀ ଏଏସ୍ଆଇ ଅଧୀକ୍ଷକ କାହିଁକି ରାଜ୍ୟ ସରକାରଙ୍କ ନାଁରେ ଏତଲା ଦେଇନାହାନ୍ତି । ଏଏସ୍ଆଇ ଓ ସରକାରଙ୍କ ମଧ୍ୟରେ କ'ଣ ଚୁକ୍ତି ହୋଇଛି, ତାହା ସର୍ବସାଧାରଣ ଜାଣିବା ଦରକାର । ଏଏସ୍ଆଇ ନୀରବଦ୍ରଷ୍ଟା ସାଜିଛି ଏବଂ ଆଇନ୍ ଅନୁସାରେ ପଦକ୍ଷେପ ନେଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଆମସାର ଆକ୍ଟ ୧୯୫୮ ମସିହା ୩୦(ଗ), ଆଇପିସି ଧାରା ୧୬୬ ଅନୁଯାୟୀ ଏଏସଆଇ ଅଧୀକ୍ଷକ ଦଣ୍ଡିତ ହେବା କଥା । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ତାଙ୍କ ବିରୋଧରେ ନିଆଯାଇ ନାହିଁ । ଯେହେତୁ ନିଜର କର୍ତବ୍ୟ ସେ ଠିକ ଭାବରେ ତୁଲାଇ ନାହାନ୍ତି, ତାଙ୍କୁ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି । ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, "୬ମାସ ତଳୁ ଆମେ ଯେତେବେଳେ ବେଆଇନ କାମ ବିରୋଧରେ ଆନ୍ଦୋଳନ କଲୁ ସେତେବେଳେ ଜିଲ୍ଲାପାଳ ମୋଡ଼ା କାଗଜ ଦେଖାଇଲେ । ପୁରୀ ସାଂସଦ ପିନାକୀ ମିଶ୍ର ସଂସଦରେ ମିଛ କହିଲେ । ମୁଖ୍ୟ ଶାସନ ସଚିବ ମଧ ସମସ୍ତଙ୍କୁ ମିଛ କହିଲେ । ଏପରି କି ପୂଜ୍ୟ ଗଜପତି ମହାରାଜଙ୍କୁ ମଧ ସାମ୍ନାକୁ ଆସିବାକୁ ପଡ଼ିଲା । ବେଆଇନ ଖନନ ଯୋଗୁ ଶ୍ରୀ ମନ୍ଦିରରେ ଫାଟ ସୃଷ୍ଟି ହୋଇଛି । ବେଆଇନ ଖନନ ପାଇଁ ଏଏସ୍ଆଇ ଆମସାର ଆକ୍ଟ ୧୯୫୮ ର ୩୦(କ)(ଖ) ଓ ୧୬୬ ବଳରେ ପ୍ରଥମେ ଏତଲା କରିବା କଥା । ଏଥିସହ କୋର୍ଟରେ ରହିତାଦେଶ ପାଇଁ ଆବେଦନ କରିବାର ଥିଲା । ଯଦି ସେମାନେ ତଦନ୍ତ ନ କରିବେ, ତା'ହେଲେ ଆମେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ । ଆମେ ବିକାଶର ବିରୋଧ କରୁନୁ । କିନ୍ତୁ ଆମେ ଆଇନ ଅନୁସାରେ କାମ ହେଉ ବୋଲି ଚାହୁଁଛୁ । କୋର୍ଟରେ ମାମଲା ହୋଇ ଜିଲ୍ଲାପାଳ ଗିରଫ ହେବା ସ୍ଥିତିରେ ରହିଛନ୍ତି । ଏଠି ଏଏସ୍ଆଇ ଅଧୀକ୍ଷକ ଗିରଫ ହେବା ଦରକାର ।

## ଦିଲ୍ଲୀରେ ୪୯ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ



ନୂଆଦିଲ୍ଲୀ, ୧୬/୦୫ : ରାଜଧାନୀ ଦିଲ୍ଲୀରେ ଅସହ୍ୟ ତାତି ଲୋକଙ୍କ ସମସ୍ୟା ବଢାଇଛି । ସୋମବାର ଦିଲ୍ଲୀରେ ୪୯ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି । ମଙ୍ଗେସପୁରି ଅଂଚଳରେ ତାପମାତ୍ରାରେ ୪୯ ଦଶମିମ ୨ ପ୍ରତିଶତ ରହିଥିବା ବେଳେ ନଜାଫଗଡ ଅଂଚଳରେ ୪୯ ଦଶମିକ ୧ ପ୍ରତିଶତ ରେକର୍ଡ ହୋଇଛି । ପ୍ରଚଣ୍ଡ ଖରା ରାଜଧାନୀ ବାସିଙ୍କ ଘରୁ ବାହାରିବା ମୁସ୍କିଲ କରିଦେଇଛି । ପ୍ରବଳ ଗୀଷ୍ମପ୍ରବାହକୁ ନଜରରେ ରଖି ସହରବାସିଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ହରିଆଣାରେ ମଧ ସମାନ ଚିତ୍ର ଦେଖିବାକୁ ମିଳିଛି । ସୋମାବାର ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୮ ଦଶମିକ ୧ ପ୍ରତିଶତ ରହିଛି । ପଂଜାବର ମୁଖତସର ଜିଲ୍ଲାର ମଧ ୪୭ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି । ତେବେ ବଢୁଥିବା ତାପମାତ୍ରା ସହର ବାସିଙ୍କ ଚିନ୍ତା ବଢାଇଛି ।

# ବୋସ୍ ଛାତ୍ରଛାତ୍ରୀଙ୍କ ନିଆରା ପ୍ରୟାସ : ଟ୍ରାଫିକ୍ ନିୟନ୍ତ୍ରଣ କରିବ ରୋବଟିକ୍ ଟ୍ରାଫିକ୍ ପୁଲିସ୍

କଟକ ,୧୬/୦୫ (ନି.ପ୍ର): ଦିନର ତାପମାତ୍ରା ୫୦ ଡିଗ୍ରି ହେଉ କି ପ୍ରବଳ ଝଡ ବର୍ଷା। ସହରର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସବୁ ସମୟରେ ଟ୍ରାଫିକ୍ ପୁଲିସଙ୍କୁ ଦେଖିବାକୁ ମିଳିବ। ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରୀକ ବିଦ୍ୟାଳୟ (ବୋସ୍) ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଡିଜାଇନ୍ ଆଣ୍ଡ ଇନୋଭେସନ୍ ପ୍ରୋଜେକ୍ଟ'ରେ ପ୍ରସ୍ତୁତ କରାଯାଉଥିବା ରୋବଟିକ୍ ଟ୍ରାଫିକ ପୁଲିସ ନିକଟରେ ଏହି ବିଷୟ ରହିବ। ସେହିପରି ଘରେ କେହି ନଥିବା ବେଳେ ଆପଣଙ୍କ ଘରେ ଚୋର ପଶିଲେ ଆପଣଙ୍କ ମୋବାଇଲକୁ ସୂଚନା ଯିବ। ଆପଣ ବାଥ୍ ରୁମକୁ ଗଲେ ମନକୁ ମନ ବଲବ୍ ଜଳିବ ଓ ଆପଣ ବାହାରି ଆସିଲେ ମନକୁ ମନ ବଲବ୍ ବନ୍ଦ ହୋଇଯିବ। ଡିଜିଟାଲ ଇଲେକ୍ଟ୍ରିକାଲ୍ସ ଆପଲିକେସନ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏପରି ଅନେକ ଉପକରଣ ପ୍ରସ୍ତୁତ ହେଉଥିବା ବେଳେ ଏହାକୁ ଆଗାମୀ ଦିନରେ ସାଧାରଣ ଲୋକଙ୍କ ପାଇଁ କଲେଜ ପକ୍ଷରୁ ପ୍ରଦର୍ଶନ କରିବାକୁ କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି।

ଗଳିକନ୍ଦିର ସହର କୁହାଯାଉ ଥିବା କଟକରେ ଟ୍ରାଫିକ୍ ସମସ୍ୟା ଅତି ଜଟିଳ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକରେ ଅଛନ୍ତି ଟ୍ରାଫିକ୍ ପୁଲିସ। ମାତ୍ର ଏବେ ବୋସ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ରୋବଟିକ୍ ଟ୍ରାଫିକ୍ ପୁଲିସର ନିର୍ମାଣ ଚାଲିଛି। ଏହି ରୋବଟ ଟ୍ରାଫିକ୍ ସିଗନାଲ୍ ଛକରେ ଛିଡା ହୋଇ ଟ୍ରାଫିକ୍ ପୁଲିସର କାମ କରିବ। ଟ୍ରାଫିକ୍ ଛକରେ ଲାଲ୍‌ବତୀ ଜଳିଲେ ଏହା ଲୋକଙ୍କୁ ରହିବାକୁ ହାତ ଦେଖାଇବା ସହ ସବୁଜ ବତୀ ଜଳିଲେ ହାତ ହଲାଇ ଯିବାକୁ କହିବ। ଯଦି କିଏ ନିୟମ ଭାଙ୍ଗେ ତେବେ ତାର ଫଟୋ ଉଠାଇବା ସହ ଚାଲାଣ ମଧ୍ୟ କାଟିବ। ସବୁଠାରୁ ବଡ ବିଷୟ ହେଉଛି ଏହି ରୋବଟିକ୍ ଟ୍ରାଫିକ୍ ପୁଲିସ ୫୦ ଡିଗ୍ରିରୁ ଅଧିକ ଖରା ହେଉ କିମ୍ବା ଝଡ଼ବର୍ଷାରେ ଦିନରାତି ୨୪ ଘଣ୍ଟା ତାର କାମ କରିପାରିବ। ଏଥିରେ ଅଡିନୋ, ମୋଟର ଡ୍ରାଇଭର, କ୍ୟାମେରା, ସେନ୍ସର, ମାଇକ୍ରୋ କଣ୍ଟ୍ରୋଲର ବ୍ୟବହାର କରାଯାଇ କୋଡିଂ ଦେଇ ଏହାର ନିର୍ମାଣ ହେବ। ଛାତ୍ର ବିଶ୍ୱଜିତ କୁଅଁର, ଅଧ୍ୟାପକ ସିଦ୍ଧାର୍ଥ ଶେଖର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହା




ପ୍ରସ୍ତୁତ କରୁଛନ୍ତି।

ସେହିପରି ବୋସ୍ ଛାତ୍ରଛାତ୍ରୀଙ୍କ ତରଫରୁ ଇନ୍‌ଫରମେସନ୍ ଅଫ୍ ଥିଂକ୍ସ (ଆଇଓଟି) ଓ ସ୍ମାର୍ଟ ବାଥ୍ ରୁମ୍ ପରି ବିଷୟ ପ୍ରସ୍ତୁତ ହେଉଛି। ଘରେ କେହି ନଥିବା ବେଳେ ଚୋର ଘରେ ପଶିଲେ ପୃଥିବୀର ଯେଉଁଠାରେ ଥିଲେ ବି ଆପଣଙ୍କ ମୋବାଇ, ଲାପଟପ୍ ଦ୍ୱାରା ସୂଚନା ପାଇପାରିବେ। ଏହାସହ ଆପଣ ଘରଠାରୁ ଦୂରରେ ଥିଲେ ବି ଘରର ସମସ୍ତ ଉପକରଣକୁ ବନ୍ଦ କରିପାରିବେ କିମ୍ବା ଚାଲୁ କରିପାରିବେ। ଏଥିରେ ଏନ୍‌ଓଡି, ଏମ୍‌ସିୟୁ, ଆର. ଡ୍ରାଇଭର, ଇଣ୍ଟର ଆପଲିକେସନ୍ ପରି ବିଷୟ ବ୍ୟବହାର କରାଯିବ। ସେହିପରି ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ମାର୍ଟ ବାଥ୍ ରୁମର ନିର୍ମାଣ ଚାଲିଛି। ବାଥ୍ ରୁମକୁ ବ୍ୟବହାର କରିବାକୁ ଏହା ମଧ୍ୟକୁ ଗଲେ ଏହାର ଲାଇଟ୍ ମନକୁ ମନ ଜଳିବ ଓ ରୁମ୍ ବାହାରକୁ ଆସିଲେ ଲାଇଟ୍ ମନକୁ ମନ ବନ୍ଦ ହୋଇଯିବ। ଏଥିରେ କାଉଣ୍ଟର ଆଇସି, ଆଇଆର ଟ୍ରାନ୍ସମିଟ୍ ପରି ବିଷୟ ବ୍ୟବହାର କରାଯିବ। ଅଧ୍ୟାପକ ପ୍ରଦୀପ୍ତ କୁମାର ଧଳସାମନ୍ତଙ୍କ ଅଧ୍ୟକ୍ଷତାରେ ଛାତ୍ର ଉଲ୍ଲାସ ଚନ୍ଦ୍ର ପଲାଇ, ଅଞ୍ଜନ କୁମାର ମହାନ୍ତି, ସନ୍ତୋଷ ସାହୁ, ଅଜିତ କୁମାର ସାହୁ ପ୍ରମୁଖ ଏହାକୁ ପ୍ରସ୍ତୁତ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ଦ୍ୱାରା ତିଆରି ହୋଇଥିବା ଉପକରଣ ଗୁଡିକ ଆସନ୍ତା ଦିନରେ କଲେଜରେ ଅନୁଷ୍ଠିତ ହେବାକୁ ଥିବା ପ୍ରଦର୍ଶନୀରେ ରଖାଯିବ ବୋଲି ଅଧ୍ୟକ୍ଷ ଇଂଜିନିୟର ଜ୍ଞାନରଂଜନ ରାୟ କହିଛନ୍ତି।

# ଶୁଖି ଗଲାଣି ୭ ନଦୀର ଜଳଧାରା : ୧୧୧୪ ଉଠା ଜଳସେଚନ ପ୍ରକଳ୍ପ ଅଚଳ

ପଟ୍ଟାମୁଣ୍ଡାଇ,୧୬/୦୫ (ନି.ପ୍ର): ସାମୁଦ୍ରିକ ଝଡ ଆସାନିର ବର୍ଷା ପାଣି କେନ୍ଦ୍ରାପଡା ଜିଲାରେ ପଡିଲାନାହିଁ । ଗତ ୪ ତାରିଖରୁ ଅକ୍ଷୟ ତୃତୀୟା ପାଳନ ହୋଇଥିବା ବେଳେ ମୌସମୀ ବର୍ଷା ଜୁନ ପ୍ରଥମ ସପ୍ତାହ ପୂର୍ବରୁ ଆସିବା ସମ୍ଭାବନା ନାହିଁ । ଖରିଫ ଚାଷର ଜମିକୁ ଉପଯୁକ୍ତ କରିବା ପାଇଁ ହଳ ହେବା ଆବଶ୍ୟକ । ଖରାଦିନ ଆରମ୍ଭରୁ କେନ୍ଦ୍ରାପଡା ଜିଲାରେ ପ୍ରବାହିତ ୭ ନଦୀର ଜଳଧାରା ଶୁଖିଯାଇଛି । କୃଷି ଅର୍ଥନୀତିଭିତିକ ଓ ରାଜ୍ୟର ବୃହତମ ନଦୀପଥ ଥିବା ଏହି ଜିଲାରେ କ୍ଷେତକୁ ପାଣି ସମସ୍ୟା ଏବେ ବଢ଼ିଚାଲିଛି । ନଦୀରେ ପାଣି ନଥିବାରୁ ଜିଲାର ୧୧୧୪ ଉଠା ଜଳସେଚନ ପକଳ୍ପ ଅଚଳ ହେବାକୁ ବସିଥିବା ବେଳେ ୨୫୭୧୮ ହେକ୍ଟର ଅଂଚଳର ଜମି ପଡିଆ ହେବାକୁ ଯାଉଛି । ଯାହା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି ।ଏସମ୍ପର୍କରେ କୃଷକ ନେତା ଗୟାଧର ଧଳ, ବିଜୟ କୁମାର ଦାସ, ଚାଷୀ ସୁରେନ୍ଦ୍ର ପରିଡା, ଚିତରଞ୍ଜନ ମଲ୍ଲିକ ପ୍ରମୁଖ କହିଛନ୍ତିଯେ, ଜିଲାର ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ୭ ନଦୀ ଅଛି । ମହାନଦୀର ଉପରମୁଣ୍ଡରେ ଛତିଶଗଡ ସରକାର ବନ୍ଧ ନିର୍ମାଣ କରିବା ପରେ ନିମ୍ନ ଅବବାହିକାରେ ଥିବା ଜିଲାର ଲୁଣା, ପାଇକା, ଚିତ୍ରୋତ୍ପଳା, ମହାନଦୀ, ବିରୂପା ନଦୀ ଜସ୍ତର ହ୍ରାସ ପାଇଛି । ସେହିପରି ଗୋବରୀ, ବ୍ରାହ୍ମଣୀ, ବୈତରଣୀ ସିଷ୍ଟମରେ ଥିବା ଖରସ୍ରୋତା ନଦୀରେ ଜଳସ୍ତର ହ୍ରାସ ପାଇଛି । କେନାଲ ଶୁଖିଲା ପଡିଥିବା ବେଳେ ଖରା କାରଣରୁ ପୋଖରିରେ ଜଳ ନାହିଁ । ଜିଲାର ୧ ଲକ୍ଷ ୫୨ ହଜାର ହେକ୍ଟର ଚାଷ ଜମି ମଧ୍ୟରୁ ୮୬୧୩୨ ହେକ୍ଟରକୁ କେନାଲ, ଉଠା ଜସେଚନ ପ୍ରକଳ୍ପ, ସାଲୋ ଟିଉବୱେଲ, ଅନ୍ୟାନ୍ୟ ଜଳ ଉତ୍ସକୁ ବ୍ୟବହାର କରାଯାଇ ଥାଏ । ତେବେ ଏହି ନଦୀଗୁଡିକ ଏବେ ଜଳଧାରଣ କ୍ଷମତା ହରାଇଛି । ନଦୀଗୁଡିକର ବହୁ ସ୍ଥାନରେ ପାଣି ବଦଳରେ କେବଳ ବାଲି ଦେଖାଯାଉଛି । ନଦୀକୂଳିଆ ଅଂଚଳବାସୀ ପାନୀୟ ଜଳକଷ୍ଟ ଭୋଗୁଛନ୍ତି । ନଦୀଜଳର ସ୍ରୋତ କମିବା ଯୋଗୁ ନଳକୂପ, କୂଅ, ପୋଖରୀରେ ଜଳ ଉତୋଳନ କଷ୍ଟ ଲାଗିରହିଛି । ସେହିପରି ନଦୀଜଳକୁ ନିର୍ଭର କରି କିଛି ମତ୍ସ୍ୟଜୀବୀ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାହା ଏବେ ସଙ୍କଟଜନକ ସ୍ଥିତିରେ ଅଛି । ମୌସମୀ ସମୟରେ ଏହି ନଦୀର ଜଳସ୍ତର ବଢ଼ି ଜିଲ୍ଲାର ୫୫ ପଂଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ଏବେ ଚାଷ ପାଇଁ ଜଳସଙ୍କଟ ଦେଖାଯାଇଛି । ଏହି ଚାଷ ସମୟରେ ପୂର୍ବରୁ ଉଠା ଜଳସେଚନ ପ୍ରକଳ୍ପ ସହାୟକ ହେଉଥିଲା । ଏଥିପାଇଁ କେନ୍ଦ୍ରାପଡା ବ୍ଲକ ଅଂଚଳରେ ୮୨ଟି, ପଟ୍ଟାମୁଣ୍ଡାଇରେ ୧୩୮ଟି, ଡେରାବିଶରେ ୩୭ଟି, ମାର୍ଶାଘାଇରେ ୧୦୦ଟି, ମହାକାପଡାରେ ୧୧୯ଟି, ଗରଦପୁରରେ ୯୭ଟି, ଆଳିରେ ୨୪୮ଟି, ରାଜକନିକାରେ ୧୮୦ଟି ଓ ରାଜନଗରରେ ୧୧୩ଟି ଉଠା ଜଳସେଚନ ପ୍ରକଳ୍ପ ସରକାରୀ ପ୍ରୋତ୍ସାହନରେ କାର୍ଯ୍ୟକାରୀ ହେଉଥିଲା । ସେହିପରି ନଦୀ ଜଳକୁ ଭିର୍ତ୍ତିକରି ୩୦୬୩ ସାଲୋ ଟିଉବୱେ ଓ ୧୦୬୨୪ଟି ଜଳ ଉତ୍ସ ଚାଷ କାର୍ଯ୍ୟରେ ବ୍ୟବହାର ହେଉଥିଲା ।

# ଫୁଲବାଣୀ ଜିରିଙ୍ଗିପଡାଠାରେ ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କର ୨୨ ତମ ଜନ୍ମଦିବସ ଚନ୍ଦନଯାତ୍ରା ଶୁଭାରମ୍ଭ

କନ୍ଧମାଳ ,୧୬/୦୫ (ନି.ପ୍ର): ଫୁଲବାଣୀ ସହର ଜିରିଙ୍ଗିପଡା ସ୍ଥିତ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁର ଙ୍କର ୨୨ ତମ ଚତୁର୍ଦ୍ଦଶୀ ଜନ୍ମ ଦିବସ ଚନ୍ଦନ ଯାତ୍ରା ଶୁଭାରମ୍ଭ ହୋଇଛି । ଉକ୍ତ ଯାତ୍ରା ଜିରିଙ୍ଗିପଡା ଗ୍ରାମ କମିଟି ଓ ଯାତ୍ରାପରିଚାଳନା କମିଟିର ସମ୍ପୂର୍ଣ୍ଣ ସହଯୋଗରେ ଠାକୁର ଙ୍କର ଜନ୍ମ ଦିନ ଚଳିତ ମାସ ୧୪ ରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ସହ ଜିରିଙ୍ଗିପଡା ଠାକୁର ଙ୍କର ମନ୍ଦିର ନିକଟ ଯାତ୍ରା ପଡ଼ିଆ ଠାରେ ଅନୁଷ୍ଠିତ ହେବା ନିମନ୍ତେ ଯାତ୍ରା ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ଆଜି ଯାତ୍ରାର ଆରମ୍ଭ ଦିନରେ ସକାଳ ୯ ଟା ସମୟରେ ଶତାଧିକ ଭକ୍ତ ମାଁ ନାରାୟଣୀ ମନ୍ଦିର ନିକଟସ୍ଥ ସାଲୁଙ୍କି ନଇ ଠାରୁ
ଏକ କଳସ ଶଭାଯାତ୍ରା ବାହାରି ଫୁଲବାଣୀ ସହର ପରିକ୍ରମା କରି ଠାକୁର ଙ୍କର ମନ୍ଦିର ଠାରେ ପହଂଚି ଥିଲେ। ପୂର୍ବାହ୍ନ ୨ଟା ସମୟରେ ପ୍ରଭୁ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁର ଙ୍କର ମନ୍ଦିର ଠାରେ ଭକ୍ତ ମାନଙ୍କ ଉପସ୍ଥିତ ରେ ଯଥା ରୀତି ନୀତି ନିୟମ ଅନୁସାରେ ମନ୍ଦିର ପ୍ରାଙ୍ଗଣ ରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଉକ୍ତ ହୋମ ଯଜ୍ଞ ବେଳେ କର୍ତ୍ତା ଭାବେ ସଭାପତି ପାର୍ଥ ସାରଥୀ ବିଶ୍ୱାଳ ଓ ତାଙ୍କ ଧର୍ମ ପତ୍ନୀ ଦାୟିତ୍ୱ ନିଭାଇ ଥିଲେ।ଗନ୍ଧପୁଷ୍ପ ଧୂପ ଦୀପ ନୈବେଦ୍ୟ ରେ ଠାକୁର ମନ୍ଦିର ପୂଜକ ଚିନ୍ତାମଣି ସାହାଣୀ ପୂଜା କାର୍ଯ୍ୟ ସମାପନ କରି ଥିଲେ। ଠାକୁର ଙ୍କର ଜନ୍ମ ଦିବସରେ ଠାକୁର ଙ୍କୁ ଦର୍ଶନ କରି କୃପା ଲାଭ କରିବା ପାଇଁ ହଜାର ହଜାର ଭକ୍ତ ଙ୍କର ଭିଡ଼ ଜମିଥିବା ଦେଖି ବାକୁ ମିଳିଥିଲା। ଆଜି ଭକ୍ତ ମାନଙ୍କ ନିମନ୍ତେ ଯାତ୍ରା ପରିଚାଳନା କମିଟି ପକ୍ଷରୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା। ପ୍ରତି ବର୍ଷ ଠାକୁର ଙ୍କର ଯାତ୍ରା ଫୁଲବାଣୀ ଜିରିଙ୍ଗିପଡା ନୃସିଂହ ମନ୍ଦିର ଠାରେ ଅନୁଷ୍ଠିତ ହେଉଥିଲା କୋରନା କଟକଣା ଯୋଗୁଁ ଦୁଇ ବର୍ଷ ହେବ ଏହି ଯାତ୍ରା ହୋଇ ପାରିନଥିଲା । ଚଳିତ ବର୍ଷ ଫୁଲବାଣୀ ସହର ର ସମସ୍ତ ଙ୍କର ସହଯୋଗ ରେ ନୃସିଂହ ଠାକୁର ଙ୍କର ଯାତ୍ରା ଆରମ୍ଭ ଦିବସ ଠାରୁ ଶେଷ ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଅନୁଷ୍ଠିତ ହେବ ବୋଲି ଗ୍ରାମ କମିଟି ସଭାପତି ସୁଜିତ କୁମାର ବେହେରା,ଯାତ୍ରା କମିଟିସଭାପତି ପାର୍ଥ ସାରଥୀ ବିଶ୍ୱାଳ ସୂଚନା ଦେଇଥିଲେ। ଯାତ୍ରା ପରିଚାଳନା କମିଟି ଏବଂ ଗ୍ରାମ କମିଟି ଉପଦେଷ୍ଟା ପଙ୍କଜ କୁମାର ବେହେରା, ଦିନେଶ କୁମାର ବେହେରା ,ଜଳନ୍ଧର ବେହେରା ,ଦାରୁଣ କୁମାର ବେହେରା, ବଳଦେବ ବେହେରା ,ଶିବଶଙ୍କର ବେହେରା ,ବୈଦ୍ୟନାଥ ନାୟକ,ଏବଂ ଯାତ୍ରା ପରିଚାଳନା କମିଟି ଉପ ସଭାପତି କରମ ବେହେରା, ସମ୍ପାଦକ ମିଳନ କହଁର, ସାଂସ୍କୃତିକ ସମ୍ପାଦକ ପାଂଚଲି ବେହେରା, ସହ ସମ୍ପାଦକ ରାମକୃଷ୍ଣ କହଁର, କାର୍ଯ୍ୟକାରୀ ସଭାପତି ସୁଧାଂଶୁ କୁମାର ବେହେରା, କୋଷାଧ୍ୟକ୍ଷ ଲଳିତ କୁମାର ବେହେରା ଙ୍କର ବଳିଷ୍ଠ ଉଦ୍ୟମ ରେ ୧୬ ଦିନ ଧରି ଯାତ୍ରା ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହେବା ନିମନ୍ତେ ଯାତ୍ରା ପରିଚାଳନା କମିଟି ସଭାପତି ପାର୍ଥ ବିଶ୍ୱାଳ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି। ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୋଲିସ ଫୋର୍ସ ମୁତୟନ କରାଯିବା ନିମନ୍ତେ ସଭାପତି ସୂଚନା ଦେଇଛନ୍ତି।

# ଓଡ଼ାପଡ଼ାରେ କିଡ୍‌ନି ରୋଗ ଆତଙ୍କ : ଚାଲିଗଲାଣି ଶତାଧିକ ଜୀବନ; ଶତାଧିକ ଆକ୍ରାନ୍ତ, ପ୍ରଶାସନ ବେପରୁଆ

ଓଡ଼ାପଡ଼ା ,୧୬/୦୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ କିଡ୍‌ନି ରୋଗ ଆତଙ୍କ ଦେଖାଦେଇଛି। କିଛିବର୍ଷ ମଧ୍ୟରେ ଶତାଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ଏବେ ବି ବହୁଲୋକ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି। ମାତ୍ର, ପ୍ରଶାସନ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। ମିଳିଥିବା ସୂଚନା ଅନୁସାରେ; ବ୍ଲକ୍ ଅନ୍ତର୍ଗତ ଗୁଣଦେଇ ଗ୍ରାମର ଗୌତମ ଦେହୁରୀ, ପ୍ରହଲ୍ଲାଦ ବାରିକ, ପ୍ରାଣବନ୍ଧୁ ବାରିକ, ମନୋଜ ବେହେରା, ଚକ୍ରଧର ବେହେରା, ହଟକିଶୋର ଦେହୁରୀ, ଛକଡ଼ି ସାମଲ, ନାରାୟଣ ସାହୁ, ଅମର ସାହୁ, ଅରୁଣ ଦେହୁରୀ, ଅଜୟ ଦେହୁରୀ ପ୍ରମୁଖଙ୍କ ସମେତ ରସାସିଙ୍ଗ, ଛେଳିଆବେଢ଼ା, ବେଲପଡ଼ା ଓ ଅନ୍ୟାନ୍ୟ ଗ୍ରାମରୁ ଶତାଧିକ ବ୍ୟକ୍ତି କିଡ୍‌ନି ରୋଗରେ ମୃତ୍ୟୁବରଣ କରିଛନ୍ତି। ସେହିଭଳି, ଶତାଧିକ ବ୍ୟକ୍ତି ଏହି ରୋଗରେ ପୀଡ଼ିତ ହୋଇଛନ୍ତି। ବିଶେଷକରି; ସଦାଶିବପୁର, ଗୁଣଦେଇ, ଓଡ଼ାପଡ଼ା, ବଳରାମପ୍ରସାଦ, ବଦାଲୁ, ନିମିଧା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି କିଡ୍‌ନି ରୋଗ ବ୍ୟାପକ ରୂପ ନେଉଥିବା ଦେଖିବାକୁ ମିଳିଛି । ଏହି ବ୍ଲକ୍‌ର



ବିଭିନ୍ନ ଅଞ୍ଚଳରେ ଖଣି ଖାଦାନ ରହିଥିବା ବେଳେ ଅନେକ ଶିଳ୍ପ ସ୍ଥାପନ ହୋଇଛି। ଏଥିରୁ ସରକାର ମୋଟାଅଙ୍କରେ ରାଜସ୍ୱ ପାଉଛନ୍ତି। କିନ୍ତୁ ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ କିମ୍ବା ସ୍ୱାସ୍ଥ୍ୟସେବା ନ ପାଇ ଅକାଳରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଆସୁଛି। ରାଜ୍ୟର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଲୋକମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ ପାଲଟିଥିବା ଦେଖିବାକୁ ମିଳିଛି। ସରକାରଙ୍କ ତରଫରୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ନିମନ୍ତେ ବସାଇଥିବା ପ୍ରକଳ୍ପ ଅଚଳ ହୋଇ ପଡିଥିବା ବେଳେ ଅନେକ ଗ୍ରାମରେ ଥିବା ନଳକୂଅରୁ ଗୋଳିଆ ଲୁହାଗୁଣ୍ଡ ପାଣି ବାହାରୁଥିବା ଦେଖିବାକୁ ମିଳିଛି। ସେହି ଦୂଷିତ ପାଣି ପିଇ ଲୋକମାନେ କିଡ୍‌ନି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଲୋକମାନେ କହିଛନ୍ତି। ଏ ସମ୍ପର୍କରେ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ଅନନ୍ତ କୁମାର ରାଉଳଙ୍କୁ ପଚାରିବାରୁ ସେ ଦୂଷିତ ପାନୀୟ ଜଳ କିଡ୍‌ନି ରୋଗର ମୁଖ୍ୟ କାରଣ ବୋଲି ସ୍ୱୀକାର କରିରିଛନ୍ତ। ଏଥିସହିତ, ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି। ତେବେ, ସେମାନଙ୍କ ଦ୍ୱାରା ଯଥାସମ୍ଭବ ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହିତ ଚିକିତ୍ସା ସୁବିଧା ଦିଆଯାଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ. ଡାକ୍ତରୀ ଦଳ ପ୍ରଶାସନକୁ ଯେଉଁ ରିପୋର୍ଟ ପ୍ରଦାନ କରୁଛନ୍ତି ତାହା ଅଣଦେଖା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ଯୋଗାଣ ବିଭାଗ ସବୁ ଜାଣି ଆଖିବୁଜି ଦେଉଥିବା ସହିତ ମେଗା ପ୍ରକଳ୍ପ ଆଳ ଦେଖାଇ ହାତଟେକି ଦେଉଥିବାରୁ ଲୋକମାନଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ବଲାଙ୍ଗିର,୧୬/୦୫ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ୫, ଖାରବେଳ ନାଗର ବଲାଙ୍ଗିର ଜିଲ୍ଲା ଶାଖାର ନିର୍ବାଚନ କମିଟିର ଚୁଡାନ୍ତ ବୈଠକ ଆଜି ପୂର୍ବାହ୍ନ ସକାଳ ଘ.୯ ସମୟରେ ବଲାଙ୍ଗିର ରେଲୱେ ଷ୍ଟେସନ ନିକଟସ୍ଥ ସଂଘ କାର୍ଯ୍ୟାଳୟ ଠାରେ ଜିଲ୍ଲା ଅଧ୍ୟକ୍ଷ ସୁଚିତ୍ରା ସୁନାଙ୍କ ସଭାପତିତ୍ୱରେ ଅପରାହ୍ନ ଘ.୧ ପର୍ଯ୍ୟନ୍ତ ବସିଥିଲା । ଏଥିରେ ସର୍ବ ସମ୍ମତି କ୍ରମେ ଆସନ୍ତା ତା.୦୫.୦୬.୨୨ ରବିବାର ଦିନ ସାମ୍ବାଦିକ ଭବନ ଠାରେ ସଂଘୀୟ ନିର୍ବାଚନ କାର୍ଯ୍ୟ ହେବାର ସ୍ଥିରୀକୃତ ହେଲା । ନିର୍ବାଚନ ପାଇଁ ରାଜ୍ୟ କମିଟି ଓ ଅଖିଳ ଭାରତୀୟ ଶିକ୍ଷକ ମହାସଂଘକୁ ଅବଗତ କରାଗଲା । ଜିଲ୍ଲା ସଂଘ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବିଦ୍ୟାଳୟ ସବୁ ଛାତ୍ର ଛାତ୍ରୀଙ୍କ ହିତ ଦୃଷ୍ଟିରୁ ବନ୍ଦ କରିବାକୁ ରାଜ୍ୟ ଗଣଶିକ୍ଷା ବିଭାଗକୁ ଦାବିପତ୍ର ଜଣାଇଲା । ଟିଟିଲାଗଡ ବ୍ଲକ ଓ ମୁରିବାହାଲ ବ୍ଲକରେ ଶିକ୍ଷକମାନଙ୍କୁ ୨୦% ପେ ଫିକ୍ସେସନ ଏରିଅର ନ ମିଳିବାରୁ ଶିକ୍ଷକମାନେ ବହୁ ଦୁଃଖିତ । ଏଣୁ ଜିଲ୍ଲା ସଂଘ ଏଥି ପାଇଁ ଜିଲ୍ଲା ପ୍ରଶାସନ ଓ ଗଣଶିକ୍ଷା ସଚିବଙ୍କ ଅବଗତି ପାଇଁ ଓ ବିହିତ ପଦକ୍ଷେପ ପାଇଁ ଅନୁରୋଧ ପତ୍ର ଗ୍ରହଣ କଲା। ଶେଷରେ ସଭାପତି ଉପସ୍ଥିତ ସମସ୍ତ ବ୍ଲକର ସଭ୍ୟ, ସଭ୍ୟାଙ୍କୁ ଧନ୍ୟବାଦ ପ୍ରଦାନ କରି ସଭା ସାଙ୍ଗ କଲେ । ସଭାରେ ଶାନ୍ତିଲତା ସାହୁ, ହରେକୃଷ୍ଣ ରଥ, ପ୍ରଶାନ୍ତ ପୁରୋହିତ, ଜୟଦେବ ବିଶି, ସତ୍ୟ ସାହୁ, ବିପିନ ବୁଡେକ, ପ୍ରକାଶ ପଣ୍ଡା,କୁମୁଦିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଗତ ୧୦ ବର୍ଷ ମଧ୍ୟରେ କୁମ୍ଭୀର ଆକ୍ରମଣରେ ମୃତକଙ୍କ ସଂଖ୍ୟା ବନବିଭାଗ ଖାତାରେ ୨୬, ନିଖୋଜ ଅନେକ

ପଟ୍ଟାମୁଣ୍ଡାଇ,୧୬/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ନଳପାହି ଗ୍ରାମର ଶିବପ୍ରସାଦ ବେହେରାଙ୍କ ସ୍ତ୍ରୀ ସରସ୍ୱତୀ । ନିକଟରେ ତାଙ୍କର ୩ ଝିଅ ପରେ ପୁଅଟିଏ ହୋଇଛି । ଏହି ପୁଅ ଡାକ୍ତରଖାନା ଜନ୍ମର ଦୁଇ ଦିନ ପୂର୍ବରୁ ଶିବପ୍ରସାଦଙ୍କୁ କୁମ୍ଭୀର ନଦୀକୁ ଟାଣି ନେଇ ମାରିଦେଲା । କେବଳ ଶିବପ୍ରସାଦ ନୁହେଁ, ଜିଲ୍ଲାର ଉପାନ୍ତ ଅଂଚଳରେ କୁମ୍ଭୀର ଆତଙ୍କ ବଢ଼ିଯାଇଛି । ମୃତାହତଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ହେଉଥିଲେ ମଧ୍ୟ ନଦୀକୂଳ ଗାଧୁଆ ତୁଠରେ ତାରବାଡ ନିର୍ମାଣ ହେଉନାହିଁ ।ଗତ ୧୦ ବର୍ଷ ମଧ୍ୟରେ କୁମ୍ଭୀର ଆକ୍ରମଣରେ ମୃତକଙ୍କ ସଂଖ୍ୟା ୨୬ କାଗଜପତ୍ରରେ ଥିବା ବେଳେ ଶବ ଉଦ୍ଧାର ନ ହେବାରୁ ନିଖୋଜ ମଧ୍ୟରେ ବହୁତ ଅଧିକ ଅଛନ୍ତି । ସ୍ଥାନୀୟ ଅଧିବାସୀ କୁହନ୍ତି ଶବ ନ ମିଳିବାରୁ କୁମ୍ଭୀର ବହୁ ଲୋକଙ୍କୁ ଟାଣି ନେଇଥିଲେ ମଧ୍ୟ ମିସିଂ କେସରେ ସୀମିତ ରହିଛି । ସେହିପରି ସଂରକ୍ଷିତ ବନ୍ୟଜନ୍ତୁଙ୍କ ଦ୍ୱାରା ମୃତାହତଙ୍କୁ କ୍ଷତିପୂରଣ ପାଇଁ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ଉପଯୁକ୍ତ ପରିମାଣରେ ମିଳୁନାହିଁ । କୁମ୍ଭୀର ଉପଦ୍ରିତ ନଦୀ ତଟବର୍ତି ଗାଧୁଆ ତୁଠରେ ତାରବାଡ ଘେରାଇବା ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି । ଏସମ୍ପର୍କରେ ରାଜନଗର ବ୍ଲକ ଭେଟ୍ଟା ଗ୍ରାମର ରାମନାଥ ଦାସ କୁହନ୍ତିଯେ, ଜାତୀୟ ଉଦ୍ୟାନ ଭିତରକନିକା ଓ ସଂରକ୍ଷଣ କେନ୍ଦ୍ରରେ ୧୭୦୦ରୁ ଅଧିକ ଲୁଣା କୁମ୍ଭୀର ଥିବା ବନ ବିଭାଗ ଗଣନା କରିଛନ୍ତି । ତେବେ ଏମାନଙ୍କ ସଂଖ୍ୟା ଅଧିକ ଅଛି । ଭିତରକନିକା ସଂଲଗ୍ନ ବିଭିନ୍ନ ନଦୀ ଏମାନଙ୍କ ବାସସ୍ଥାନ ହୋଇଛି । ଭୟଙ୍କର ଓ ସଂରକ୍ଷିତ ଜୀବ ହୋଇଥିବାରୁ ଏମାନଙ୍କ ନିକଟକୁ କେହି ଯାଆନ୍ତି ନାହିଁ । କୁମ୍ଭୀର ହାବୁଡରେ ପଡିବା ଉପାନ୍ତ ଅଂଚଳରେ ଏକ ନିତିଦିନିଆ ଘଟଣା ହୋଇଛି । ଭାଗ୍ୟ ଭଲ ଥିଲେ ଏମାନଙ୍କ ହାବୁଡରୁ ନିସ୍ତାର ମିଳେ । ୨୦୧୭ ମସିହାରେ ଡାଙ୍ଗମାଳ ପଂଚାୟତ ବାଙ୍କୁଆଳ ଗ୍ରାମର ମମତା ଦଳାଇ ନିଜ ଭଉଣୀକୁ ବଂଚାଇଥିବା ବେଳେ କଣ୍ଡିରା ଗ୍ରାମର ସିତୁ ମଲ୍ଲିକ ୨୦୧୮ ମସିହାରେ ଦାଦାଙ୍କୁ ବଂଚାଇଥିଲା । ଏହି ଦୁଇଜଣଙ୍କୁ ଶିଶୁ ସାହାସିକତା ପୁରସ୍କାର ମିଳିଥିବା ସେ ପ୍ରକାଶ କରିଛନ୍ତି ।ସରକାରୀ ତଥ୍ୟ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଭିତରକନିକା ଆଖପାଖ ଅଂଚଳରେ ମାତ୍ର ୨୬ ଜଣଙ୍କୁ କୁମ୍ଭୀର ମାରିଛି । ତେବେ ଏହି ତଥ୍ୟ ସଠିକ ନୁହେଁ । କୁମ୍ଭୀର ଟାଣି ନେଇଥିବା ବ୍ୟକ୍ତିର ଶବ ନ ମିଳିଲେ ଥାନାରେ ଏକ ମିସିଂ କେସ ହେଉଛି । ଏପରି ଘଟଣା ସ୍ଥାନୀୟ ୫ଟି ଥାନାରେ ଅନୁସନ୍ଧାନ କଲେ ଶତାଧିକ ମାମଲା ନଜରକୁ ଆସିଛି । ଏଥିସହ କୁମ୍ଭୀର ଆକ୍ରମଣର ଶୀକାର ସଂଖ୍ୟା ପ୍ରତିବର୍ଷ ୨୦ରୁ ଅଧିକ ହୋଇଛି । ତେବେ ଗତ ୧୦ ବର୍ଷ ମଧ୍ୟରେ ମାତ୍ର ୪୮ ଜଣ ଆହତ ହୋଇଥିବା ଓ ଗତ ୫ ବର୍ଷ ମଧ୍ୟରେ ମାତ୍ର ୩୬ଟି ପଶୁହାନୀ ହୋଇଥିବା ବନବିଭାଗ ଦର୍ଶାଇଛି । କୁମ୍ଭୀର ଆତଯାତ ନଦୀରେ ସ୍ୱତନ୍ତ୍ର ଗାଧୁଆ ତୁଠ ନିର୍ମାଣ ଦାୟିତ୍ୱ ବନବିଭାଗ ନେଇଛି । ମାତ୍ର ଭିତରକନିକାସ୍ଥ ସମସ୍ତ ୪୧୮ ଗ୍ରାମରେ ଗାଠୁଆ ତୁଠ ନିର୍ମାଣ ହୋଇ ପାରିନାହିଁ । ନଦୀ କୂଳରେ ବହ୍ଲା ଓ ତାରଜାଲି ଦେଇ ଏହି ତୁଠ ହେବା କଥା । ତେବେ କେତେକ ସ୍ଥାନରେ ନିମ୍ନ ଧରଣର କାର୍ଯ୍ୟ ଯୋଗୁ ଏହି ତାରବାଡ ରହୁନାହିଁ । ପତ୍ରପୁର, ନୂଆଗାଁ ଠାରୁ ଆରମ୍ଭ କରି ରାଜଗଡ, ନଳଦିଆ, ନରେନ୍ଦ୍ରପୁର, ନିମପୁର ଆଦି ନଦୀ ଘାଟ ଜନଜୀବନ ପାଇଁ ଅସୁରକ୍ଷିତ ହୋଇପଡିଛି ।

# ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ ଛାତ୍ରକଂଗ୍ରେସର ବିକ୍ଷୋଭ

ବଲାଙ୍ଗିର ,୧୬/୦୫ (ନି.ପ୍ର): ଦେଶରେ ଅହେତୁକ ଭାବେ ପେଟ୍ରୋଲ, ଡିଜେଲ,ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଦୃତ ଗତିରେ ବୃଦ୍ଧି ପାଉଛି। ଏହାକୁ ବିରୋଧ କରି ବଲାଙ୍ଗୀର ଜିଲ୍ଲା ଛାତ୍ର କଂଗ୍ରେସ କମିଟି ତରଫରୁ ଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖରେ ଏକ ଅଭିନବ ଢଙ୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦରଦାମ ବୃଦ୍ଧି ହେବା ଫଳରେ ସାଧାରଣ ବର୍ଗର ଲୋକେ ନାହିଁ ନ ଥିବା ଅଶୁବିଧା ର ସମ୍ମୁଖୀନ ହେଉଛନ୍ତି। । ବିଶେଷତଃ ଆର୍ଥିକ ସ୍ତରରେ ମଧ୍ୟମ ଓ ନିମ୍ନ ବର୍ଗଙ୍କ ଜୀବନ ଯାପନ ଦୁର୍ବିସହ ହୋଇ ପଡିଛି । ସରକାରଙ୍କ ଏଭଳି ଜନ ବିରୋଧୀ, ଗରିବ ମାରଣ ନୀତି ର ତୀବ୍ର ବିରୋଧ କରାଯାଇ ରବିବାର ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ତରଫରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କୁ ଚେତେଇ ଦିଆ ଯାଇଛି ଯେ ଯଥା ଶୀଘ୍ର ଯଦି ପେଟ୍ରୋଲ,ଡିଜେଲ ଓ ରନ୍ଧନ ଗ୍ୟାସ ଉପରୁ ତାଙ୍କ ଟିକସ ହ୍ରାସ ନ କରିବେ ତାହେଲେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ଏହି ଆନ୍ଦୋଳନ କୁ ଆହୁରି ତୀବ୍ରତର କରିବ ।ଏହି ବିକ୍ଷୋଭ ରେ ବଲାଙ୍ଗୀର ନଗର କଂଗ୍ରେସ ସଭାପତି ବୁଲୁ ଦାନୀ,ଜିଲ୍ଲା କଂଗ୍ରେସ କମିଟି ଉପ-ସଭାପତି ମନୀଷ ମିଶ୍ର,ସନ୍ତକ ବୋହିଦାର,ଜିଲ୍ଲା ସେବାଦଳ ମୁଖ୍ୟ ଅସିତ ମିଶ୍ର,ଜିଲ୍ଲା କଂଗ୍ରେସ କମିଟି କୋସାଧକ୍ଷ ଜୁଲୁ ପଟ୍ଟନାୟକ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର,ରାଜୀବ ଗାନ୍ଧୀ ପଂଚାୟତିରାଜ ମୁଖ୍ୟ ଅଜୟ ବାଲି, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ସଞ୍ଜୟ ମିଶ୍ର,ଜିଲ୍ଲା ଛାତ୍ର କଂଗ୍ରେସ କମିଟି ଉପ-ସଭାପତି ନିରଞ୍ଜନ ମିଶ୍ର,ଟୁଲୁ ସେନ,ଜିଲ୍ଲା ଛାତ୍ର କଂଗ୍ରେସ କମିଟି ମୁଖପାତ୍ର ନୀତିଶ ପଧାନ,ଜିଲ୍ଲା ଛାତ୍ର କଂଗ୍ରେସ କମିଟି ସାମାଜିକ ଗଣମାଧ୍ୟମ ମୁଖ୍ୟ ସୁଜିତ କୁମ୍ଭାର,ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ର କଂଗ୍ରେସ କମିଟି ସଭାପତି ଶୁଭେନ୍ଦୁ ସାହୁ,ଉପ-ସଭାପତି ଅଂଚଳ ପଣ୍ଡା,ଛାତ୍ର ନେତା ଅଭିନାଶ ବେହେରା,ଶଙ୍କର ବିଶି,ସରୋଜ ସାହୁ, ଅଂଶୁମାନ ମିଶ୍ର,ଗୌରଭ ଶର୍ମା,ଓଁମ ନାୟକ,ନିଖିଳ ସୁନା,ନିକୁ କୁମ୍ଭାର, ନରେନ୍ଦ୍ର ବେହେରା, ଲୋପନ ମିଶ୍ର,ନାସିର ଖାନ, ଆଶ୍ୱିନ ରାଉତ,ଅଭିନାଶ ବେହେରା, ମଧୁ ନାଗ, କିରଣ ସେଠ,ଜୟନାରାୟନ ବୋହିଦାର, ସୁମନ୍ତ ବିଭାର, ପ୍ରଦୋଷ ପାଣିଗ୍ରାହୀ, ଆଲୋକ ଜେମ୍ସ,ଜିତୁ ମାନହୀରା,ମୌସମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଓମ୍ ଶାନ୍ତି ଯୋଗ ପୀଠର ସାଧାରଣ ସଭା

ବଲାଙ୍ଗିର,୧୬/୦୫ (ନି.ପ୍ର): ସ୍ଥାନୀୟ ବାସୁଦେବ ଭବନ ପରିସରରେ (ସରକାରୀ ବାଳିକା ବିଦ୍ୟାଳୟ ର ସମାନା) ରେ ଓମ୍ ଶାନ୍ତି ଯୋଗ ପୀଠର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାପତିଙ୍କ ଅନୁପସ୍ଥିତିରେ ବରିଷ୍ଠ ସଭ୍ୟ ମଦନ ଗୋପାଳ ଅଗ୍ରୱାଲ ସଭା ପରିଚାଳନା କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପାଂଚ ଜଣ ସଭ୍ୟ ନିରଞ୍ଜନ ହୋତା, ସୌକିଲାଲ ହୋତା, ଜୟ ନାରାୟଣ ହୋତା, ମହାବୀର ପ୍ରସାଦ ଅଗ୍ରୱାଲ ଓ ଶ୍ରୀ ଅମରେନ୍ଦ୍ର ମିଶ୍ରଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

# ଦୁଧୌରି

ବିହାର ଓ ଝାଡ଼ଖଣ୍ଡର ଏକ ଲୋକପ୍ରିୟ ପିଠା ଦୁଧୌରି । ପର୍ବପର୍ବାଣି ଅବସରରେ ଏହି ସୁସ୍ୱାଦୁ ପିଠା ପ୍ରାୟ ପ୍ରତ୍ୟେକ ପରିବାରରେ ପ୍ରସ୍ତୁତ ହୋଇଥାଏ । ତେବେ ଏହି ପିଠା ପ୍ରସ୍ତୁତ କରିବା ପଛରେ ବି ଏକ କାହାଣୀ ରହିଛି । କୁହାଯାଏ ନୂଆ ଧାନ ଅମଳ ପରେ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନୂଆ ଚାଉଳରେ ପିଠା ପ୍ରସ୍ତୁତ କରାଗଲେ ବର୍ଷ ସାରା ସୁଖସମୃଦ୍ଧି ପ୍ରାପ୍ତ ହୋଇଥାଏ । ବିଶେଷକରି ଝାଡ଼ଖଣ୍ଡରେ ନୂତନ ଧାନ ଅମଳ ହେଲା ପରେ ଘରେ ଘରେ ପ୍ରସ୍ତୁତ ହୋଇଥାଏ ଦୁଧୌରି । କାରଣ ନୂଆ ଧାନରୁ ତିଆରି ହୋଇଥିବା ଚାଉଳରେ ଏକ ଭିନ୍ନ ମିଠାପଣ ଥାଏ । ଝାଡ଼ଖଣ୍ଡର ଅଧିକାଂଶ ରେସିପି ଚାଉଳରେ ପ୍ରସ୍ତୁତ ହେଉଥିଲା ବେଳେ ଦୁଧୌରି ବା ବାଦ୍ ପଡ଼ିବ କିପରି । ଦୁଧୌରି ତିଆରି ହେବାର ମୁଖ୍ୟ ଉପାଦାନ ହେଉଛି ଅରୁଆ ଚାଉଳ, କ୍ଷୀର ଏବଂ ଚିନି । ଏହାକୁ ପ୍ରସ୍ତୁତ କରିବା ପାଇଁ ସେତେ ଅଧିକ ସମୟ ଲାଗେ ନାହିଁ । ଏହା ଏକ ସହଜରେ ତିଆରି ହୋଇପାରୁଥିବା ପିଠା । ସ୍ୱାଦ ମିଠା ହୋଇଥିବାରୁ ଅନ୍ୟ ରାଜ୍ୟର ଲୋକମାନେ ଦୁଧୌରିକୁ ଏକ ମିଠା ବୋଲି ଭାବନ୍ତି । କିନ୍ତୁ ଏହା ମିଷ୍ଟାନ୍ନ ଶ୍ରେଣୀରେ ଆସେ ନାହିଁ । ଶୀତଦିନ ନୂଆ ଧାନ ଅମଳ ପରେ ପରେ ସେଥିରୁ ପ୍ରସ୍ତୁତ ଚାଉଳରେ ତିଆରି ହୋଇଥିବା ଦୁଧୌରିର ସ୍ୱାଦ ଖୁବ ବଢ଼ିଆ । ସ୍ଥଳ ବିଶେଷରେ ଏହାକୁ ତିଆରି କରିବାର ପଦ୍ଧତି ସାମାନ୍ୟ ଭିନ୍ନତା ଦେଖିବାକୁ ମିଳିଥାଏ । ତେବେ ସ୍ୱାଦ ପ୍ରାୟ ସମାନ ଲାଗିଥାଏ । ଆସନ୍ତୁ ଜାଣିବା ଦୁଧୌରି କିପରି ତିଆରି କରାଯାଏ ।




**ପ୍ରସ୍ତୁତି :**

ଦୁଧୌରି ତିଆରି କରିବା ପାଇଁ ପ୍ରଥମେ କ୍ଷୀର ଦରକାର । ନାଁରୁ ହିଁ ଏକଥା ଜଣାପଡୁଛି । ଏହା ବ୍ୟତୀତ ଆଉ ଯେଉଁ ଜିନିଷଟି ଦରକାର ତାହା ହେଲା ଅରୁଆ ଚାଉଳ । ଚାଉଳ ନୂଆ ହୋଇଥିଲେ ଆହୁରି ବଢ଼ିଆ । ଯେଉଁମାନେ ପ୍ରଥମ ଥର ପାଇଁ ପ୍ରସ୍ତୁତ କରିବାକୁ ଯାଉଛନ୍ତି ସେମାନେ ଅଳ୍ପ ପରିମାଣର କ୍ଷୀର କ୍ଷ ଚାଉଳ, ଚିନି ନେଇ ଏହାକୁ ପ୍ରସ୍ତୁତ କରିବା ଦରକାର । ଭାଗମାପ ବିଗିଡ଼ିଗଲେ ହୁଏତ ସବୁ ଖରାପ ହୋଇଯିବ । ଦୁଧୌରି ପ୍ରସ୍ତୁତ ପାଇଁ କ୍ଷୀର ଅଧା ଲିଟର, ଅରୁଆ ଚାଉଳ ଅଧା କପ୍, ଚିନି ଅଧା କପ୍, ବେକିଂ ସୋଡ଼ା ଅଧା ଚାମଚ, ଗୁଜୁରାତି ଗୁଣ୍ଡ ଅଧା ଚାମଚ, ମଇଦା ୧ ବଡ଼ ଚାମଚ, ଛାଣିବା ପାଇଁ ରିଫାଇନ ତେଲ ବା ଘିଅ । ଏଥର ଆସନ୍ତୁ ଜାଣିବା ଏହାକୁ କିପରି ପ୍ରସ୍ତୁତ କରାଯାଏ । ସବୁଠୁ ପ୍ରଥମେ ଏକ ଡେକ୍‌ଚିରେ ବା ତଳ ମୋଟା ଥିବା ଯେକୌଣସି ପାତ୍ରରେ କ୍ଷୀର ସିଝାଇବେ । କ୍ଷୀର ଭଲ କରି ଫୁଟିଆସିଲେ ସେଥିରେ ଅରୁଆ ଚାଉଳକୁ ଧୋଇ ସେଥିରେ ମିଶାଇବେ । କ୍ଷୀରରେ ମିଶାଇବାର ଅଧ ଘଣ୍ଟା ଆଗରୁ ଚାଉଳକୁ ବତୁରାଇ ରଖିଥିଲେ ଆହୁରି ଭଲ । ଚାଉଳ ମିଶାଇଲା ପରେ ପରେ ତୁରନ୍ତ କ୍ଷୀରରେ ଗୁଜୁରାତି ଗୁଣ୍ଡ ବି ମିଶାଇ ଦେବେ । ଯେତେବେଳେ ଦେଖିବେ କ୍ଷୀରରେ ଚାଉଳ ଭଲ କରି ସିଝି ବହଳିଆ ହୋଇଆସିବ ସେତେବେଳେ ଗ୍ୟାସ୍ ବନ୍ଦ କରିଦେବେ । ଥଣ୍ଡା ହେବା ପାଇଁ କିଛି ସମୟ ଛାଡ଼ିଦେବେ । ଦେଖିବେ ଯେତେବେଳେ ଏହି ମିଶ୍ରଣ ଭଲ କରି ଥଣ୍ଡା ହୋଇଯିବ ଏହାକୁ ହାତରେ ଭଲ କରି ଚକଟିଦେବେ ନହେଲେ ମିକ୍ସିରେ ବାଟି ନେବେ । ଚକଟିଲା ବେଳେ କିମ୍ବା ମିକ୍ସିରେ ଦେଲା ବେଳେ ସେଥିରେ ମଇଦା ଏବଂ ବେକିଂ ପାଉଡ଼ର ମଧ୍ୟ ମିଶାଇ ଦେବେ । ଭଲ କରି ବାଟି ହୋଇଗଲା ପରେ ନିଜ ମନ ପସନ୍ଦର ପିଠା ଆକୃତିରେ ଏଗୁଡ଼ିକୁ ଗଢ଼ିବେ । ଗୋଲ୍ କରିପାରନ୍ତି ନହେଲେ ଟିକେ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିବା ବେଳେ ଆଉ ଏକ ପାତ୍ରରେ ଘିଅ କିମ୍ବା ରିଫାଇନ ତେଲକୁ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିଲା ବେଳେ ଆଉ ଏକ କରେଇରେ ବହଳିଆ ସିରା ପ୍ରସ୍ତୁତ କରିନେବେ । ତେବେ ଅତ୍ୟଧିକ ବହଳିଆ କି ଅତି ପତଳା ସିରା କରିବେ ନାହିଁ । ସିରା ପ୍ରସ୍ତୁତ ହୋଇଗଲେ ତେଲରୁ ଛାଣି ରଖିଥିବା ପିଠାଗୁଡ଼ିକୁ ସିରାରେ ମିଶାଇ ୨୦ରୁ ୨୫ ମିନିଟ ପର୍ଯ୍ୟନ୍ତ ଛାଡ଼ିଦେବେ । ପ୍ରସ୍ତୁତ ହୋଇଯିବ ସୁସ୍ୱାଦୁ ଦୁଧୌରି । ଏହାପରେ ସିରାରୁ କାଢ଼ି ପରବେଷଣ କରିବେ । ଯଦି ଏହାର ସ୍ୱାଦ ବଢ଼ାଇବାକୁ ଚାହୁଁଥିବେ ତେବେ ଏହା ଉପରେ ଥଣ୍ଡା ରାବିଡ଼ି ପକାଇ ପରିବେଷଣ କରିବେ ।

# ଅତିଥି କକ୍ଷ ସୁନ୍ଦର୍ ଦେଖାଯିବା ନିମନ୍ତେ ଏମିତି କରନ୍ତୁ

ଘରେ ଗେଷ୍ଟରୁମ୍ ବା ଅତିଥିମାନଙ୍କ ପାଇଁ ଉଦ୍ଦିଷ୍ଟ କକ୍ଷଟି ସ୍ୱାତନ୍ତ୍ର୍ୟ ବହନ କରିଥାଏ । ଯେମିତି ଖୁସିରେ ଅତିଥିଙ୍କୁ ସ୍ୱାଗତ କରାଯାଏ ସେହି ଉତ୍ସାହରେ ସେମାନଙ୍କ ପାଇଁ ରଖିବା କକ୍ଷଟି ସଜାଇଥିଲେ ଅତିଥି ସେଠାରେ ଆଦୌ ଅସହଜ ବୋଧ କରିବେ ନାହିଁ । ଅତିଥି କକ୍ଷଟି ଯେପରି ଆରାମଦାୟକ ହୋଇଥିବ, ଏକଥା ସବୁବେଳେ ଲକ୍ଷ୍ୟ ରଖିଥିବା ଉଚିତ ।

ଅତିଥି କକ୍ଷ ସବୁବେଳେ ଈଷତ୍ ଧଳା, କ୍ରିମ, ହାଲକା ନୀଳ ଆଦି ରଙ୍ଗରେ ସଜାଯାଇଥିବା ଭଲ । କାରଣ ପ୍ରାୟତଃ ଅତିଥି ଦୂରଯାତ୍ରା କରି କ୍ଳାନ୍ତ ହୋଇ ଆସିଥାନ୍ତି । ତେଣୁ ହାଲକା ରଙ୍ଗ ତାଙ୍କ ଆଖିକୁ ଆରାମ ଦେଇଥାଏ । କକ୍ଷରେ ବ୍ୟବହୃତ ଚାଦର, ପରଦା ଆଦି ଏକାରଙ୍ଗର ହେଲେ କକ୍ଷଟି ଆହୁରି ସୁନ୍ଦର ଦେଖାଯିବ । ସାଜସଜ୍ଜା ଏପରି ହେବା ଉଚିତ ଯେମିତି ତାହା ହୋଟେଲ ରୁମ ପରି ନଲାଗି ଘରୋଇ ଦେଖାଯାଉଥିବ । ଅଧିକ ଫର୍ଣ୍ଣିଚର ନରଖି ଫାଙ୍କା ଜାଗା





ରଖନ୍ତୁ ଯେମିତି କି ତା ଭିତରେ ଚଳାଚଳ କରିବାରେ ଅତିଥିଙ୍କର କୌଣସି ସମସ୍ୟା ହେବ ନାହିଁ ଏବଂ କକ୍ଷଟି ଖୋଲା ଲାଗୁଥିବ । ଘରର କୌଣସି ପୁରୁଣା ବା ଅବ୍ୟବହୃତ ଜିନିଷ ଗେଷ୍ଟରୁମରେ ରଖି ଏହାକୁ ଷ୍ଟୋରରୁମ କରନ୍ତୁ ନାହିଁ । ଅତିଥି ତାଙ୍କ ପୋଷାକପତ୍ର ତଥା ଅନ୍ୟାନ୍ୟ ଜିନିଷ ରଖିବା ଲାଗି ସେଠାରେ ଏକ ଆଲମାରି ନିଶ୍ଚୟ ରଖନ୍ତୁ । ଏହା ଡ୍ରେସିଂ ଟେବୁଲ ସହ ଲାଗି ରହିପାରେ, ନଚେତ ଏକ ବଡ଼ ଆଇନା ଥିବା ଆଲମାରି ମଧ୍ୟ ରଖାଯାଇପାରେ । ଅତିଥି ବାହାରକୁ ଯିବାବେଳେ ତାଙ୍କୁ ପ୍ରସ୍ତୁତ ହେବାରେ ଏହି ଆଇନା ସାହାଯ୍ୟ କରିବ । ଗୋଟିଏ ଛୋଟ ଡଷ୍ଟବିନ୍, ଟେବୁଲ କିମ୍ବା କାନ୍ଥ ଘଣ୍ଟା ସେହି କକ୍ଷରେ ରହିବା ଜରୁରୀ । ଚାହିଁଲେ ଫୁଲଦାନିରେ ସଜାଇ ପାରନ୍ତି । କିଛି ବହି ତଥା ପତ୍ରପତ୍ରିକା ମଧ୍ୟ ରଖାଯାଇପାରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେହି କକ୍ଷଟି ଯେପରି ଅନ୍ଧାରୁଆ ନହୋଇ ଭଲଭାବେ ଆଲୋକିତ ହୋଇପାରୁଥିବ । ନାଇଟ ଲ୍ୟାମ୍ପର ବି ବ୍ୟବସ୍ଥା କରାଯାଇପାରେ ।

# ଗୁଏଟାମାଲାର୍ ରଙ୍ଗୀନ ସମାଧିସ୍ଥଳ

ଗୁଏଟାମାଲା ସଂସ୍କୃତିରେ ମୃତ୍ୟୁ ପରବର୍ତ୍ତୀ ଜୀବନକୁ ଅତି ଉଚ୍ଚ ସ୍ଥାନ ଦିଆ ଯାଇଥାଏ । ଆଜି ବି ଏହି ଦେଶର ଅଧିକାଂଶ ଲୋକ ପରଜନ୍ମରେ ବିଶ୍ୱାସ କରନ୍ତି । ସେମାନଙ୍କର ଏହି ବିଶ୍ୱାସର ଝଲକ ପ୍ରତିଫଳିତ ହୋଇଥାଏ ସେହି ଦେଶର ସମାଧି ସ୍ଥଳଗୁଡ଼ିକରେ । ବିଶେଷକରି ଗୁଏଟାମାଲାର ଗାଁ ଓ ଛୋଟ ସହରଗୁଡ଼ିକର ଶେଷ ପ୍ରାନ୍ତରେ ଥିବା ସମାଧିସ୍ଥଳଗୁଡ଼ିକୁ ଦେଖିଲେ ବୁଝିହୁଏ ସେ ଦେଶର ଲୋକମାନେ ପରଜନ୍ମ ଉପରେ କେତେ ଅଧିକ ବିଶ୍ୱାସ କରନ୍ତି । କାରଣ ସେହିସବୁ ସମାଧିସ୍ଥଳରେ ଥିବା ପ୍ରତ୍ୟେକଟି ଛୋଟ ବଡ଼ ସମାଧି ସ୍ତୁପକୁ ବିଭିନ୍ନ ରଙ୍ଗରେ ରଙ୍ଗୀନ କରାଯାଇଥାଏ । ଭିନ୍ନ ଦେଶରୁ ଯାଇଥିବା କିମ୍ବା ଗୁଏଟମାଲା ସଂସ୍କୃତି ସହିତ ଅପରିଚିତ ଲୋକମାନେ ପ୍ରଥମ ଥର ପାଇଁ ଏହିଭଳି ସମାଧିସ୍ଥଳ ଦେଖି ଭ୍ରମରେ ପଡ଼ିଯାଆନ୍ତି ଯେ ତାହା ସମାଧି ସ୍ଥଳ ନା ସାଧାରଣ ଲୋକଙ୍କ ବାସୋପଯୋଗୀ ସ୍ଥାନ । ଗୁଏଟାମାଲାରେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ବନ୍ଧୁ ଓ ପରିବାର ଲୋକ ମୃତ ବ୍ୟକ୍ତିଙ୍କର ସବୁଠୁ ପ୍ରିୟ ରଙ୍ଗରେ ସମାଧି ସ୍ତୁପକୁ ରଙ୍ଗୀନ କରିଥାଆନ୍ତି । ଏହି ଉପାୟରେ ସେମାନେ ନିଜ ପ୍ରିୟଜନଙ୍କୁ ମନେ ରଖିଥାଆନ୍ତି । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏହି ଦେଶର ସୋଲୋଲା, ସିସିକାଷ୍ଟେନାଙ୍ଗୋ ଏବଂ ଜେଲା



ଭଳି ସମାଧି ପୀଠଗୁଡ଼ିକ ପର୍ଯ୍ୟଟନ ସ୍ଥଳୀ ପାଲଟିଛି । ପ୍ରତିବର୍ଷ ନଭେମ୍ବର ୧ ତାରିଖରେ ଏହି ସମାଧି ସ୍ଥଳଗୁଡ଼ିକ ଜନଗହଳିରେ ଭରି ଉଠେ । ହଜାର ହଜାରର ଲୋକ ନିଜ ପ୍ରିୟଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସମାଧିସ୍ଥଳରେ ଏକତ୍ରିତ ହୋଇଥାଆନ୍ତି । ସ୍ଥାନୀୟ ଲୋକମାନେ ଯେତେ ଅଧିକ ସମ୍ଭବ ରଙ୍ଗୀନ ପୋଷାକ ପରିଧାନ କରି ସମାଧି ସ୍ଥଳରେ ଏକାଠି ହୋଇ ସମାଧି ସ୍ତୁପଗୁଡ଼ିକୁ ଫୁଲରେ ସଜାଇ ଥାଆନ୍ତି । ଏହାପରେ ସମାଧି ସ୍ଥଳ ଆଖପାଖରେ ହିଁ ପିକନିକ୍‌ର ଆୟୋଜନ କରିଥାଆନ୍ତି । ପୁଣି ଆଉ କେତେକ ସମାଧି ସ୍ଥଳରେ ଏହି ଦିନ ବିଶାଳ ଆକାରର ରଙ୍ଗୀନ ଗୁଡ଼ି ଉଡ଼ାଇବାର ପରମ୍ପରା ଆଜି ବି ପାଳିତ ହୋଇଥାଏ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଯେ ଏହି ରଙ୍ଗୀନ ଗୁଡ଼ି ମାଧ୍ୟମରେ ସେମାନେ ନିଜ ମନକଥା ଲେଖି ମୃତ ପ୍ରିୟଜନଙ୍କ ପାଖରେ ପହଞ୍ଚାଇ ପାରିବେ ।

# ଧାରୁଆ ଛୁରୀ ପ୍ରକୃତରେ ମାରାତ୍ମକ ନୁହେଁ

ଯଦି କେହି ଚକ୍‌ଚକ୍ ଦେଖା ଯାଉଥିବା ଧାରୁଆ ଛୁରୀ ଦେଖାଏ, ଆମେ ସମସ୍ତେ ଭୟଭୀତ ହୋଇଯାଉ । ଏହା ସମ୍ପୂର୍ଣ୍ଣ ଭାବରେ ସତ୍ୟ । ଅପରାଧିକ କାମକୁ ଛାଡ଼ିଦେଲେ ଧାରୁଆ ଛୁରୀ ବ୍ୟବହାର ଅର୍ଥରେ କିନ୍ତୁ ବେଶି ନିରାପଦ । ଧାରୁଆ ଛୁରୀରେ ଯେକୌଣସି ଜିନିଷ କାଟିଲେ ବିପଦର ଆଶଙ୍କା କମ ଥାଏ । କାରଣ ଧାରୁଆ ଛୁରୀ ଦ୍ୱାରା ଅଳ୍ପ ବଳ ଖର୍ଚ୍ଚରେ ଜିନିଷଟିକୁ ସହଜରେ କାଟି ହୁଏ । କିନ୍ତୁ ଧାର ନଥିବା ଛୁରୀରେର କାଟିଲେ ଏହା ଅଧିକ ବିପଦପୂର୍ଣ୍ଣ ହୋଇଥାଏ । ଜିନିଷଟି ଭଲ ଭାବରେ ନକଟି ବଙ୍କାତେଢ଼ା ହୋଇ କଟିଥାଏ, ଯାହା ଅନେକ ସମୟରେ ଆଘାତ ମଧ୍ୟ ଦେଇଥାଏ । ଏମିତି ବି ହୋଇଥାଏ ତାହା ଯୋଗୁଁ ଗଭୀର କ୍ଷତ ସୃଷ୍ଟି କରିଥାଏ । ଏହି ଉକ୍ତି ସହିତ ବୈଜ୍ଞାନିକ କାରଣ ବି ନିହିତ ଅଛି ।



# ଭିନ୍ନ ଅବସରରେ ଭିନ୍ନ ଫ୍ୟାଶନ୍

**ଫ୍ୟାଶନେବଲ୍ ପୋଷାକ ପିନ୍ଧିବା ସମସ୍ତଙ୍କ ଭଲ ଲାଗେ । ତେବେ ସମାନ ଡିଜାଇନ୍‌ର ପୋଷାକ ପରିଧାନ କରି ସବୁ ଜାଗାକୁ ଗଲେ ହୁଏତ ଦୃଷ୍ଟିକଟୁ ମନେ ହୋଇପାରେ । ଉତ୍ସବ, ପାର୍ଟି, ଟୁର୍, ଆଉଟିଙ୍ଗ୍, ପର୍ବପର୍ବାଣୀ ଭଳି ଅବସରକୁ ଦୃଷ୍ଟିରେ ରଖି ସେହି ଅନୁସାରେ ପୋଷାକ ପିନ୍ଧିଲେ ଭଲ ଦେଖାଯାଏ । ବିଶେଷ ଅବସରରେ ଆପଣଙ୍କ ପୋଷାକ କିପରି ହେବା ଦରକାର ଜାଣନ୍ତୁ ଟିପ୍ସ ।**



**କଲେଜ ଫେଷ୍ଟ :**

ଡଙ୍ଗରିଜ୍, ଜମ୍ପସୁଟ, ପଲାଜୋ କଲେଜ ପଢୁଆ ଝିଅମାନଙ୍କ ପାଇଁ ଭଲ ଲାଗିବ । ଏହି ଷ୍ଟାଇଲ୍‌କୁ କଲେଜ୍ ଫେଷ୍ଟରେ ସାମିଲ କରାଯାଇପାରିବ । ଡଙ୍ଗରିଜ୍ କୁଲ୍ ଲୁକ୍ ଦେବା ସହିତ ଆରାମଦାୟକ ହୋଇଥାଏ । ଫୁଲ୍ ସ୍ଲିଭ୍ ଟପ୍ କିମ୍ବା ଟି ସାର୍ଟ ସହିତ କ୍ୟାରି କରିପାରିବେ । ଜମ୍ପସୁଟ ପିନ୍ଧୁଥିଲେ, ଫ୍ଲୋରାଲ ଜମ୍ପସୁଟ୍ ନିଅନ୍ତୁ । ଷ୍ଟାଇଲିଶ୍ ଦେଖାଯିବା ପାଇଁ ସନଗ୍ଲାସ୍ ଲଗାଇବା ଭୁଲନ୍ତୁ ନାହିଁ ।

**ବିବାହ :**

ସାଙ୍ଗ ବାହାଘରରେ ଯୋଗ ଦେବା ପୂର୍ବରୁ ପୋଷାକକୁ ନେଇ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ ଆପଣ କରୁଥିବେ । ଯଦି ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯିବାକୁ ଚାହୁଁଥିବେ କାଜୁଆଲ୍ ବ୍ଲାକ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧନ୍ତୁ । ଏହାକୁ ଗ୍ଲାଡିଏଟର୍ ସ୍ୟାଣ୍ଡେଲ ସହିତ କ୍ୟାରି କରନ୍ତୁ । ଗ୍ଲାମ୍ ଲୁକ୍ ଦେବାରେ ଏତିକି ଯଥେଷ୍ଟ । ଆଜିକାଲି ଗାଉନ୍ ଟ୍ରେଣ୍ଡ ଅଧିକ । ବିବାହ ପାର୍ଟିରେର ନେଟ୍, ଫିସ୍‌କଟ୍, ଏ ଲାଇନ୍ ଗାଉନ୍ ପିନ୍ଧିପାରିବେ ।

**ଜନ୍ମଦିନ ପାର୍ଟି:**

ଯଦି ପାର୍ଟି ଥିମ୍ ବେସଡ୍ ତା' ହେଲେ ଅଧିକ ଚିନ୍ତା କରିବାର ନାହିଁ । କିନ୍ତୁ ପାର୍ଟି ଯଦି ଥିମ୍ ବେସଡ୍ ନୁହେଁ, ତା'ହେଲେ ଆପଣର କାଜୁଆଲ ୱିୟର ସହିତ ପିନ୍ଧିପାରିବେ । କୁଲ ଲୁକ୍ ଦେଇଥାଏ ।



**ଆଉଟିଙ୍ଗ୍ :**

ଯଦି ସି ବିଚ୍ ବୁଲି ଯାଉଛନ୍ତି ତା'ହେଲେ ଡେନିମ ସାର୍ଟ, ହାଫ୍ ପ୍ୟାଣ୍ଟ, ସର୍ଟସ୍ ଷ୍ଟାଇଲ ଭଲ ମାନିଥାଏ । ହିଲ୍ ଷ୍ଟେସନ୍ ଟୁର୍ କରୁଥିଲେ ଉଲେନ୍ ଟପ୍ ସହିତ ଜିନ୍ସ, ଟ୍ରାଉଜର ଏବଂ ଉଲେନ କୁର୍ତ୍ତି ୱିଥ୍ ଷ୍ଟୋଲ୍ ପିନ୍ଧିପାରିବେ । ସେଇ ସ୍ଥାନ ହିସାବରେ ନିଜକୁ ଷ୍ଟାଇଲିଶ୍ କରିପାରିବେ ।



**ଧ୍ୟାନ ଦିଅନ୍ତୁ:**

-ଅନ୍ୟମାନଙ୍କୁ ଦେଖି ସମାନ ଡିଜାଇନ୍ ପୋଷାକ ପିନ୍ଧନ୍ତୁ ନାହିଁ ।

-ଏମିତି ଆଉଟଫିଟ୍ ପିନ୍ଧନ୍ତୁ ଯାହା ଆପଣଙ୍କୁ ଆରାମ ଦେଉଥିବ । ନହେଲେ ସବୁଥରର ଆପଣଙ୍କ ଧ୍ୟାନ ପୋଷାକ ଠିକ୍ କରିବାରେ ଚାଲିଯିବ ।

-ଡାର୍କ ମେକଅପ୍ କରନ୍ତୁ ନାହିଁ । ଲାଇଟ୍ ମେକଅପ୍‌ରେ ବି ସୁନ୍ଦର ଲାଗିବେ ।

-ଅଧିକ ଟାଇଟ୍‌ଫିଟ୍ ପୋଷାକ ଆଦୌ ନୁହେଁ ।

# ପଶୁଙ୍କ ଦାନ୍ତ ପୋକ କାଟେନି

ଆମେ ସକାଳୁ ଉଠିଲେ ଦାନ୍ତ ଘଷୁ । ଅନେକ ଲୋକ ରାତିରେ ବିଛଣାକୁ ଯିବା ପୂର୍ବରୁ ଆଉଥରେ ଦାନ୍ତ ଘଷନ୍ତି । ଦାନ୍ତର ଯତ୍ନ ନେବା ପାଇଁ ଏପରି କରାଯାଏ । ନଚେତ୍ ଦାନ୍ତ ପୋକ କାଟି କିମ୍ବା ବିଭିନ୍ନ ରୋଗରେ ସଂକ୍ରମିତ ହୋଇ ନଷ୍ଟ ହୋଇଯାଏ । ମଣିଷ ସିନା ତା' ଦାନ୍ତର ଯତ୍ନ ନିଏ, ପଶୁମାନେ କ'ଣ ତାହା କରନ୍ତି କି ? ତଥାପି ସେମାନଙ୍କ ଦାନ୍ତ ପୋକ କାଟେନି, ଭଲ ରହେ କେମିତି ?



ଜୀବାଣୁଜନିତ ସଂକ୍ରମଣ କାରଣରୁ ଦାନ୍ତ ପୋକ କାଟେ । ଦାନ୍ତ ସନ୍ଧିରେ ରହୁଥିବା ଖାଦ୍ୟ କଣିକାରୁ ଜୀବାଣୁ ଉତ୍ପନ୍ନ ହୋଇ ଦାନ୍ତ କ୍ଷୟର କାରଣ ହୁଏ । ଏହି ଖାଦ୍ୟ କଣିକାରେ ଥିବା ଷ୍ଟାର୍ଚ ଜାତୀୟ ଖାଦ୍ୟସାରକୁ ଖାଇ ବୀଜାଣୁମାନେ ବଞ୍ଚନ୍ତି । ବୀଜାଣୁ ଷ୍ଟାର୍ଚକୁ ଗ୍ଲୁକୋଜରେ ପରିଣତ କରି ଲ୍ୟାକ୍ଟିକ ଏସିଡ୍ ସୃଷ୍ଟି କରନ୍ତି । ଏହି ଲ୍ୟାକ୍ଟିକ୍ ଏସିଡ୍ ଦାନ୍ତର ମୀନା (ଏନାମେଲ)କୁ ନଷ୍ଟ କରିଦିଏ । ଯାହାଫଳରେ ଦାନ୍ତକ୍ଷୟ ହୋଇଥାଏ ।

ଆମେ ମୁଖ୍ୟତଃ ଭାତ ଓ ରୁଟି ଖାଉଥିବାରୁ ଏବଂ ସେଥିରୁ ପ୍ରଚୁର ଷ୍ଟାର୍ଚ ଥିବାରୁ ଆମଠାରେ ଦାନ୍ତକ୍ଷୟ ଦେଖାଯାଏ । କିନ୍ତୁ ପଶୁମାନେ ଷ୍ଟାର୍ଚ ଥିବା ଖାଦ୍ୟ କମ୍ ଖାଆନ୍ତି । ତୃଣଭୋଜୀ ପଶୁମାନେ ଖାଉଥିବା ଘାସ ପତ୍ରରେ ସେଲ୍ୟୁଲୋଜ୍ ଥାଏ । ଦାନ୍ତମୂଳରେ ଦେଖାଯାଉଥିବା ବୀଜାଣୁ ସେଲ୍ୟୁଲୋଜରେ ବଞ୍ଚିପାରିବେ ନାହିଁ । କାରଣ ସେଲ୍ୟୁଲୋଜକୁ ବିଘଟନ କରି ଗ୍ଲୁକୋଜ୍‌ରେ ପରିଣତ କରିବା ନିମନ୍ତେ ଦରକାର ପଡୁଥିବା ଏନଜାଇମ୍ ଏକ ପ୍ରକାର ବୀଜାଣୁଙ୍କର ନାହିଁ । ମାଂସାଶୀ ପ୍ରାଣୀଙ୍କ ଖାଦ୍ୟରେ କମ୍ ପରିମାଣରେ ଷ୍ଟାର୍ଚ ଥାଏ । ଏଣୁ ପଶୁମାନଙ୍କର ଦାନ୍ତ ସନ୍ଧିରେ ଖାଦ୍ୟ କଣିକା ରହିଲେ ମଧ୍ୟ ବୀଜାଣୁମାନେ ସେମାନଙ୍କ ଦାନ୍ତ ନଷ୍ଟ କରି ପାରନ୍ତି ନାହିଁ । ଏହାଛଡ଼ା ପଶୁମାନଙ୍କ ଦାନ୍ତ ମଣିଷଙ୍କ ଭଳି ସୁନ୍ଦର ଭାବରେ ସଜ୍ଜିତ ନହୋଇ ବେସାଇଜ ହୋଇଥିବାରୁ ଏହା ସନ୍ଧିରେ ଖାଦ୍ୟ କଣିକା ଜମିପାରେ ନାହିଁ କି ବୀଜାଣୁ ସୃଷ୍ଟିର କାରଣ ହୁଏ ନାହିଁ । ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନଙ୍କର ଦାନ୍ତ ସାଇଜ୍ ନଥାଏ ସେମାନଙ୍କନ୍ର ଦାନ୍ତ କ୍ଷୟ ବା ପୋକ କାଟିବା ତୁଳନାତ୍ମକ ଦୃଷ୍ଟିରୁ କମ୍ ଦେଖାଯାଏ । ଅବିକା ପଶୁମାନଙ୍କଠାରେ କେଳେ ବେଳେ ଦାନ୍ତକ୍ଷୟ ଦେଖାଯାଏ । କିନ୍ତ ସେମାନଙ୍କ ବିଶେଷ କ୍ଷତି କରିବା ଦେଖାଯାଏ ନାହିଁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୭ ମଇ ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତରେ ଭୀଷଣ ରୂପ...

ଏପ୍ରିଲ ମାସର ମୁଦ୍ରାସ୍ଫୀତି ମାର୍ଚ୍ଚ ମାସର ମୁଦ୍ରାସ୍ଫୀତି ଅପେକ୍ଷା ୬.୦୫ ପ୍ରତିଶତ ଅଧିକ ହେବ, ଏକଥା ଅନେକ ଅର୍ଥନୀତିଜ୍ଞ ଅନୁମାନ କରୁଥିଲେ; ବିଶେଷକରି ମେ' ୪ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ନୀତି କମିଟି ଅସମୟରେ ବୈଠକ ଆହୂତ କରି ସୁଧହାର ବୃଦ୍ଧି କରିବା ପରେ। ତା'ସତ୍ତ୍ୱେ ଏପ୍ରିଲ ମାସରେ ଖାଉଟି ମୂଲ୍ୟ ସୂଚକାଙ୍କରେ ୭.୭୯ ପ୍ରତିଶତ ବୃଦ୍ଧି ଘଟିବା ଅର୍ଥନୀତି ବିଶ୍ଳେଷକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏହାପରେ ତା' ହେଲେ କଣ ଘଟିବ? ପୂର୍ବାନୁମାନ କରିବାର ସର୍ବାଧିକ ସମ୍ଭାବନା ହେଉଛି, ଜୁନ୍ ମାସର ପ୍ରାରମ୍ଭରେ ପୁଣିଥରେ ଯେତେବେଳେ ଏମ୍‌ପିସିର ବୈଠକ ବସିବ, ସେତେବେଳେ ଆଉଥରେ ସୁଧହାରରେ ବୃଦ୍ଧି ଘଟିବ। କିନ୍ତୁ ଆର୍ଥିକ କଟକଣା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବ କି? ଏହି ଦୃଷ୍ଟିକୋଣରୁ ବିବେଚନା କଲେ ସଂଶୟବାଦୀ ହେବାର ଯଥେଷ୍ଟ କାରଣ ରହିଛି। ସୁଧହାରରେ ବୃଦ୍ଧି କରାଯିବା ଅଶୋଧିତ ତୈଳ ଦରରେ ହ୍ରାସକୁ ଆମନ୍ତ୍ରଣ କରିବାକୁ ଯାଉନାହିଁ। ଅଶୋଧିତ ତୈଳର ବ୍ୟାରେଲ ପିଛା ଦର ୭୦ରୁ ୭୫ ଡଲାର ରହିବ ବୋଲି ଚଳିତ ବର୍ଷର କେନ୍ଦ୍ର ବଜେଟ୍‌ରେ ଆଶା କରାଯାଇଥିଲା। କିନ୍ତୁ ବିଗତ କେତେ ମାସ ଧରି ତାହା ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ରହି ଆସୁଛି ଏବଂ ଚୀନରେ ସମ୍ପ୍ରତି ମହାକାରୀ କୋଭିଡ୍-୧୯ର ଯେଉଁ ଲହର ଚାଲୁ ରହିଛି, ତାହା କମିଯିବା ମାତ୍ରେ ଏହି ଦର ଆହୁରି ଅଧିକ ହେବାର ଆଶଙ୍କା ରହିଛି। ସେହିଭଳି ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟ ଦିଗରେ ମଧ୍ୟ ସମାନ ଧରଣର ଅନ୍ୟ ଏକ ଦ୍ୱନ୍ଦ୍ୱ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଅପେକ୍ଷା କରି ରହିଛି। ଚାଷ କରିବାର ମୂଲ୍ୟ ବେଳକୁ ବେଳ ବଢ଼ି ଚାଲିଥିବାବେଳେ ସମଗ୍ର ବିଶ୍ୱରେ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇଁ ଚାଲିବା ଚାଷୀମାନଙ୍କ ପାଇଁ ଏକ ଅପ୍ରତ୍ୟାଶିତ ବୀମା ଭଳି ଆବିର୍ଭୂତ ହୋଇଛି। କିନ୍ତୁ ପରିତାପର ବିଷୟ, ଚିରାଚରିତ ଭାବରେ ସବୁ ବର୍ଷ ଯେଉଁଭଳି ଭାବରେ ଦେଶରେ ଉତ୍ତାପ ଲହରୀ ପ୍ରବାହିତ ହୋଇଥାଏ ଏବଂ ଯେଉଁ ସମୟରେ ହୋଇଥାଏ, ସେଥିରେ ଚଳିତବର୍ଷ ବ୍ୟତିକ୍ରମ ଦେଖା ଦେଇଥିବାରୁ ଗହମ ଭଳି ଗୁରୁତ୍ୱପୂର୍ଣ୍ଣ ଫସଲର ଅମଳ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଛି। ତେଣୁ ଭାରତ ବର୍ତ୍ତମାନ ଏକ ଦୋଛକିରେ ପଡ଼ିଯାଇଛି- ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ରପ୍ତାନୀ କରି ବୈଶ୍ୱିକ ପରିସ୍ଥିତିରୁ ଫାଇଦା ଉଠାଇବାର ସୁଯୋଗ ପ୍ରଦାନ କରିବା ନା ଖାଦ୍ୟ ସାମଗ୍ରୀର ଅଭାବ ପଡ଼ିବା ଭଳି ଅବସ୍ଥାର ଅନୁମାନ କରି ଏହାକୁ ରୋକିବା ନିମନ୍ତେ ପଦକ୍ଷେପ ନେବା ଭଳି କାର୍ଯ କରିବ ଯାହା ଖାଦ୍ୟ ମୁଦ୍ରାସ୍ଫୀତିକୁ ଅଧିକ ବଢ଼ାଇବା ପାଇଁ କାର୍ଯ୍ୟ କରିବ। ସ୍ପଷ୍ଟ ଭାବରେ କହିଲେ, ମହାମାରୀ ପରେ ଆରମ୍ଭ କରାଯାଇଥିବା ସହଜ ଆର୍ଥିକ ନୀତି ଭଳି ନୀତିଗୁଡ଼ିକୁ ନେଇ ସମୟ ଅତିବାହିତ କରି ଚାଲିବା ବିଧେୟ ଭଳି ଭାବନାକୁ ଉପରୋକ୍ତ କୌଣସିଟି ଯୁକ୍ତି ସମର୍ଥନ କରୁନାହିଁ। ଯେଉଁମାନେ ସଂଚୟ ଜମା ଉପରେ ନିର୍ଭର କରି ଜୀବନ ନିର୍ବାହ କରୁଛନ୍ତି, ନକରାତ୍ମକ ବାସ୍ତବ ସୁଧହାର ସେମାନଙ୍କ ପାଇଁ ବାଧିଲା ଭଳି ହେବା ସହିତ ହାତରେ ଥିବା ସ୍ୱଳ୍ପ ପରିମାଣର ପାଣ୍ଠିକୁ ଭୁଲ୍ ବାଟରେ ଆବଣ୍ଟିତ ହେବାକୁ ପ୍ରୋତ୍ସାହିତ କରିବ, ଯାହା ଦୀର୍ଘକାଳୀନ ଦୃଷ୍ଟିକୋଣରୁ ବିଜ୍ଞତାର ପରିଚାୟକ ହୋଇନପାରେ। ତଥ୍ୟ ହେଉଛି, ମହାମାରୀ ଉପରାନ୍ତ ଅର୍ଥନୀତିକ ପୁନରୁଦ୍ଧାର ଏବେ ସୁଦ୍ଧା ବ୍ୟାପକ ହୋଇନାହିଁ ଏବଂ ଏହା ମୁଦ୍ରାସ୍ଫୀତି ସହିତ ସଂଘର୍ଷ କରିବାର କାର୍ଯ୍ୟକୁ ଜଟିଳ କରିବାର ସମ୍ଭାବନା ବହନ କରୁଛି। ଆର୍ଥ ନୀତିର ସ୍ୱାଭାବିକୀକରଣକୁ ବାଦ୍ ଦେଲେ ଉଧାର କରିବାର ମୂଲ୍ୟ ଯେତେବେଳେ ବୃଦ୍ଧି ପାଇବ, ସ୍ୱଳ୍ପକାଳୀନ ଯନ୍ତ୍ରଣା ଭୋଗିବା ସେତେବେଳେ ଅବଶ୍ୟମ୍ଭାବୀ ହୋଇ ପଡ଼ିବ। ପ୍ରଶ୍ନ ଉଠେ- ତା'ହେଲେ ଏଭଳି ପରିସ୍ଥିତିରେ କଣ କରାଯିବା ଆବଶ୍ୟକ? ଦେଶର ଆର୍ଥିକ ନୀତି ଢ଼ାଂଚା ମୁଦ୍ରାସ୍ଫୀତିକୁ ଆର୍ଥିକ ନୀତି କମିଟିର ନିୟନ୍ତ୍ରଣରେ ରହିବାର ନିଷ୍ପତ୍ତି ଉପରେ ଛାଡ଼ି ଦେଇଛି। ଶ୍ରମ ବିଭାଜନର ଏଭଳି ଏକ ତାତ୍ତ୍ୱିକ ଢ଼ାଂଚା ଅକ୍ତେ ବହୁତେ ସେତେବେଳେ କିଛି କାମ କରେନାହିଁ, ଯେତେବେଳେ ମୁଦ୍ରାସ୍ଫୀତି ପାଇଁ ଏକ ବଡ଼ କାରଣ ଭାବରେ ଉଭା ହୋଇଥାଏ ଏକ ଭୂ-ରାଜନୀତିକ ଅବସ୍ଥା ଏବଂ ତାହା ପୁଣି ମହାମାରୀ ଯୋଗୁଁ ଅପ୍ରତ୍ୟାଶିତ ଭାବରେ ଅର୍ଥନୀତିକୁ ଲାଗିଥିବା ଧକ୍କା ପରେ ପରେ। ଅର୍ଥାତ ବିପଦ ତା' ସାଙ୍ଗରେ ତାର ଜ୍ଞାତି କୁଟୁମ୍ବଙ୍କୁ ନେଇ ଆସିଲା ଭଳି ଏହା ହୋଇଥାଏ। ସେହିଭଳି ଅବସ୍ଥା ଏବେ ସୃଷ୍ଟି ହୋଇଛି ଦେଶରେ।

## ଦେଶଦ୍ରୋହ ଆଇନ୍ ଉପରେ ରୋକ




ଡକ୍ଟର ଲକ୍ଷ୍ମଣ ସାହୁ


ସତରେ ଏକ ବିଶ୍ୱାସନୀୟ ରାଜ୍ୟ କିପରି ନାଗରିକମାନଙ୍କୁ ସମାଲୋଚନା କରିବାର ଅଧିକାରରୁ ବଞ୍ଚିତ କରିପାରିବ? ଦେଶ ଶାସକଙ୍କ ସମ୍ପତ୍ତି କି? ଦେଶର ଜନସାଧାରଣ କ'ଣ ରାଜ୍ୟର ଦାସ? ସମ୍ପ୍ରତି, ନାଗରିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିଥିବା ଲୋକଙ୍କୁ ଜେଲକୁ ପଠାଇବା କେନ୍ଦ୍ରରେ ବିଜେପି ସରକାର ଏକ ଅଭ୍ୟାସରେ ପରିଣତ ହୋଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନିଜେ ସମ୍ପୂର୍ଣ୍ଣ ଧୋଇଥିବା ବାସନା ପତ୍ର ନୁହେଁ। କେବଳ ଆଦିବାସୀଙ୍କ ଚିକିତ୍ସା ପାଇଁ ମନମୋହନ ସିଂ ସରକାରଙ୍କ ଦୃଷ୍ଟିରେ ବିନୟକ ସେନ ଦେଶଦ୍ରୋହୀ ହୋଇଥିଲେ। କାରଣ, ଆଦିବାସୀ କିମ୍ବା ମାଓବାଦୀ ସମର୍ଥକ। ତେଣୁ ବିନୟକ ସେନ୍ ମଧ ଜଣେ ମାଓବାଦୀ। ମାଓବାଦୀ ଅର୍ଥ ଦେଶଦ୍ରୋହୀ। ତେଣୁ ଦେଶଦ୍ରୋହ ନିୟମ ଅନୁଯାୟୀ ବିନାୟକଙ୍କୁ ଗିରଫ କରାଯାଇଥିଲା।

ସେହିଭଳି ମୋଦୀଙ୍କ ଯୁଗରେ ଡାକ୍ତରଖାନାରେ ପିଲାମାନଙ୍କୁ ବଞ୍ଚାଇବା ପାଇଁ କାଫିଲ ଖାନ ଦେଶଦ୍ରୋହୀ ହୋଇଥିଲେ! ଦେଶଦ୍ରୋହ ମାମଲାରେ ଜେଏନୟୁ ଛାତ୍ର ନେତା କାନହୟା କୁମାର, ଉମର ଖାଲିଦ, ଅନିର୍ବାନ ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟ ଅନେକ ଅଭିଯୁକ୍ତ। ଖାଲିଦ ଏବେ ମଧ ଜେଲରେ ଅଛନ୍ତି। ଲେଖକ ଅରୁନ୍ଧତୀ ରାୟ ଏବଂ ମାନବାଧିକାର କର୍ମୀ ସୁଜତ ଭଦ୍ରା କାଶ୍ମୀରରେ ଆତ୍ମନିର୍ଭରଶୀଳତା ଉପରେ ଏକ ଏକାଡେମିକ୍ ସେମିନାରରେ ଭାଷଣ ଦେଇଥିବାରୁ ତାଙ୍କୁ ଦେଶଦ୍ରୋହ ଅଭିଯୋଗ କରାଯାଇଥିଲା। କେରଳର ଜଣେ ଫ୍ରିଲାନ୍ସ ସାମ୍ବାଦିକ ସିଦ୍ଦିକ କପନ ହାଥ୍ରାସ ନିର୍ଯାତନା ଖବର ସଂଗ୍ରହ କରି ଦେଶଦ୍ରୋହ ଅଭିଯୋଗରେ ଜେଲରେ ଅଛନ୍ତି। କରୋନା ଏପିସୋଡରେ ଖାଦ୍ୟ ନ ପାଇ ଗୁଜୁରାଟର ଖବରକାଗଜ ସାମ୍ବାଦିକ ଦେଶଦ୍ରୋହ ମାମଲାରେ ଜେଲରେ ଅଛନ୍ତି। ସିଏଏ (CAA) ବିରୋଧୀ ଆନ୍ଦୋଳନରେ ଭାଗ ନେଇଥିବାରୁ ଅନ୍ୟ ଜଣେ ଜେଏନୟୁ ଛାତ୍ର ଶାର୍ଜିଲ ଇସଲାମଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାୟର କରାଯାଇଛି। କୃଷକ ଆନ୍ଦୋଳନରେ ଏକ ଟୁଲ୍‌କିଟ୍ ପୋଷ୍ଟ କରିଥିବାରୁ ବାଙ୍ଗାଲୋରର ପରିବେଶ କାର୍ଯ୍ୟକର୍ତ୍ତା ଦିଶା ରବିଙ୍କ ବିରୋଧରେ ଏକ ଦେଶଦ୍ରୋହ ମାମଲା ଦାୟର କରାଯାଇଥିଲା।

ଗୋଟିଏ ଶବ୍ଦରେ, ଯେ କୌଣସି ଛାତ୍ର, ଡାକ୍ତର, ସାମାଜିକ କର୍ମୀ, ମାନବାଧିକାର କର୍ମୀ, ବିରୋଧୀଦଳ ନେତା କିମ୍ବା ସାମ୍ବାଦିକଙ୍କୁ ଦେଶଦ୍ରୋହୀ ଭାବରେ ମୁହଁ ଖୋଲିବା କେନ୍ଦ୍ର ସରକାରଙ୍କ ନୀତିରେ ପରିଣତ ହୋଇଛି। ତେବେ ୯୫ ପ୍ରତିଶତ ମାମଲାରେ ସରକାର ଅଭିଯୁକ୍ତଙ୍କ ବିରୋଧରେ କୌଣସି ପ୍ରମାଣ ଉପସ୍ଥାପନ କରିବାରେ ସକ୍ଷମ ହୋଇ ନାହାଁନ୍ତି। ସର୍ବଶେଷ ତଥ୍ୟ ଅନୁଯାୟୀ,୨୦୧୫ ରୁ ୨୦୨୦ ମଧ୍ୟରେ ଦେଶରେ ୩୫୮ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ଗିରଫ ସଂଖ୍ୟା ୫୪୬ ଅଛି। ୧୪୧ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଏପର୍ଯ୍ୟନ୍ତ ସମୁଦାୟ ୮ଜଣଙ୍କୁ ଦଣ୍ଡ ଦିଆଯାଇଛି। ସିଏଏ (ଉଇଇ) ଏବଂ ଅନ୍ୟାନ୍ୟ ସରକାରୀ ବିରୋଧୀ ଆନ୍ଦୋଳନ ଅନୁଯାୟୀ, ଗତ ତିନିବର୍ଷ ମଧ୍ୟରେ ମାମଲା ସଂଖ୍ୟା ହାରାହାରି ୨୮% ବୃଦ୍ଧି ପାଇଛି। ଏଥିମଧ୍ୟରୁ ମୋଦୀଙ୍କ ବିରୋଧରେ ୧୪୯ ଟି ଏବଂ ଯୋଗୀଙ୍କୁ ସମାଲୋଚନା କରି ୧୪୪ ଟି ମାମଲା ଦାୟର କରାଯାଇଛି।

ଏହିପରି ଭାବରେ ଦେଖିବାକୁ ଗଲେ ଗୋଟିଏ ପରେ ଗୋଟିଏ ସରକାର ଏହି ନାଗରିକ ନିୟମକୁ ନିଜ ନାଗରିକଙ୍କ ବିରୁଦ୍ଧରେ ଅସ୍ତ୍ର ଭାବରେ ବ୍ୟବହାର କରି ଲୋକଙ୍କ ପାଟି ବନ୍ଦ କରି ଦେଇଛନ୍ତି। ହଜାର ହଜାର ହେକ୍ଟର ଜମି, ପ୍ରାକୃତିକ ସମ୍ପଦ ଲକ୍ଷ ଲକ୍ଷ କୋଟି ଟଙ୍କାର ପ୍ରାକୃତିକ ସମ୍ପଦକୁ ପ୍ରାୟ ମୁକ୍ତ କର୍ପୋରେଟରମାନଙ୍କୁ ହସ୍ତାନ୍ତର କରିବାକୁ ଆଦିବାସୀମାନଙ୍କୁ ଘଉଡାଇ ଦିଆଯାଉଥିଲା। ସେମାନଙ୍କୁ ଘୋର ମାମଲାରେ ଜେଲରେ ରଖାଯାଇଥିଲା। ପିତାଷ୍ଟାନ ସ୍ୱାମୀ ସେହି ଆଦିବାସୀମାନଙ୍କ ପାଇଁ ନ୍ୟାୟ ଅପେକ୍ଷା ରାଜ୍ୟ ଆଖିରେ ଅପରାଧୀ ହୋଇଥିଲେ। ପାର୍କିନ୍ସନ୍ ରୋଗରୁ ସିଧା ଗ୍ଲାସ୍ ପାଣି ପିଇ ପାରିନଥିବା ୬୦ ବର୍ଷିୟ ପାଳକଙ୍କୁ ସେଡିସନ୍ ଆକ୍ଟ ସମେତ ଏକାଧିକ ଆଇନ ଅନୁଯାୟୀ ଗିରଫ କରାଯାଇଥିଲା। ତାଙ୍କ ମୃତ୍ୟୁ ପୂର୍ବରୁ ସେ ଜାଣି ନଥିଲେ ତାଙ୍କ ବିରୋଧରେ ଦେଶ ବିରୁଦ୍ଧରେ ଅଭିଯୋଗ କାହିଁକି? ଜେଲରୁ ସେ ଲେଖିଛନ୍ତି, 'ମୋ ସହିତ ଯାହା ଘଟୁଛି ତାହା କେବଳ ମୋ ପାଇଁ ଅଦ୍ୱିତୀୟ ଘଟଣା ନୁହେଁ। ଏହା ଏକ ଭାଇଚାରାର ପ୍ରକ୍ରିୟା ଯାହା ସାରା ଦେଶରେ ଘଟୁଛି। ତାହା କରିବା ଏକ ସୁନ୍ଦର କାର୍ଯ୍ୟ, ଏବଂ ଏହା ସେଠାରେ ଶେଷ ହେବା ଉଚିତ୍। ଏହି ନିୟମ ସତେଯେମିତି ଏକ 'ଭାଇଚାରର ପ୍ରକ୍ରିୟା'ର ଏକ ଅଂଶ।

ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦମନ କରିବା ପାଇଁ ବ୍ରିଟିଶ ସରକାର ଏହି ନିୟମ ପ୍ରଣୟନ କରିଥିଲେ। ପ୍ରଥମ ତିଲକ ଉପରେ, ପରେ ଏହି ନିୟମ ଅନୁଯାୟୀ ଗାନ୍ଧିଜୀଙ୍କ ବହୁ ନେତାଙ୍କୁ ଗିରଫ କରାଯାଇଥିଲା। ଗାନ୍ଧିଜୀ କୋର୍ଟଙ୍କୁ କହିଛନ୍ତି ଯେ ଏହି ନିୟମ କେବଳ ରାଜାଙ୍କ ଶାସନ କାଳରେ କାର୍ଯ୍ୟକାରୀ ହୋଇପାରିବ, ଯେଉଁଠାରେ ସମସ୍ତ ଲୋକ ରାଜାଙ୍କୁ ପ୍ରଶଂସା କରିବାକୁ ବାଧ ହୋଇଥିଲେ। କୌଣସି ସଭ୍ୟ ଗଣତନ୍ତ୍ରରେ କୌଣସି ଆଇନ ପ୍ରଣୟନ କରାଯାଇପାରିବ ନାହିଁ। ତେବେ ସ୍ୱାଧୀନ ଭାରତର ଶାସକ ଶ୍ରେଣୀ ସେହି ଗାନ୍ଧୀଙ୍କ ଚିତ୍ର ଟାଙ୍ଗି ଏତେ ଦିନ ପର୍ଯ୍ୟନ୍ତ ଏହି ଦେଶରେ କଳା ନିୟମ ରଖିଛି। 'ଭାଇଚାରାର ପ୍ରକ୍ରିୟା' କ'ଣ? ବାସ୍ତବରେ, ଯଦିଓ ସମ୍ବିଧାନ ଅନୁଯାୟୀ ଦେଶ ଗଣତାନ୍ତ୍ରିକ ତଥା ରିପବ୍ଲିକାନ୍ ଅଟେ, ପ୍ରାୟ ସମସ୍ତ ଶାସନ ବ୍ୟବସ୍ଥାକୁ ହାତଗଣତି କିଛି ଲୋକ ନିୟନ୍ତ୍ରଣ କରନ୍ତି, ଯେଉଁମାନେ ବ୍ୟକ୍ତିଗତ ତଥା ଦଳର ସ୍ୱାର୍ଥ ପାଇଁ ନିଜ ହାତରେ ରାଜ୍ୟ କ୍ଷମତା ରଖନ୍ତି। ଶକ୍ତି ବ୍ୟବସ୍ଥା ସୃଷ୍ଟି ହୋଇଛି, ଯେଉଁମାନେ ରାଜନୀତି ଏବଂ ଅର୍ଥନୀତିର ଚାବି ଧରିଛନ୍ତି ସେମାନେ ଏହି ଶକ୍ତି ବ୍ୟବସ୍ଥାର ନିର୍ଦ୍ଦେଶକ। ଗଣତନ୍ତ୍ର ମଧ୍ୟରେ ରାଜ୍ୟ ଧୀରେ ଧୀରେ ଲୋକ ବିରୋଧୀ ଚରିତ୍ର ହାସଲ କରେ। ଫଳ ସ୍ୱରୂପ ଯେଉଁମାନେ ଶାସନ ବିରୁଦ୍ଧରେ କହୁଛନ୍ତି ସେମାନେ ଏହି ନିୟମକୁ/ ସ୍ୱରକୁ ନୀରବ କରିବା, ଗଣମାଧ୍ୟମକୁ ଦମନ କରିବା, ସତ୍ୟକୁ ଦମନ କରିବା, ସାଧାରଣ ଲୋକଙ୍କ ବିରୁଦ୍ଧରେ ବ୍ୟବହାର କରିବା ଚାହାନ୍ତି। ବର୍ତ୍ତମାନ ସାରା ଦେଶରେ ଏହି ଆଇନ ଅନୁଯାୟୀ ପ୍ରାୟ ୧୩,୦୦୦ ଲୋକ କାରାଗାରରେ ଅଛନ୍ତି। ଏଥିମଧ୍ୟରୁ ୯୦ ପ୍ରତିଶତ (୧୦,୯୩୮ ଜଣ) ୨୦୧୦ ମସିହାରୁ ଗିରଫ ହୋଇଛନ୍ତି! ପୁନଶ୍ଚ, କେନ୍ଦ୍ରରେ ବିଜେପି କ୍ଷମତାକୁ ଆସିବା ପରେ ସେମାନଙ୍କ ମଧ୍ୟରୁ ୭୫% ଗିରଫ କରାଯାଇଛି ଏବଂ ବିଜେପି ଶାସିତ ରାଜ୍ୟରେ ଆଇନ ଶୃଙ୍ଖଳା ସର୍ବୋଚ୍ଚ ଅଟେ। କାହିଁକି?

କାରଣ ଏଥିରୁ ଜଣାପଡିଛି ଯେ ଖୋଲା ନବ-ଉଦାରବାଦୀ ଅର୍ଥନୀତି ଏବଂ କର୍ପୋରେଟ-ଅନୁକୂଳ ନୀତି ପରେ ବିଜେପି ସରକାର ଲୋଭୀ ରାଜଧାନୀକୁ ଦେଶର ସମ୍ବଳ ହସ୍ତାନ୍ତର କରିବା ଦିନଠାରୁ ଜନସାଧାରଣଙ୍କ ବିରୋଧକୁ ଭାଙ୍ଗିବା ପାଇଁ ଏହି ଆଇନ ଅଧିକରୁ ଅଧିକ କାର୍ଯ୍ୟକାରୀ ହୋଇଛି। ଏକ ସ୍ୱାଧୀନ ଦେଶରେ ସମ୍ବିଧାନ ପ୍ରଣୟନ ହେବା ପରେ ବ୍ରିଟିଶ ସମୟର ଏହି ନିୟମ ବିଦ୍ୟମାନ ହୋଇପାରି ନଥିଲା। କାରଣ, ଯଦି ଏକ ସ୍ୱାଧୀନ ଦେଶର ନାଗରିକମାନେ ସରକାରଙ୍କୁ ସମାଲୋଚନା କରନ୍ତି, ତେବେ ଏହାକୁ ସମ୍ବିଧାନ ଅନୁଯାୟୀ ରାଜ୍ୟ ବିରୋଧୀ କୁହାଯାଇପାରିବ ନାହିଁ। ଷଡଯନ୍ତ୍ରର ମୁକାବିଲା ପାଇଁ ଆହୁରି ଅନେକ ନିୟମ ଅଛି ଯାହା ରାଜ୍ୟର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। କିନ୍ତୁ ଯେଉଁଠାରେ ଦେଶର ସମ୍ବିଧାନ ନାଗରିକଙ୍କ ସ୍ୱାଧୀନତାକୁ ଏକ ମୌଳିକ ଅଧିକାର ଭାବରେ ସ୍ୱୀକୃତି ଦେଇଥାଏ। ଯେଉଁଠାରେ ଗଣମାଧ୍ୟମର ସ୍ୱାଧୀନତା ଗଣତନ୍ତ୍ରର ଏକ ମୌଳିକ ସର୍ତ୍ତ, ସେଠାରେ ରାଜ୍ୟର ସାଧାରଣ ନାଗରିକଙ୍କ ବିରୁଦ୍ଧରେ ଦେଶର ଅପରାଧିକ ଆଇନକୁ ମନମୁଖୀ ଭାବରେ ବ୍ୟବହାର କରିବାର ଅଧିକାର ନାହିଁ। ସେଥିପାଇଁ ସୁପ୍ରିମକୋର୍ଟ ଏହାର ପୁନର୍ବିଚାର ନହେବା ପର୍ଯ୍ୟନ୍ତ ଦେଶଦ୍ରୋହ ଆଇନର କାର୍ଯ୍ୟକାରିତାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌତୁହଳର ବିଷୟ ,ଏହି ନିୟମକୁ ଅଧିକ ବ୍ୟବହାର କରିବା ପରେ ମଧ ମୋଦୀ ସରକାର କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟର ଚାପରେ ଏହାର ପୁନର୍ବିଚାର କରାଯିବା ଆବଶ୍ୟକ! ଏହା ମଧ ଏକ ରଣନୀତି।

ବାସ୍ତବରେ ପୁନର୍ବିଚାର ନାମରେ ସରକାର ଏହି ପ୍ରସଙ୍ଗରୁ ନ୍ୟାୟପାଳିକାର ଭୂମିକାକୁ ହ୍ରାସ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ତେବେ ପୁନଃର୍ବିଚାର ହେତୁ କୋର୍ଟ ଏହି ଆଇନର ପ୍ରୟୋଗକୁ ସ୍ଥଗିତ ରଖିଛନ୍ତି। ସ୍ୱାଧୀନ ଭାରତରେ ନାଗରିକଙ୍କ ଅଧିକାର ପ୍ରତିଷ୍ଠା କରିବାରେ ଏହା ପୂର୍ବରୁ ଏତେ ବଡ଼ ବିଜୟ ହୋଇନାହିଁ। ସର୍ବୋଚ୍ଚ ଅଦାଲତର ରାୟ ସ୍ଥଗିତ ଅଛି ନା ବୋଧହୁଏ ବିଚାରାଧୀନ ଅଛି ତାହା ଅଧ୍ୟୟନ କରାଯାଉଛି। ଏହି ଆଇନର ପୁନର୍ବିଚାର ପ୍ରସଙ୍ଗକୁ ସୁପ୍ରିମକୋର୍ଟ ସ୍ୱୀକୃତି ଦେଇଥିବା ବେଳେ ବଲ୍?କୁ କେନ୍ଦ୍ର କୋର୍ଟକୁ ଠେଲି ଦେଇଛନ୍ତି। ପୁନର୍ବିଚାର ପରେ କେନ୍ଦ୍ର ନେଇଥିବା ନିଷ୍ପତ୍ତି ଯଦି ନାଗରିକଙ୍କ ଅଧିକାର ବିରୁଦ୍ଧରେ ଯାଏ, ତେବେ ସରକାରଙ୍କ ଉପରେ ଚାପ ଜାରି ରହିବ। ଫଳସ୍ୱରୂପ, ନାଗରିକ ଅଧିକାରରେ ସଂପୂର୍ଣ୍ଣ ହସ୍ତକ୍ଷେପ ପ୍ରକ୍ରିୟା ବନ୍ଦ ହୋଇଯିବ। ସେଥିପାଇଁ ବିଳମ୍ବରେ ହେଲେ ମଧ ଏହି ପଦକ୍ଷେପ ନ୍ୟାୟପାଳିକାର ଏକ ଐତିହାସିକ ନିଷ୍ପତି।

ବାସ୍ତବରେ, ଶେଷ ଶବ୍ଦ ହେଉଛି ଦେଶର ସମ୍ବିଧାନ। ନିର୍ବାଚିତ ସରକାର ସମ୍ବିଧାନର ମୌଳିକ ଆଦର୍ଶ ଓ ସଂରଚନାକୁ ପରିବର୍ତ୍ତନ କରି ନାଗରିକମାନଙ୍କୁ ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରିପାରିବେ ନାହିଁ। ଏହି ତଥ୍ୟ ପ୍ରତିଷ୍ଠା କରି ସର୍ବୋଚ୍ଚ ନ୍ୟାୟାଳୟ ଆମକୁ ମନେ ପକାଇଲେ ଯେ ଗଣତନ୍ତ୍ର, ସମ୍ବିଧାନ ଏବଂ ମାନବିକତା ସର୍ବୋଚ୍ଚ ଉଚ୍ଚରେ। ଯଦିଓ ରାଜ୍ୟ ଚଳାଇବାରେ ମାନବିକ ଚେହେରା ପ୍ରତିଷ୍ଠା ଲକ୍ଷ୍ୟରେ ଗଣତନ୍ତ୍ର ଏହି ଦେଶରେ ଏତେ ବଡ଼ ବିଜୟ ହାସଲ କରିପାରି ନାହିଁ...!!!


+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ଦୂରଭାଷ : ୯୦୪୦୧୫୧୪୭୫


## ଶରଣାଗତି ଯୋଗ




ଯୁଧିଷ୍ଠିର ମହାରଣା


ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ। ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ ଲୁଚି ରହିଛି। ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ। ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ। ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି। କିନ୍ତୁ କ'ଣ କରାଯିବ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ।

ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା। ମହିଳା ଜଣକ ନିଜ ମୃତ୍ୟୁକୁ ମଧ କୃଷ୍ଣଙ୍କୁ ଅର୍ପଣ କରିଦେଲେ। ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା। କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ କିଛି ବିଶେଷ ମୂଲ୍ୟ ନାହିଁ। ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ। ଏପରି ହେଲେ ଚମତ୍କାର ଫଳାଫଳ ମିଳିବ। ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି। ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ। ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ। ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ ଉଚ୍ଚମାନ ପ୍ରାପ୍ତ ହେବେ। ଭକ୍ତିଭାବ ଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ। ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ।

ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ। ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ। କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼। ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ। ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ। ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ ତାହା ଗଣାଯାଏ ନାହିଁ। ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା ତାହାହେଲେ ମୋକ୍ଷ ପ୍ରାପ୍ତ ହେବା।

ରାଜଯୋଗରେ କଥିତ ଅଛି - କର୍ମରୁ ବିମୁଖ ହୁଅନାହିଁ। ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ। ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି। ସାଧନା ସହ ସେଗୁଡ଼ିକୁ ନେଇ ଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ। ଏକ ପକ୍ଷରେ କର୍ମ ଅନ୍ୟ ପକ୍ଷରେ ଭକ୍ତି, ଉଭୟକୁ ସଂଯୋଗ କରି ଅଗ୍ରସର ହୁଅ, ଗୋଟିଏ ସୁନ୍ଦର ଜୀବନ ଗଠନ କର। ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି। ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ ଯାହା ଫୋପାଡ଼ି ଦେଇଛ ସେ ନଷ୍ଟ ହୋଇଗଲା। ଭଗବାନଙ୍କୁ ଯାହା ସମର୍ପି ଦେଲ ତାହା ବୁଣିବା ସଙ୍ଗେ ସମାନ। ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୁତ ପବିତ୍ର ଓ ସଫଳ କରିପାରିବ।


+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,

ଦୂରଭାଷ : ୯୪୩୭୧୬୩୫୨୮


### କବିତା କୋଣାର୍କ

## ଆଧୁନିକତା ଏ ଆଇଛି


ଅଶୋକ କୁମାର ପ୍ରଧାନ


ଗାଁ ରେ ତ କାହିଁ ଚାଳ ଘର ମାନ
ଆଗ ପରି ଆଉ ଦିଶୁନି
କାହିଁକି କେଜାଣି ପରିବାରେ ମନ
ଏ କାଳେ ଜମାରୁ ମିଶୁନି।

ଚାରେଆଡ ମାଳ ମାଳ କୋଠାଘର
ସବୁଠି ହେଲାଣି ତିଆରୀ
ବିଲବାଡି କ୍ଷେତେ ନାହିଁ ଧାନ ବିରି
ଦିଶୁନି ସବୁଜ କିଆରୀ।

ରାସ୍ତାଘାଟ ସବୁ ସିମେଣ୍ଟ ପଡିକି
କଂକ୍ରିଟ ଚଟାଣ ହେଲାଣି
ସବୁଦିନ ଲାଗି ଗାଆଁ ଦାଣ୍ଡ ଧୂଳି
ନେଲାଣି କୁଆଡେ ମେଲାଣି।

ଗୋପାଳ ମନୁଆ ବଇଁଶୀ ଧରିକି
ବଜାଉନି ଜମା ଗୋଠରେ
ରଜକ ରଜକୀ ଆଉ ଆଗପରି
ସଫା ନ କରନ୍ତି ତୋଠରେ।

ଆଗ ପରି ଆଉ ପୂନେଇ ପରବେ
ବୋଉ କାଟୁ ନାହିଁ ଝୋଟିକୁ
ସବୁ ପରବରେ କେକ୍ କଟା ନିଶା
ଘାରିଅଛି ସେଇ ଗୋଟିକୁ।

ମଣ୍ଡା ଆରିସା ର ମହକିଆ ବାସ
ହଜିଲାଣି ଚୁଲି ମୁଣ୍ଡରୁ
ପିଜା ବରଗର ଚଉମିନି ଖିଆ
ବାହାରେ ସବୁରି ତୁଣ୍ଡରୁ।

ଭୋଜି ଭାତ ହେଲେ ଖଲି ଧରି ଆଉ
ଖାଆନ୍ତି ନି ବସି ଧାଡିରେ
ବୋଫେଇ ପ୍ଲେଟରେ ଠିଆହୋଇ ଖାଇ
ଦେଲେଣି ସେସବୁ ଛାଡିରେ।

ଜେଜେ ପଚାରିଲେ କେମିତି କେଜାଣି
ଏସବୁ ବଦଳି ଯାଇଛି
ଜେଜେକୁ ମୁଁ ହସି ହସି କହିଦେଲି
ଆଧୁନିକତା ଏ ଆଇଛି।


ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦


## ଛାଡି ଏ ସହର ରହିବି କେଉଁଠି


ଦିବାକର ନାୟକ


ଛାଡ଼ି ଏ ସହର ଆଉ କେଉଁଠି ମୁଁ
ରହିବି ଖୁସିରେ କୁହ-
ଯେଉଁଠି ମୋ ମନ ବୁଝିବା ପାଇଁ କି
ତୁମେ ଅଛ ଅହରହ।
ତୁମରି ପରଶେ ସରଗର ଶିରୀ
ପାଇଛି ଏଠି ମୁଁ ଭୁଲିବି କିପରି।
ଫୁଲଟିଏ ଥିଲି ହେଲ ପ୍ରଜାପତି
କାହାକୁ ନ ଚାହିଁ ହେଲ ମୋର
ସାଥୀ।
ମୋ ଅଧରେ ହସ ଭରି ତୁମ ବିନା
ପୋଛିଦେବ କିଏ ଲୁହ..
ଛାଡ଼ି ଏ ସହର ଆଉ କେଉଁଠି ମୁଁ
ରହିବି ଖୁସିରେ କୁହ।
ଏକା ଏକା ଥିଲି ଆପଣାର ହେଲ
ମନ-ମରୁଭୂମି ସବୁଜିମା କଲ।
ନୂତନ ଜୀବନ ଦେଇଅଛ ମୋତେ
ଜିଇଁବାର ରାହା ଦେଖାଇଛ ସତେ।
ଏ ସହର ଆମ ଭଲ ପାଇବାର
ମୂକ ସାକ୍ଷୀ କ୍ୱି ନୁହଁ..
ଛାଡ଼ି ଏ ସହର ଆଉ କେଉଁଠି ମୁଁ
ରହିବି ଖୁସିରେ କୁହ।


+ପାଟପୁର,କନିସି-୭୬୧ ୦୦୮
ଗୋଳନ୍ଥରା, ଗଞ୍ଜାମ


## ପରମ୍ପରା ଗଲା ଚୁଲିକି


ସୁନୀଲ କୁମାର ପ୍ରଧାନ


ମାନବ ଜାତିଟା ବଦଳି ଗଲାଣି
ଆଗ ପରି ଆଉ ନାହିଁ
ସମୟ ସୁଅରେ ଚଳନ୍ତି ସଭିଏଁ
ଆଧୁନିକ ହେବା ପାଇଁ।

ନୂଆ କରି ମୁନା ବାହା ହୋଇଛି
ଆଣିଛି ସହରି ନାରୀ
ବୋହୂ ମାଆର କି ଗୁଣ କହିବା
ମଥାରେ ନାହିଁ ଓଢଣା ଶିରି।

ଶାଶୁ ଶଶୁର ସେବାଟି କରିବ
ମନରେ ନ ଭାବି କିଛି
ସେମାନେ ଅଟନ୍ତି ବାପା ମାଆ ଗୁରୁ
ସକଳ ଶାସ୍ତ୍ରରେ ଅଛି।

ଚାଷଟା ହେଉଛି ଆମର ବେଉସା
ଏ ସବୁ କରନ୍ତି ନାହିଁ
ଦୁନିଆଟା ପରା ମେସିନ ହୋଇଲା
ଲୁହା ଲଙ୍ଗଳ କାହିଁ।

ପଖାଳ ଭାତରେ ମନ ଆଉ ନାହିଁ
ବୁଝୁ ନାହିଁ ଆଉ ଖେତ
ଚାଷ ପ୍ରଣାଳୀ ଏଇଠି ସରିଲା
ବିଲ ହୋଇଗଲା ଖତ।

ସନ୍ଧ୍ୟା ହୋଇଗଲେ ଚଉଁରା ମୂଳରେ
ମାଉସୀ ଦିଅଇ ଦୂପ
ଆଧୁନିକ ଯୁଗେ ସବୁ ଲୋପ ହେଲା
ମନରେ ଆସଇ ପାପ।

ବିବାହ ବନ୍ଧନ ପୂର୍ବରୁ ରହିଛି
ନିର୍ବନ୍ଧ ଏକଇ କାର୍ଯ୍ୟ
ସେହି ସବୁ ଭାଇ ଦେଖା ଆଉ ନାହିଁ
ରିଙ୍ଗ୍ ସେରେମନି ହୋଇଲା ଆଜ।

ଭୋଜି ଭାତ ହେଲେ ଜେଜେ ସମୟରେ
ଲୋକେ ବସି ଖାଉଥିଲେ
ଏବେ ସବୁ ଭୋଜି ବଫେଇ ହେଲାଣି
ବସିବାକୁ ନାହିଁ ତଳେ।

ପୁରାତନ ଯୁଗ ପରମ୍ପରା ଶେଷ
ଆଧୁନିକ କଲା କାଳ
ଲୋକ ପରା ଏବେ ଚାଲକ ହୋଇଲେ
ସବୁ ହେଲା ନିଷ୍ଫଳ।

ସବୁ ପରମ୍ପରା ମନରେ ରଖିଣ
କାର୍ଯ୍ୟ ସବୁ କରୁଥିବା
ଏହା ହେଉଛି ଆମର କର୍ତ୍ତବ୍ୟ
ମନରୁ ନ ଭୁଲିବା।


ଝାଟିପଦର, ପାଲୁର, ଗଞ୍ଜାମ
ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ଏମିତି ଏ ଜୀବନ


ନିରଞ୍ଜନ ସାହୁ


ଜୀବନ ଏମିତି ଜାଣିଥା' କେମିତି
କହିବାକୁ ନାହିଁ ଆଉ
ପୁରାଣ , ଶାସ୍ତ୍ର ଯେ ବର୍ଣ୍ଣନା କରିଛି
ମୋ କଥା ତ ବରଂ ଥାଉ।

ଏତିକି କହିବି ମଣିଷର ଇଚ୍ଛା
ଅପୂରଣ ସଦା ରହେ
ବିଧାତାର ଇଚ୍ଛା ବିଧିର ବିଧାନ
ପୂର୍ଣ୍ଣ ହୁଏ ଶାସ୍ତ୍ର କହେ।

ନିୟତି ନିର୍ଦ୍ଦେଶେ ଜୀବନ ଚାଲଇ
ନିମିତ୍ତମାତ୍ର ହିଁ ଆମେ
ଯାହା ଇଚ୍ଛା କରୁ ପୂରଣ ହୁଏନା
ଯେତେ ବି ଲାଗିଲେ କାମେ।

ଯାହା କପାଳରେ ଯାହା ଲେଖାଅଛି
ତାହା ହିଁ ଘଟିବା ସାର
କିଏ ଅବା ଆଉ ଲଲାଟ ଗାରକୁ
ଲିଭାଇ ହୋଇବ ପାର।

ଭାଗ୍ୟ , ଭଗବାନ ଯାହା ଚାହିଁଛନ୍ତି
ତାହାହିଁ ଘଟିଛି ଏଠି
କର୍ମ କରି ମଧ ଫଳ ମିଳେ ନାହିଁ
ଖଟଇ ମଣିଷ ବେଠି।

ଜୀବନ ଚାଲଇ ଜୀବନ ବାଟରେ
ଭାଗ୍ୟଫଳ ଭୋଗି ଭୋଗି
କର୍ମ ଭାଗ୍ୟକୁ ତ ବଦଳାଇ ପାରେ
କହିଥାଏ କର୍ମଯୋଗୀ।

ତଥାପି ଇପ୍ସିତ କର୍ମଫଳ ଏଠି
କଦାପି ମିଳଇ ନାହିଁ
ଭେଲେକା ପରିକା ମଣିଷ ରହଇ
ଭାଗ୍ୟର ପଥକୁ ଚାହିଁ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩






## ବସନ୍ତ, ବର୍ଷା, ବୈଶାଖ ଓ ତୁମେ

### ସ୍ନିଗ୍ଧା. ଜି. ମହାପାତ୍ର

ଅନୁଭବେ ନାହିଁ ବସନ୍ତକୁ କେବେ
ପିକର ସେ କୁହୁ ତାନେ...
ମୋହର ଦରଦେ ତୁମ ମିଠା କଥା
ବସନ୍ତ ଆଣେ ପରାଣେ...

ବରଷା ଆସେନା ମୋର ଏ ପରାଣେ
ମେଘ ମହ୍ଲାରଟେ ହୋଇ..
ତୁମରି ନୟନୁ ଝରେ ଯେବେ ଲୁହ
ହୃଦୟେ ବରଷେ ସେହି...

ତୁମରି ବଦନ ଶୁଖି ଯାଏ ଯେବେ
ବଇଶାଖ ଯାଏ ଛୁଇଁ....
ଗ୍ରୀଷମ ଦାରୁଣ ଅନୁଭବେ ନାହିଁ
ତାତିଲେ ଯେତେ ଏ ମହୀ....

ଅନ୍ତରର ଯେତେ ଅଭାବରେ ତୁମେ
ଅସରନ୍ତି ମୁଗ୍ଧଭାବ....
ଆଶା ନିରାଶର ଜୀବନେ ପ୍ରାଙ୍ଗଣେ
ଦୁଃଖ ହୁଏ ପରାଭବ...
ଉଆଁସ ଆକାଶେ ତୁମେ ମୋର ଜହ୍ନ
ମୋହି ନିଅ ମୋ ପରାଣ..
ଅକୁହା କଥାକୁ ଉପଲବ୍ଧି କରି
କରିଛ ଯେ ସମ୍ମୋହନ...


♥ ବାରିପଦା
ମୋ: ୯୪୩୭୬୧୫୨୨୧






## ଲଘୁ ପଞ୍ଚକ:

### ତାରାପ୍ରସାଦ ଜେନା

॥ ୧ ॥

ଆମ ସାହି ଟୋକା ହୀରୋ ପଦନା
ଜିରୋ ସିନା କାମ ଭାରି ପବନା
ଆଖି କଲା ମିଟି ମିଟି
ଝିଅ ଗୋଟେ ଧରି ଚଟି
ଛଡ଼ାଇଲା ତାର ହିରୋ ଜମାନା ।

॥ ୨ ॥

ଖରା ଖାଇ ଦିନେ ଗଲି ଶୋଇ
ରସଗୋଲା ହେଲି ସଞ୍ଜ ଥାଇ
ଥମ ଥମ ରସ ତଳେ ପଡ଼େ
ଭାଲୁ କୁକୁରଟା ଚାଟି ଗଡ଼େ
ନିଦ ଗଲା ଭାଙ୍ଗି ମୂତି ଥାଇ ।

॥ ୩ ॥

ରଙ୍ଗୀ ପିନ୍ଧିଦେଲା ଇସ୍ତ୍ରୀ ଅଙ୍ଗି
କହି ଅଫିସର ଗଲା ଟୁଙ୍ଗି
ଚଉକିକୁ ଟାଣି ଗଲା ବସି
ଆଉଜାକୁ ଦୁମ୍ ଗୋଡ଼ ଖସି
ଆଉଁ ଆଉଁ କାନ୍ଦେ ଗୋଡ଼ ଭାଙ୍ଗି ।

॥ ୪ ॥

ଥିଲେ ଜଣେ ଦେଶୀ ବଇଦ
ନାଡ଼ି ଚିପି ଦେଲେ ଓଷଦ
ଥଣ୍ଡା ଛାଡ଼ିନାହିଁ ବେଙ୍ଗା
ରାଗି ମାଗି ହେଲା ଘୁଙ୍ଗା
ବଇଦକୁ ସଫା ବିପଦ ।

॥ ୫ ॥

ନାଥବାବୁ ମୋଟା ଗୟଳ
ଭାତ ଛାଡ଼ି ଖାଇ ଚାଉଳ
ପେଟ ଧକ୍ ଧକ୍ ମାରିଲା
ହଗି ମୂତି ମନ ଘାରିଲା
ଓଷଦକୁ ନେଲେ ସହଳ ।

॥ ୬ ॥

ବାଇବିଛୁ ଦିନେ ହେଲା ଠିଆ
ସାଙ୍ଗସାଥି ମେଳ କଲା ନୂଆ
ବାଘ ହୋଇ ସିଏ ଡରାଇଲା
ବାଘ ଗୋଟାପଣେ ଭେଟ ହେଲା
ହଗି ମୂତି ସତେ ମଲା ଛୁଆ ।

॥ ୭ ॥

କାନ୍ଥ ନ ଥିବା ସେ ଚାଳକୁ
ଖୁଣ୍ଟି ଭିଡ଼ିଦେଲି ତଳକୁ
ମଡ଼ ମଡ଼ ହେଲା ଘର
ବୁଦ୍ଧି ମାଗୁଥିଲି ପର
ଦଉଡ଼ିଲି ଠେସି ବଳକୁ ।

॥ ୮ ॥

ଇଞ୍ଜିନ୍ ଗରମ ଚାଲୁନି ଆଗକୁ କାର୍
ଡ୍ରାଇଭର ବୁଦ୍ଧି ଖଟୁନି କେମିତି ପାର୍
ଟ୍ରାକ୍ଟରବାଲାକୁ କାକୁତି
ଗ୍ୟାରେଜ ନେଇଯା ଝଟତି
ଖର୍ଚ୍ଚକୁ ଦେବେଟି ଚାରିଶ ଆମରି ସାର୍ ।

॥ ୯ ॥

ଆମ ସାହି ଛଟକୀକୁ ଟିକେ ଦେଖ ଲୋକ
କଥା କହି ବୟେ ଗଳି ବୁଲାଇବ ନିକ
ପାଣି ସିଏ ସର କରେ ଚାତର
ରାଣୀ ପରି ଠାଣି ବୋଲେ ଅଠର
ମେଘ ନାହିଁ ବର୍ଷା କରେ ଶ୍ରାବଣର ବୋକ ।

॥ ୧୦ ॥

ଦିନେ ଅଜା ଆମ ଫୁଲପ୍ୟାଣ୍ଟ୍ ଗୋଟି ଦେଲେ ପିନ୍ଧି
ବାବୁ ପରି ସତେ ଚାଲିବାକୁ ହାଟବାଟ ସନ୍ଧି
ଛନ୍ଦିହେଲେ ଫୁଲପ୍ୟାଣ୍ଟ୍ ଟିପେଇ
ଦଉଡ଼ିରେ ଅଣ୍ଟାଆଡୁ ଦେଲେ ପୁଣି ଖାପେଇ
ମୂତ ଲାଗି ବାଟ ପାଇଲେନି,
ଛାଡ଼ିଦେଲେ ଧନ୍ଦି ।


♥ ରଣପୁର(ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
ମୋ: ୯୩୪୮୦୫୪୩୦୦




## ଅଳନ୍ଧୁ

### ଭବାନୀ ଶଙ୍କର ନାୟକ

ହଠାତ୍ ହାତଟି ମୋର ଅଟକିଯାଏ
ଚାଳରୁ ଅଳନ୍ଧୁ ଝାଡୁ ଝାଡୁ
କାଳେ ତା ଦେହରେ
ଲୁଚିଥାଇ ପାରେ
ଗୁପ୍ତଚର ରାତିର ଗୁପ୍ତ ଦସ୍ତାବିଜ୍
ଅବା ଭଦ୍ର ଦିନର
କଳଙ୍କିତ ଅଧ୍ୟାୟ ।

ସେ ବୁଝେନା ବୋଲି
ଫୁଲର ନାଲି ନେଳି ରଙ୍ଗ
କୋଇଲିର କୁହୁ
କଅଁଳ ଶିଶୁର ହସ
ପଥର ଆଖିର ଲୁହ
ପାଲଟିଯାଏ କିଟ୍ କିଟ୍ କଳା ବିଗ୍ରହ
ବାରି ହୋଇ ପଡ଼େ
ଉନ୍ମୀଳିତ ଚାରି ବାହୁ
ଶଙ୍ଖ, ଚକ୍ର, ଗଦା, ପଦ୍ମ,
ଆଶ୍ଚର୍ଯ୍ୟ....
ସେ ପ୍ରତିବାଦ କରେନି କାହାକୁ
ଯଦିବା ନିର୍ମୂଳ ହେଉଥାଏ
ଚାଳରୁ, କାନ୍ଥରୁ, ହୃଦୟରୁ
କାଳେ ମୂକ ପାଲଟିଯାଏ
କଂକ୍ରିଟ୍ ରାସ୍ତାର ଟାଣପଣରେ,
ତଥାପି ସେ କେତେ କୋମଳ
ନିଜ ଆକାଶରେ
ଲମ୍ବେଇ ଚାଲିଥାଏ ଶାଖା ପ୍ରଶାଖା
ଶୂନ୍ୟରେ କଖାରୁଗଛ ପରି
ଭାରି ବ୍ୟସ୍ତ
କଳା ଧୂଆଁ ସାଉଁଟିବାରେ ।

ସୂର୍ଯ୍ୟ, ଚନ୍ଦ୍ର, ତାରାର ସହର
ଜଳିବାରେ ଖୁବ୍ ବ୍ୟସ୍ତ
ତୀବ୍ରରୁ ତୀବ୍ରତର
ହାତ ଅଣ୍ଡାଳିଲେ ଧରାଦିଏ
ପୁଳାଏ ଅଳନ୍ଧୁର ଅନ୍ଧାର,
ତାରି ଭିତରେ ମୁଁ ଦେଖିପାରେ
ଆଲୋକର
ଏକ ଅଣଓସାରିଆ ସୁଡ଼ଙ୍ଗ,
ସେପାରିରୁ
ଶୁଣିପାରେ କେଉଁ ବିଶିଷ୍ଟ
ସଙ୍ଗୀତଜ୍ଞଙ୍କ ବୀଣାର ଝଙ୍କାର ।


♥ ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ – ୯୯୩୮୩୪୪୬୮୧




## ବାପା ମୁଁ ତୁମ ପରୀ

### ଅମରନାଥ ବାରିକ୍

ବାପା ମୁଁ ତୁମର ଘର ଅଗଣାରେ ଟିକି ପରୀ
ସେନେହଁ ମମତା ଦେବ ଭାବିବନି ପର କରି ।
ଆଜି ଅଛି କାଲି ଛାଡ଼ିଦେବ ଦୂରେ ବହୁ ଦୂରେ
ଆଉ କି କରିବି ଅଳି ତୁମପାଖେ ଶରଧାରେ !

ମାଆ ଲୋ ମୁଁ ତୁମ ସୁନା ହାତେ କୁନି କଣ୍ଢେଇଟେ
ଦିଅ ମୋ କପାଳେ ଗେଲକରି ମିଠା ଚୁମା ଗୋଟେ ।
ରହିଥିବି ହୋଇ ସାରା ଜୀବନ ଧାରୁଆ ତୁମର
ପାରିବିନି ତୁମ ଋଣ ସୁଝି ତୁମେ ଦେବୀ ମୋର ।

ଆଣିଲ ମୋତେ ଏ ଦୁନିଆକୁ ତୁମେ ଦୁଃଖ ସହି
ଖୁସି ଦେଲ ମୋତେ ରାତି ରାତି ଉଜାଗର ରହି ।
ତୁମ ବଗିଚାର କଢ଼ିଟିଏ ଶିଶୁ ନୁହେଁ ମୁହିଁ
ବିତରିବି ବାସ ପିତା ମାତା ତୁମ ନାମ ଗାଇ ।

ଝିଅ ହେଲି ବୋଲି କରିବନି କେବେ ମନ ଊଣା
ଚଳିବି ସଂସାରେ କରିଣ ସଭିଙ୍କୁ ମୁଁ ଆପଣା ।
ନିଜେ ଲୁହ ପିଇ ହସ ବାଣ୍ଟି ଦେବି ଦଶଗୁଣା
ଝିଅ ପାଇଁ ସବୁ ସମ୍ଭବ ଜଗତ ଜନେ ଜଣା ।

ପଢ଼ିବି ବଢିବି ପାଠରେ ମୁଁ ହେବି ଆଗୁସାର
ଗଢ଼ିବି ସୁନ୍ଦର ଯନ୍ତ୍ର ନୂଆ ନୂଆ ବିଜ୍ଞାନର ।
ନାରୀକୁ ଭାବୁଛ ଅବଳା ଦୁର୍ବଳା ତୁମେ କିଆଁ
ନାରାୟଣୀ ରୂପେ ଘରେ ଘରେ ହୋଇଥାଏ ଠିଆ ।

ଭଲ ପାଅ ମତେ ମିଳିଯିବ ଅସରନ୍ତି ଖୁସି
ଐଶ୍ୱରିକ ଦାନ ହୋଇ ତୁମ ପାଶେ ଅଛି ଆସି ।
ଖେଳିବି ବାପାଗୋ ତୁମ କୋଳେ ମୁହିଁ ହସି ହସି
ରହିଥିବି ମାଆ ତୁମ ପଣତର ତଳେ ବସି ।

କନ୍ୟା ଭୃଣ ଜାଣି କର ନାହିଁ ମୋର ସର୍ବନାଶ
ତୁମେ ମାଆ ଥିଲ ଝିଅଟିଏ ବଢାଇଲ ବଂଶ ।
ମତେ ମାରିଦେଲେ ମାଆ ମାନେ ଆଉ ଥିବେ କାହିଁ
ଝିଅ ପୁଅ ସବୁ ସମାନ ପାର୍ଥକ୍ୟ କର ନାହିଁ ।


♥ କୟାଁ, ମଙ୍ଗଳପୁର,
ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ମୋ: ୯୫୪୦୩୦୮୦୯୫




## ତୁମେ ଓ ମୁଁ

### ସଙ୍ଗୀତା ପଟ୍ଟନାୟକ

ତୁମେ ବିସ୍ତୀର୍ଣ୍ଣ ଆକାଶ, ବିସ୍ତୃତ ତୁମର ଜ୍ଞାନର ପରିଧି
ମୁଁ ଗୋଟିଏ ଛୋଟ ତାରକା, କିନ୍ତୁ ଖୁ ଉଜ୍ଜ୍ୱଳ
ତୁମର ସୀମା ଅନ୍ତଃହୀନ, ବିସ୍ତାର ତୁମର ଅକଳନୀୟ
ସେଥିପାଇଁ ମୁଁ ତୁମ କୋଳରେ ନିଶ୍ଚିନ୍ତ ହେଇ ଥାଏ
ତୁମେ ସହକାର ବୃକ୍ଷର ସୁଠାମ ପ୍ରାଚୀର
ଆଉ ମୁଁ ଏକ କୋମଳ ମାଳତୀଲତା
ତୁମ ଦେହର ସାହାରାରେ
ମୁଁ ମହକାଇଛି ଏଇ ମୋର ଛୋଟ ସଂସାର
ସମ୍ପର୍କର ସ୍ନେହ ବନ୍ଧନରେ ମୋ ସ୍ୱତନ୍ତ୍ର ପୃଥିବୀରେ ମୁଁ ବାନ୍ଧି ହୋଇଛି
ମୁଁ ସୋହାଗିନୀ ତୁମ ପାଖରେ ...

ବିହ୍ୱଳ ତୁମ ପ୍ରେମର ମିଠା ପରଶରେ
ମୁଁ ତୁମ ଦେହର କବିତା
ଲେଖିହୁଏ ଆପେ ଆପେ ତୁମ ଲେଖନୀରେ...

ପ୍ରଣୟର ଶେଫାଳି ମୁଁ
ନିଇତି ରାତିରେ ଫୁଟି ଝରିଯାଏ ତୁମ ବିରହରେ
ମୋ ମନର ଆରିଶିରେ ତୁମେ ଏକା ମୋ ଚିତ୍ରପଟ
ସବୁବେଳେ ଦେଖିଲେ ବି ଲାଗେ ନିତ୍ୟ ନୂତନ

ରୂପସୀ ମାନସୀ ମୁଁ
ମନ ସରସୀରେ କଇଁପରି ଫୁଟେ ତୁମ ପାଇଁ
ଅନ୍ଧାରର ଦୀପ୍ତି ତୁମେ
ପ୍ରତିଦିନ ଜାଳେ ତୁମ ପାଇଁ ଅମ୍ଳାନ ପ୍ରୀତିର ଦୀପାଳି ।ଃଃଃଃଃ


♥ ଭାଷାକୋଷ ଲେନ୍ , କଟକନୟାଗଡ଼,
ମୋ: ୯୪୩୭୬୪୨୯୪୭




## ଅତନ୍ମୟ ବାସନ୍ତୀ

### ପ୍ରଣତି ଆଚାର୍ଯ୍ୟ ମିଶ୍ର

ଓହ୍ଲାଇ ଆସିଛି ମନ ବଗିଚାକୁ ମଳୟକୁ ସାଥେ ନେଇ
ଚୁଆ ଚନ୍ଦନର ଚନ୍ଦ୍ର ମଲ୍ଲିକାରେ ପ୍ରେମର ପରସ ପାଇଁ ।

ତନୁରେ ତନୁରେ ତୃଷା ଭରିଦିଏ ଚନ୍ଦ୍ର ମଲ୍ଲି ଚନ୍ଦ୍ର ହାସ
ସୁଗନ୍ଧ ପରଶୀ ପ୍ରେୟସୀ ଧରଣୀ ମେଣ୍ଟାଏ ତନୁର ଶୋଷ ।
ଚାନ୍ଦିନୀ ରାତି ରେ ଫାଜିଲ୍ ଫଗୁଣ ପ୍ରେମରେ ଫସାଇ ଦେଲା

ଯୌବନ ଜମୁନା ହୁଏ ଆନମନା ଭାବରେ କିମିଆ କଲା ।

କାମନା ନଈରେ ଜୁଆର ଉଠିଲା ବସିଲା ପାଖରେ ଜଣେ
ଜବା କୁସୁମର ରୂପକାନ୍ତି ଧରି ହୃଦୟ ବଖରା କୋଣେ ।

ସପନ ବଣିକ ମାହେନ୍ଦ୍ର ମୁହୂର୍ତ୍ତେ ଫାଲଗୁନ ପ୍ରିତି ଧରି
ସ୍ମିତ ହାସ୍ୟ ଦେଇ ମଧୁକ୍ଷରା ଲଗ୍ନେ ହୃଦେ ରସାମୃତ ଭରି ।

ବସନ୍ତ ଋତୁର ବାସନ୍ତୀ ରାତିରେ ପିରତୀ ଉଛୁଳି ଗଲା
ପହିଲି ପ୍ରେମର ଉସୁମୁ ପରଶେ ତନ୍ଦ୍ରା ମାଦକ ଭରିଲା ।

ମହମହ ବାସ୍ନା ନିଳ ନିରିଜନେ ପ୍ରିତି ପିଆଲା ଭରଇ
ଭାବ ସ୍ପନ୍ଦନର ମିଠା ସମ୍ମୋହନେ ଲାଜରେ ଓଠ ଥରଇ ।

ଚଇତି ଚାନ୍ଦିନୀ ଆରବ୍ୟ ରଜନୀ ଚୋରା ପିରତୀ ଭରିଲା

ବୟସ ଉନ୍ମାଦେ ପ୍ରୀତି ନଈକୂଳେ ମଧୁମୁର୍ଚ୍ଛନା ରଚିଲା ।

ଜୋଛନା ମଦିରା କରେ ଆତ୍ମହରା ରୋମାଞ୍ଚିତ ପ୍ରୀତିଛନ୍ଦ
କୁଆଁରୀ କୁଞ୍ଜରେ ଗୋଧୂଳି ସଞ୍ଜରେ ଭାବମୟ ଅନୁବନ୍ଧ ।

ବସନ୍ତ ଋତୁର ବାସନ୍ତୀ ରାତି ରେ ପ୍ରେମର ଯୁଗଳ ବନ୍ଦୀ
ଅଧର ଲାଜେଇ ତନୁଝରେ ଝାଳ ଉଛୁଳା ସ୍ୱପ୍ନ ରେ ଛନ୍ଦି ।

କଅଁଳେଇ କାନେ କୁହେ ସେ ଗୋପନେ ମାୟାର ମଦିରା ସିଞ୍ଚି
ପିୟାସୀ ପ୍ରାଣରେ ଅପୁର୍ବ ଆନନ୍ଦ ପ୍ରଣୟ କୋଣାର୍କ ରଚି ।

ତାରୁଣ୍ୟ ତନୁରେ ତାତି ଭରିଦିଏ କାମିନୀ ନିଝୁମ୍ ରାତି
ସ୍ନାୟୁରେ ସ୍ନାୟୁରେ ସ୍ପନ୍ଦନ ଭରଇ ତନ୍ମୟ ବାସନ୍ତୀ ପ୍ରିତି ।

ପ୍ରେମ ପାରିଜାତ ପ୍ରୀତି ପାଖୁଡାରୁ ଝରିପଡୁ ଥାଏ ମୋତି
ରକ୍ତ ପଲାସର ରକ୍ତ କରବୀ ରେ ତନ୍ମୟ ବାସନ୍ତୀ ରାତି ।


♥ ନୟାଗଡ଼,
ମୋ: ୯୪୩୭୬୪୨୯୪୭




## ଚେତନାର ଅନ୍ତରାଳେ

### ସୁଭଦ୍ରା ବେହେରା

ଚେତନାର ସୀମା ପାରିହେଲେ
ନିଦ୍ରା ଭାଙ୍ଗି ତନ୍ଦ୍ରାହତ ରଜନୀ ଅନ୍ତରାଳେ
ପ୍ରଣୟ ରସେ ରସାଣିତ ମହମ
କାମନାର ଦାବାନଳେ ଢଳି ତରଳିଗଲେ,
ବାସ୍ତବତା ମାନ ଉଙ୍କିମାରେ
ହୃଦ ଗହୀରମଥାର କିଆବୁଦା ଅଢୁଆଳେ

ଏ ଜୀବନ ଯଉଘରେ ତ ଡହଡହ ରଢ ନିଆଁ
ଜଳିଜଳି ସିନା ପାଲଟିବା ସଳିତା !
ଏଠି ବିଷର୍ଣ୍ଣ ରାତିର ଦେହେ ନାହିଁ ନଥିବା ତାତି
ନିଶାର୍ଦ୍ଧ ର ନିର୍ଜନ ପ୍ରହର ଆସୁଛି ମାଡ଼ି
ଜୁଆର ଉଠେ ନିତି ହୃଦ ମୁହାଣରେ
ଅସ୍ତଗାମୀ ଜହ୍ନ ଅମାବାସ୍ୟା ଅଭିମୁଖି
ସ୍ମୃତି ରଖେ ତୋଳିଧରି ସିନା
ଏ ବିସ୍ତୀର୍ଣ୍ଣ ପଠାବାଲି,

ହଁ ତ !
ଏହିଠାଇଁ ଦଣ୍ଡାୟମାନ ଥିଲା
ଚେତନାର ସୁଦୃଢ ବୃକ୍ଷ
ଆଜି ସେ ଭୂପତିତ
ଥରହର ମନ
କର୍ଣ୍ଣେ ଶୁଣି ମାୟାଭରା ଜଙ୍ଗଲର ଆର୍ତ୍ତନାଦ
କିଛି କ୍ଷଣ ଅନ୍ତରାଳେ
ଝାଉଁବଣ ଆବୋରିବ ଜହ୍ନର କିରଣ

ଆଉ ଆଉ ......
ଶେଷ ଚନ୍ଦ୍ରମାର ଅସ୍ପଷ୍ଟ ଛାଇରେ
କାୟାକଳ୍ପେ ଏ ନିଷ୍ଫଳ ଚେତନାର ଧାରେ ଧାରେ
ସ୍ଥୁଳ ଘଟକୋଣେ ଲୁଚିବସେ ଜୀବନ ସତ୍ତା
ହସିହସି ତାତ୍ସଲ୍ୟ ବି କରେ
ଏଇ ଏଇ ତ ବାହୁଡ଼ାଣି ବେଳ ....
ଖୋଜିଲେ କିବା ହେବ ?
ହଜି ତ ଯିବୁ ତୁ !
ଓଃ ସେଇ
ତୋ ନିଖୋଜ ବାସ୍ତବତାରେ !

ଅଦୃଶ୍ୟ ବେଳାର ତୋର ହିଁ ସାକ୍ଷୀ
ଦୂର ଆକାଶର ଅମାନିଆ ଫେରନ୍ତା ପକ୍ଷୀ
ହଁ ତ !
ଜୀବନର ଧାରେ ଧାରେ
ଜୀର୍ଣ୍ଣ କାୟାକଳ୍ପେ ମୋହିତ ଆତ୍ମାର ସତ୍ତା
ବିସର୍ଜିତ ଦୁଃଖ ବିଛାଡି ଦୂର ଦିଗନ୍ତରେ
ଉଣ୍ଡାଳି ହେଉଛୁ ସୁଖ ନିଘଞ୍ଚ ଅରଣ୍ୟରେ ?

ଅପଚେଷ୍ଟା ତକ ବ୍ୟର୍ଥ ପ୍ରୟାସରେ ହାରେ
ମନୋପକ୍ଷୀ ବାରବାର
ଖଣ୍ଡିଉଡା ଦେଇ ଝଡେ ।
ଡେଣାରେ ତାର ପଥ ଅତିକ୍ରାନ୍ତ ଅବସନ୍ନତା
ମନରେ ସୀମା ହୀନ ନିରୁକ୍ତ ବେଦନା
ଅନ୍ତଗହୀରର ହା ହୁତାଶ ଯେତେ
ସାଥେ ଧରି ଫେରେ ଅବସାଦ କେତେ ।

ବ୍ୟଥିତ ହୃଦୟର ପରିଧିରେ
ସମୟର କ୍ଳାନ୍ତ ସୀମାନ୍ତ ଧାରେ
ନିର୍ଜନ ବେଳାର ସ୍ତବ୍ଧ ଉପାନ୍ତରେ
ଶୟନ ଅବା ଜାଗରଣରେ
ସ୍ୱତଃ ପ୍ରବୃତ ଏକ ପ୍ରତିଧ୍ୱନିରେ
ଫେରିବାକୁ ହେବ ଯହିଁ ଦିନେ
ଆତ୍ମ ସତ୍ତାକୁ ଲୋଟି ଗର୍ଭଗୃହ ସମାଧିରେ
ହଁ ହଁ ତ ଏ ପୃଥିବୀରୁ ଆବର୍ତ୍ତ ମାନରେ
ଅସ୍ତହେବା ସ୍ତବ୍ଧ ହୋଇ
ଜୀବନର ସୂର୍ଯ୍ୟାସ୍ତରେ ।


♥ ଚମ୍ପାପୁର, ଛତିଆ, ଯାଜପୁର
ମୋ -୭୨୦୫୮୮୬୫୧୨




## ଭଙ୍ଗା ହୃଦୟ

### ବାବାଜୀ ଚରଣ ଜେନା

କାଚର ଟୁକୁରା ପରି
ଭାଙ୍ଗିଛି ଯେବେଠୁ ମୋ ହୃଦୟ
ସେଇ ଦିନୁ ହଜି ଅଛି
ଏଇ ଦୁନିଆରୁ ପରିଚୟ
କାଚର ଟୁକୁରା ପରି ।

କାହା ବାହାବା' ମୋତେ
କରି ନାହିଁ ବିମୋହିତ
ପାଗଳବି ହୋଇନି ମୁଁ
କଲେ କିଏ ମଥାନତ
ଅଧିରତା ଆଣି ନାହିଁ
କେବେ ଜୟ ଅବା ପରାଜୟ
କାଚର ଟୁକୁରା ପରି ।

ମୋ ପାଇଁକି ବିଫଳତା
ଯେତେ ନୂଆ କିଛି ନୁହଁ
ଭଙ୍ଗା ଆଇନାରେ କେତେ
ଦେଖି ଅଛି ନିଜ ମୁହଁ
ବିଗତକୁ ଭୁଲିବାକୁ
କରିନି ମୁଁ ମିଛ ଅଭିନୟ
କାଚର ଟୁକୁରା ପରି ।


♥ ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ-୪
ମୋ: ୯୪୩୭୮୩୪୭୧୯




## ପ୍ରେମର ପରିଭାଷା

### ଜନ୍ମଜୟ ନାୟକ

ପ୍ରେମ କାହାପାଇଁ
ଝାଞ୍ଜି ବୈଶାଖୀର ତତଲା ସମୀର,
ତ ପୁଣି କାହାପାଇଁ
ମୁଦା ଲଫାପା ମାୟାବିନୀ ମୌସୁମୀର ।
କାହାପାଇଁ ବେସୁରା ସଂଗୀତ
ଛନ୍ଦହୀନ ଜୀବନର,
ତ ପୁଣି କାହା ପାଇଁ
ସାତସୁରେ ବନ୍ଧା ମୂର୍ଚ୍ଛନାର ଧାର ।

ପ୍ରେମ କାହାପାଇଁ
ସପନ ରାଇଜର ଠିକଣା,
ତ ପୁଣି କାହାପାଇଁ
ଅସରା ଅକୁହା ଛାତିତଳ ବେଦନା ।
ପ୍ରେମ କାହାପାଇଁ
ମଧୁଝରା ଜହ୍ନରାତିର ବଦୁରା କୋହ,
ତ ପୁଣି କାହାପାଇଁ
ବିରହିନୀ କଇଁର ଅଦେଖା ଲୁହ ।

ପ୍ରେମ କାହାପାଇଁ
ମଲାଜହ୍ନ ଲୋଡୁଥିବା ଇପ୍ସିତ ଆକାଶ,
ତ ପୁଣି କାହାପାଇଁ
ଅମାଅନ୍ଧକାରେ ଧାପେ ଆଲୋକର ହସ ।
କାହାପାଇଁ ହୁଏ ତ ସେ
ମରୁମରୀଚିକାର ଅସ୍ପଷ୍ଟ ପାଦଚିହ୍ନ,
କାହାପାଇଁ ପୁଣି
ରାହା ସିଏ ଜୀଇଁବାକୁ ନୂଆ ଜୀବନ ।

ପ୍ରେମ କାହାପାଇଁ
ଛିଡି ଚାଲିଥିବା ମିଛଆଶାର ଉପହାସ,
ତ ପୁଣି କାହାପାଇଁ
ନିଦାଘ ଅପରାହ୍ନର ଅବଶୋଷ ।
ପ୍ରେମ ହେଇପାରେ କାହାପାଇଁ
ସଂପର୍କ ବ୍ୟାକରଣର ଭୋକ,
ତ ପୁଣି କାହାପାଇଁ
ପ୍ରେମ ପୁଣି ଜଟିଳ ଅଛିଣ୍ଡା ମାନସାଙ୍କ ।


♥ ଗଣିତ ଶିକ୍ଷକ
ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ମୋ: ୯୩୩୭୮୦୦୫୬୫




## ପ୍ରଶ୍ନ

### ଡିସମ୍ବର ମେହେର

ଅନେକ ପ୍ରଶ୍ନ ଉଙ୍କି ମାରେ
କିନ୍ତୁ ଉତ୍ତର ପାଏନି ମୁଁ ।
ସମସ୍ତେ ଦିଅନ୍ତି ଭିନ୍ନ ଭିନ୍ନ ମତ
ପାଏନି ସେ ସବୁ ମୋ ମନକୁ ।

ସମାଜରେ ରହିଛି କାହିଁକି ଜାତିଭେଦ ?
ରକ୍ତ ରେ ଲେଖାଅଛି କି ଜାତି ନାଁ ?
ଭୋକରେ ଅହୁଡୁ ପାଉଟୁ ଲୋକେ
କାହିଁକି ଛୁଆ ବିକୁଛି ମାଁ ?

ଦରିଦ୍ରକୁ ଘୃଣା କାହିଁକି ?
ସେ ବି ତ ମଣିଷ
ସଭିଙ୍କ ମୁହଁରେ ମୋ ଗୋଟିଏ ପରିଚୟ
ଦରିଦ୍ର..ଦରିଦ୍ର.. ଦରିଦ୍ର..

ସେ ନିଜକୁ ପଚାରେ
ଦରିଦ୍ର ନାଁ କିଏ ଦେଲା ?
କାହିଁକି ଦେଲେ ଏ ନାଁ ?
ମୁଁ ବି ତ ରକ୍ତ ମାଂସର ମଣିଷ ।

ଭୋକ ଦୁଇଟି ଶବ୍ଦ
ଯନ୍ତ୍ରଣା ତା କେତେ ?
ଦୁଇ ଖଣ୍ଡ ଶୁଖା ରୁଟି ପାଇଲେ
ଖୁସିର ସୀମା କେତେ ?

କେତେ ପ୍ରଶ୍ନ, କେତେ ପରିସ୍ଥିତି
ସବୁ ସହିଛି, ସହିବ ଏ ଛାତି
ନିରୁତ୍ତର ସମାଜକୁ କରୁଛି ପ୍ରଶ୍ନ
ଉତ୍ତର ଅପେକ୍ଷା ରେ ବସିଛି ତଥାପି ?


♥ ଗଣ୍ଡାବାହାଲି ନୂଆପଡା
ମୋ-୭୮୯୪୭୮୮୧୩୫

# ବଂଚିତଯୋଗ୍ୟ ଜନଜାତି ସଂପ୍ରଦାୟକଙ୍କୁ ଅନୁସୂଚିତ ଜନଜାତି ତାଲିକାଭୁକ୍ତ କରନ୍ତୁ ରାଜ୍ୟ ସରକାର: ବଳଭଦ୍ର ମାଝୀ

ଭୁବନେଶ୍ୱର,୧୬/୦୫ (ନି.ପ୍ର): କେନ୍ଦ୍ର ସରକାର ଅନୁସୂଚିତ ଜନଜାତିମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଓଡ଼ିଶାର ପ୍ରାୟ ୧୭୦ ସଂପ୍ରଦାୟର ଅନୁସୁଚିତ ବର୍ଗ ଲୋକଙ୍କ ପାଖରେ ପହଂଚି ପାରୁନାହିଁ। ଏହି ସଂପ୍ରଦାୟ ଲୋକମାନେ ଅନୁସୂଚିତ ଜନଜାତି ତାଲିକାଭୁକ୍ତ ହେବାର ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ ରାଜ୍ୟ ସରକାର ଠୋସ ପଦକ୍ଷେପ ନେଉନଥିବା କାରଣରୁ ଆଦିବାସୀଙ୍କ ପାଇଁ ଉର୍ଦ୍ଦିଷ୍ଟ କୌଣସି ସୁବିଧା ପାଇ ପାରୁନାହାନ୍ତି ବୋଲି ପୂର୍ବତନ ସାଂସଦ ତଥା ରାଜ୍ୟ ଉପସଭାପତି ଶ୍ରୀ ବଳଭଦ୍ର ମାଝୀ କହିଛନ୍ତି।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝୀ କହିଛନ୍ତି ଯେ, ଜନଜାତି ସଂପ୍ରଦାୟ ଲାଗି କେନ୍ଦ୍ର ସରକାର ବାରମ୍ବାର ବାରମ୍ବାର ତଥ୍ୟ ମାଗୁଛନ୍ତି କିନ୍ତୁ ରାଜ୍ୟ ସରକାର ପୂର୍ଣ୍ଣ ତଥ୍ୟ ନଦେବାରୁ ପ୍ରାୟ ୧୭୦ଟି ଜନଜାତି ସଂପ୍ରଦାୟ ଜାତି ପ୍ରମାଣ ପତ୍ର ପାଇବାରୁ ବଂଚିତ ହେଉଛନ୍ତି । କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାରେ ଦୁରୁଆ ସଂପ୍ରଦାୟର ଲୋକ ବାସ କରୁଛନ୍ତି। ସେମାନେ ଆଦିବାସୀଙ୍କ ସୁବିଧା ଓ ଜାତି ପ୍ରମାଣପତ୍ର ପାଉଥିଲେ। କିନ୍ତୁ ୨୦୧୩ ମସିହାରୁ କୋରାପୁଟ ଜିଲ୍ଲାରେ ଦୁରୁଆମାନଙ୍କୁ ଜନଜାତି ସାର୍ଟିଫିକେଟ ଦେବାରୁ ବଂଚିତ କରିଛନ୍ତି ରାଜ୍ୟ ସରକାର। ପ୍ରଶାସନିକ ଅଧିକାରୀମାନେ ଜମି ପଟ୍ଟାରେ ଦୁରୁଆଙ୍କ ନାମକୁ ଭୁଲ ବନାନ କରି ଲେଖିବାରୁ କୋରାପୁଟ ଅଂଚଳର ଦୁରୁଆ ସଂପ୍ରଦାୟର ଲୋକେ ଜାତି ପ୍ରମାଣପତ୍ର ବାଇବାରୁ ବଂଚିତ ଅଛନ୍ତି। ଆଦିବାସୀ କମିଶନର ସଦସ୍ୟ ଶ୍ରୀ ଅନନ୍ତ ନାୟକ ଘଟଣା ସ୍ଥଳକୁ ଯାଇ ଦୁରୁଆଙ୍କ ସ୍ଥିତି ପରଖିଥିଲେ ଓ ସେମାନଙ୍କୁ ଯୋଗ୍ୟ ବିବେଚିତ କରି ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟକୁ କମିଶନଙ୍କ ସୁପାରିଶ ଜଣାଇଛନ୍ତି। ସେମାନେ ଆଦିମ ଜନଜାତି ସଂପ୍ରଦାୟର ଚୁକ୍ତିଆ ଭୂଞ୍ଜିଆ ତଥା କାଉଡି ଭୂୟାଁ ପାର୍ଲ୍ୟାମେଂଟର ଆଗାମୀ ମୌସମୀ ୧୭ରେ ସୀକୃତି ପାଇବାର ଆଶା କରାଯାଉଛି। ସ୍ୱାଧୀନତାର ୭୫ବର୍ଷପରେ ମଧ କିଛି ଆଦିବାସୀ ଯଥା-ଚୁକ୍ତିଆ ଭୂଞ୍ଜିଆ, ପାଉଡି ଭୂୟାଁ ପରି ଆଦିମ ଜନଜାତି ଅନୁସୂଚିତ ତାଲିକାଭୁକ୍ତ ନହେବା ଅତି ଦୁଃଖଦାୟକ। କେନ୍ଦ୍ର ସରକାର ଯେଉଁ ତଥ୍ୟ ମାଗୁଛନ୍ତି ଯଥାଶୀଘ୍ର ରାଜ୍ୟ ସରକାର ତାହା ପ୍ରଦାନ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି । କେନ୍ଦ୍ର ସରକାର ପରିବହନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ କୋରାପୁଟ ଅଂଚଳରେ ଏବେ ମଧ ଗମନା ଗମନର ସୁବିଧାରୁ ଲୋକେ ବଂଚିତ ଅଛନ୍ତି। କରୋନା ପରେ ରେଳ ଚାଲିବା ପାଇଁ ଅନୁମତି ଦେଇଥିଲେ ମଧ ଅବିଭକ୍ତ କୋରାପୁଟର ରାୟଗଡ଼ା, କୋରାପୁଟ ଓ ବିଶାଖାପାଟଣା କୋରିଡରରେ ଚାଲିଥିବା ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନ ପୂର୍ବପରି ଷ୍ଟେସନର ରହଣୀ ବ୍ୟବସ୍ଥା ନାହିଁ। ଏନେଇ ଭାରତୀୟ ଜନତା ପାର୍ଟି ତରଫରୁ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା ଏବଂ ବହୁ ଶୀଘ୍ର ଏହି ସମସ୍ୟା ଦୁର ହେବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ସେହିପରି ପ୍ରତିଦିନ ଜୟପୁରରୁ ଗୋଟିଏ ଟ୍ରେନ ଭୁବନେଶ୍ୱରକୁ ସିଧାସଳଖ ଚଳାଇବା ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରାଯାଇଛି । ଗତ ୨୨ ଏପ୍ରିଲରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଉଦ୍‌ଘାଟନ କରିଥିବା କୋରାପୁର-ରାୟଗଡ଼ା-ବିଶାଖାପାଟଣା ପେସେଞ୍ଜର ଟ୍ରେନରେ ପର୍ଯ୍ୟଟକମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଫାଇବର ବଡିର ବିଟାଡମ କୋଚ୍ ପାଇଁ ଅନୁରୋଧ କରାଯାଇଥିଲା ଯାହା ୯ମେରୁ ଆରମ୍ଭ ହୋଇଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଶ୍ରୀ ମାଝୀ ଧନ୍ୟବାଦ ଜଣାଇଛନ୍ତି। କୋଟପାଡ, ବରୀଗୁମା, ନବରଙ୍ଗପୁର, ଜୟପୁର ଓ କୋରାପୁଟଠାରେ ଏନଏଚର ବାଇପାସ ମଞ୍ଜୁରୀ ହେବା ନେଇ ଭାରତୀୟ ଜନତା ପାର୍ଟିର କର୍ମକର୍ତା ପରିବହନ ମନ୍ତ୍ରୀଙ୍କୁ ଭେଟି ଅବଗତ କରାଇଥିଲେ । କୋଟପାଡା ଓ ଜୟପୁର ବାଇପାସ୍‌ର ପ୍ରାଥମମିକ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ବହୁଶୀଘ୍ର ନବରଙ୍ଗପୁର, ବରୀଗୁମା ଓ କୋରାପୁଟର ବାଇପାସ କାର୍ଯ୍ୟ ଆରମ୍ଭ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡକରୀ ଆଶ୍ୱାସନା ପ୍ରଦାନ କରିଛନ୍ତି ବୋଲି ଶ୍ରୀ ମାଝୀ ସୁଚନା ଦେଇ କହିଛନ୍ତି । ଗତ ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ କୋରାପୁଟର ବିଜେପି କାର୍ଯ୍ୟକର୍ତାମାନେ ରେଲଓ୍ୱେମନ୍ତ୍ରୀ ଶ୍ରୀ ଅର୍ଶ୍ୱିନୀ ବୈଷ୍ଣବ, ସଡକ ପରିବହନ ମନ୍ତ୍ରୀ ଶ୍ରୀ ନୀତିନ ଗଡକରୀ ଓ ଆଦିବାସୀ ବ୍ୟାପାରମନ୍ତ୍ରୀ ଶ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଦେଖାକରି ଅଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ବୋଲି ଶ୍ରୀ ମାଝୀ କହିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦୀଲ୍ଲିପ ମଲ୍ଲିକ ଉପସ୍ଥିତ ଥିଲେ।

# ଅନେକ ଦିନର ନିରବତା ପରେ ପୁଣି ଲାଗିଲା ମାଓ ପୋଷ୍ଟର

ବଲାଙ୍ଗିର,୧୬/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ୍ ଲାଠୋର ଥାନା ଅନ୍ତର୍ଗତ ପୁଟୁକେଲଚୁଆ ଓ ଘୁନୁସର ମଝିରେ ଥିବା ବଜାର ପେଣ୍ଡାଲ ଠାରେ ପୃଥକ ପୃଥକ ସ୍ଥାନରେ ହିନ୍ଦୀ ଓ ଓଡିଆ ଭାଷାରେ ଲେଖାଥିବା ଦୁଇଟି ମାଓବାଦୀ ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଛି । ଆଜି ଘୁନୁସର ବଜାରକୁ ଆସିଥିବା ବ୍ୟବସାୟୀ ଓ ଜନସାଧାରଣ ମାଓବାଦୀ ଲଗାଇଥିବା ଏହି ବ୍ୟାନର ଦେଖିବାକୁ ପାଇଥିଲେ । ଏହି ବ୍ୟାନରରେ ଓଡ଼ିଆ ଭାଷାରେ ପୁଲିସ ଦମନ ବିରୋଧରେ ମେ’ ୨୦ ତାରିଖ ଦିନ ଓଡିଶା ରାଜ୍ୟ ବନ୍ଦ ସଫଳ କରନ୍ତୁ ବୋଲି ଲେଖାଯାଇଛି । ଏଥିସହ ଗତ ଦୁଇ ବର୍ଷ ଭିତରେ ବର୍ବରତା ପୂର୍ବକ ପୁଲିସର ଗୁଳିବର୍ଷଣରେ ୨୦ ଜଣ ବିପ୍ଳବିଙ୍କ ହତ୍ୟା ଘଟଣାରେ ରାଜ୍ୟବନ୍ଦକୁ ସଫଳ କରାନ୍ତୁ । ରାଜନୈତିକ ସମାଧାନ ଦମନ ଅଭିଯାନ ନାମରେ ଦେଶ ଭିତରେ ଜନତା ଉପରେ ସରକାର ଯୁଦ୍ଧକୁ ବିରୋଧ କରନ୍ତୁ । ବ୍ରାହ୍ମଣୀୟ, ହିନ୍ଦୁତ୍ୱ, ଫାସିବାଦ ସରକାର ଦ୍ୱାରା ଚଳା ଯାଉଥିବା ଦମନ ଅଭିଯାନର ବିରୋଧ କରନ୍ତୁ । କମ୍ରେଡ଼ ରବିନ୍ଦ୍ର, କମ୍ରେଡ଼ ରୋହିତ ଅମର ରହେ, ଲେଖା ହେବା ସହ ଶେଷରେ ଭାରତ କମ୍ୟୁନିଷ୍ଟ ପାର୍ଟି ମାଓବାଦୀ ଓଡ଼ିଶା ରାଜ୍ୟ କମିଟି ମଇ’ ୨୦୨୨ ଲେଖା ହୋଇଥିବା ଦେଖିବାକୁ ମିଳିଛି। ଏହି ମାଓ ବ୍ୟାନର ଲଗାଯାଇଥିବା ଦେଖି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି । ଖବର ପାଇ ପୁଲିସ ଏହି ବ୍ୟାନରକୁ ଜବତ କରିଥିବା ସୂଚନା ମିଳିଛି ।

# ହରିଶଙ୍କର ମେଳା ପ୍ରଦର୍ଶନୀ ପଡିଆରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ଉଦ୍‌ଘାଟିତ

ବଲାଙ୍ଗିର,୧୬/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଠାରେ ତିନିଦିନ ଧରି ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପ୍ରଦର୍ଶନୀ ପଡିଆ ଠାରେ ଆମ୍ବା ବଲାଙ୍ଗୀର, ମିଶନ ଶକ୍ତି, ଓ୍ୱାସନ ଏବଂ ଆୟୋଜକ ଓ୍ୱାଇ.ସି.ଡି.ଏଙ୍କ ମିଳିତ ଉଦ୍ୟମରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ଉଦଘାଟିତ ହୋଇଛି। ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର କ୍ଷୁଦ୍ର ଶସ୍ୟ ଷ୍ଟଲକୁ ଉଦଘାଟନ କରିଥିଲେ। ତାଙ୍କସହ ପାଟଣାଗଡ଼ ଉପଜିଲ୍ଲାପାଳ ଡ଼.ବିଜୟନନ୍ଦ ସେଠି, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଓ୍ୱାସନ ଜିଲ୍ଲା ସଂଯୋଜକ ଜଶବନ୍ତ ନାଏକ, ଦେବସ୍ମିତ ପରିଡା, ଓ୍ୱାଇ. ସି. ଡି. ଏ ବ୍ଲକ ସଂଯୋଜକ ହେମବନ୍ତି ନନ୍ଦନ ବେହେରା, ଉମେଶ ଗୁପ୍ତା, କେ.କେ.ପି.ସି.ଏଲ ସିଇଓ ଗଣେଶ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳାରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଖାଦ୍ୟ ଅଭ୍ୟାସ କରି କିପରି ସୁସ୍ଥ ରହିବେ ତାହା ଉପରେ ସଚେତନତା ବାର୍ତା ମଧ ଦିଆଯାଉଥିବା ଦେଖିବାକୁ ମିଳିଥିଲା । କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳାରେ ପଦ୍ମାବତୀ ବରିହା, ସଂଯୁକ୍ତା ବାଗ, ସଂଜୁଲତା ବରିହା, ପୁରନ୍ଦର ବନଛୋର, ଫକୀର ସାହୁ ପ୍ରମୁଖ ଯୋଗଦାନ ଦେଇଥିଲେ । ଏହି କ୍ଷୁଦ୍ର ଶସ୍ୟ ଖାଦ୍ୟ ମେଳା ଚାରିଦିନ ଧରି ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।

# ବିଚ୍ କନେକ୍ଟ କାର୍ଯ୍ୟକ୍ରମରେ ମନ ମୋହିଲା ଜୁମ୍ବା ନୃତ୍ୟ, ନିମ୍ବୁ ରେସ

ପୁରୀ,୧୬/୦୫ (ନି.ପ୍ର): ବିଚ କନେକ୍ଟ (ସଂଯୋଗ:ସ୍ୱର୍ଣ୍ଣାଭ ବେଳାଭୂମି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଜି ସକାଳ ୬ ଟା ସମୟରେ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିସହ ଜୁମ୍ବା ନୃତ୍ୟ, ନିମ୍ବୁ ରେସ, ଯୋଗ, ମ୍ୟୁଜିକ ଚେୟାର, ସ୍ୱାସ୍ଥ୍ୟ ପରୀକ୍ଷା, କୁଇଜ ପ୍ରତିଯୋଗିତା, ଲାଇଭ ପେଟିଂ, ପିଲାମାନଙ୍କ ପାଇଁ ବକେଟବଲ, ଆର୍ଚେରୀ, ପିରାମିଡ, ରିଙ୍ଗ ଥ୍ରୋ ଭଳି ଫନ ଗେମ୍, ଟଗ୍ ଅଫ୍ ଓ୍ୱାର (ଦୌଡି ଭିଡା) ଅନୁଷ୍ଠିତ ହୋଇଥିଲା । ଶିଳ୍ପୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମୁଦ୍ରକୂଳ ବ୍ୟବସାୟୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପୌରସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବେଳାଭୂମି ସଫେଇ ସହ ଏହାର ସୁରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡି ପୌରସଂସ୍ଥା ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ କରାଯାଇଛି । ସରକାରୀ ଅଧିକାରୀ, କର୍ମଚାରୀ, ପର୍ଯ୍ୟଟକ, ହୋଟେଲ ବ୍ୟବସାୟୀ, ବୁଦ୍ଧିଜିବୀ, ପୁରୀବାସୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତା, ସ୍ୱେଚ୍ଛାସେବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇ ପ୍ରତି ରବିବାର ସକାଳ ସାଢେ ୫ ଟାରୁ ସାଢେ ୮ ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୌର ସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ର, ଜିଲ୍ଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପରାମର୍ଶଦାତା ଜ୍ୟୋତିପ୍ରକାଶ, ସିଦ୍ଧାର୍ଥ ରାୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

# ମା’ ତାରାତାରିଣୀ ମନ୍ଦିରର ଜୀର୍ଣ୍ଣୋଦ୍ଧାର ଓ ନୂତନ ପ୍ରାସାଦ ପ୍ରତିଷ୍ଠା ମହୋତ୍ସବ ଶୁଭାରମ୍ଭ

ଗଞ୍ଜାମ,୧୬/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀ ମନ୍ଦିରର ଜୀର୍ଣ୍ଣୋଦ୍ଧାର ଓ ନୂତନ ପ୍ରାସାଦ ପ୍ରତିଷ୍ଠା ମହୋତ୍ସବ ଆଜି ଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୦ ତାରିଖରେ ସମାପନ ହେବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ସାଧୁ ସନ୍ଥ ଯୋଗଦେଇ ଯଜ୍ଞ ଓ ମନ୍ଦିରର ନୂତନ ପ୍ରାସାଦ ପ୍ରତିଷ୍ଠା କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ଆସନ୍ତା ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି । ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ତଥା ରାଜ୍ୟରୁ ବହୁ ସଂଖ୍ୟାରେ ଧର୍ମପରାୟଣ ନରନାରୀ ଯୋଗଦେବା ଲାଗି ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଏହି ପ୍ରତିଷ୍ଠା ଉତ୍ସବକୁ ପୁରୀ ଗଜପତି ଦିବ୍ୟସିଂହଦେବ ଓ ଗୋବର୍ଦ୍ଧନ ପୀଠର ମଠାଧିଶ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ମଧ ନିମନ୍ତ୍ରଣ କରାଯାଇଛି ।

# ବାହାଘର ଭୋଜି ଖାଇ ୧୫ ରୁ ଅଧିକ ଅସୁସ୍ଥ

କନ୍ଧମାଳ ,୧୬/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଂଚାୟତ ବୁଢ଼ାକଦେଲ ଗ୍ରାମବାସୀ ବିବାହ ଭୋଜି ଖାଇ ଅସୁସ୍ଥ ହୋଇଥିବା ଜଣାପଡ଼ିଛି । ଭୋଜି ଖାଇବା ପରେ ପେଟ ଯନ୍ତ୍ରଣା ଅନୁଭବ କରି ଅସୁସ୍ଥ ହୋଇ ପଡ଼ିଥିବା ଜଣାପଡ଼ିଛି । ପ୍ରାୟ ୧୫ରୁ ଅଧିକ ପୁରୁଷ ମହିଳା ଓ ଶିଶୁ ଅସୁସ୍ଥ ଅନୁଭବ କରିବାରୁ ସେମାନଙ୍କୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା ଜାରି କରାଯାଉଛି । ୧୫ ଜଣଙ୍କ ମଧ୍ୟରେ କିଛି ଜଣ ଝିରିପାଣି ପଂଚାୟତ ଉଲୁବା ଗ୍ରାମର ଓ ଲଙ୍କାଗଡ଼ ଗାଁରେ ହୋଇଥିବା ବେଳେ ଅନ୍ୟମାନେ ବୁଢ଼ାକଦେଲ ଗାଁର । ଅସୁସ୍ଥ ଲୋକ ମାନଙ୍କୁ ତୁମୁଡ଼ିବନ୍ଧ ବିଜୁ ଜନତା ଦଳ ନେତା ଓ କର୍ମୀ ପହଂଚି ସ୍ଥାନୀୟ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଡାକ୍ତର ଅଭିଷେକ ନାୟକଙ୍କ ସହ ଅଧିକ ଆଲୋଚନା କରିଛନ୍ତି ତୁମୁଡ଼ିବନ୍ଧ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ନବୀନ ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ତୁମୁଡ଼ିବନ୍ଧ ପଂଚାୟତ ବିଜେଡି ସଭାପତି ଜିଶାୟ ମଣ୍ଡଳ । ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ଦେଇଛନ୍ତି ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଅଭିଷେକ ନାୟକ ।

# ଥାନାର ଦ୍ୱାରସ୍ଥ ହେଲା କୋରାପୁଟ ଜିଲ୍ଲା ଅମଲା ସଂଘ

ଜୟପୁର,୧୬/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଅମଲା ସଂଘ ପୁରୁଣା କମିଟିର କାର୍ଯ୍ୟକାଳ ୨୦୧୮ ମସିହାରୁ ସରିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବିନା ନିର୍ବାଚନରେ ପୁରୁଣା କମିଟି ତାଙ୍କର ପ୍ରଭାବ ବିସ୍ତାର କରି ଆସୁଥିଲେ ରାଜ୍ୟ ସଂଘ ପୁରୁଣା କମିଟିକୁ ବିଘଟନ କରି ସେହି ସ୍ଥାନରେ ନୂତନ କମିଟିକୁ ଅନୁମୋଦନ କରିଥିଲେ ଓ ଏହି ଅନୁମୋଦିତ ପତ୍ରର ନକଲ ଜିଲ୍ଲାପାଳ କୋରାପୁଟ, ଆରକ୍ଷି ଅଧିକ୍ଷକ କୋରାପୁଟ, ଗୃହ ଶାସନ ସଚିବ ଓ ନୂତନ କମିଟି ସମ୍ପାଦକ ଶଶୀ ଭୂଷଣ ଦାଶଙ୍କ ନିକଟକୁ ପଠାଇଥିଲେ। ଅପରପକ୍ଷରେ ସଂଘ ବିରୋଧୀ କାର୍ଯ୍ୟ କରୁଥିବାରୁ ପ୍ରସନ୍ନ କୁମାର ନାୟକ ପୂର୍ବତନ ସଭାପତି ଓ ଭବାନି ଶଙ୍କର ଆଚାର୍ଯ୍ୟ ପୂର୍ବତନ ସମ୍ପାଦକ ଜିଲ୍ଲା ଅମଲା ସଂଘ କୋରାପୁଟଙ୍କୁ ସଂଘର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିଥିଲେ ଓ ନୂତନ କମିଟିକୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ନୂତନ କମିଟି ତରଫରୁ ମୁଖ୍ୟ ଦାୟିତ୍ୱରେ ଥିବା ପୂର୍ବତନ ସମ୍ପାଦକ ଭବାନି ଶଙ୍କର ଆଚାର୍ଯ୍ୟଙ୍କୁ ମଧ ଦାୟିତ୍ୱ ହସ୍ତାନ୍ତର ନିମନ୍ତେ ବାରମ୍ବାର ଅନୁରୋଧ କରାଯାଇଥିଲେ ସୁଦ୍ଧା ଶ୍ରୀ ଆଚାର୍ଯ୍ୟ ବିଭିନ୍ନ ପ୍ରକାରର ଆଳ ଦେଖାଇ ଦାୟିତ୍ୱ ହସ୍ତାନ୍ତର କରୁନଥିଲେ। ଶେଷ ଥର ପାଇଁ ଶ୍ରୀ ଆଚାର୍ଯ୍ୟଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା ଯେ ସେ ୧୫ ତାରିଖ ରବିବାର ଦିନ ୧୦ ଟା ସମୟରେ ସମସ୍ତ ଅମଲାଙ୍କ ଉପସ୍ଥିତିରେ ଦାୟିତ୍ୱ ହସ୍ତାନ୍ତର କରିବେ ଓ ତାପରେ ଏକ ବୈଠକ ଅନୁଷ୍ଠିତ ହେବ। ସଂଘର ନିଷ୍ପତି ଅନୁଯାୟୀ ଶତାଧିକ ଅମଲା ବିଭିନ୍ନ କୋଣ ଅନୁକୋଣରୁ ଆସି ଯୋଗ ଦେଇଥିଲେ ସୁଦ୍ଧା ଭବାନି ଶଙ୍କର ଆଚାର୍ଯ୍ୟ ଅମଲା କୁଟିରକୁ ଆସି ନାହାନ୍ତି କିମ୍ବା ଅମଲା ସଂଘର ପୁରାତନ କମିଟିର କେହି ଜଣେ ବି ସଦସ୍ୟ ଅମଲା କୁଟିରର ଚାବି ହସ୍ତାନ୍ତର କରି ନଥିଲେ। ଫଳତଃ ଅମଲା ମାନେ ଦିନ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ପ୍ରଚଣ୍ଡ ଖରାରେ ରାଜ ରାସ୍ତାରେ ବୈଠକ କରି ପରେ ଏନେଇ କୋରାପୁଟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କୋରାପୁଟ ଜିଲ୍ଲା ଅମଲା ସଂଘ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଥିବା ସବୁ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଶିଶୁ ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳ ପାଇଲେ ସାହିତ୍ୟ ଜ୍ୟୋତି ସମ୍ମାନ

କନ୍ଧମାଳ ,୧୬/୦୫ (ନି.ପ୍ର): କନ୍ଧମାଳର ବିଶିଷ୍ଟ ଶିଶୁ ସାହିତ୍ୟିକ କୈଳାଶ ଚନ୍ଦ୍ର ଧଳ ଙ୍କୁ ସଂଥ କବି ଭୀମ ଭୋଇ ସାହିତ୍ୟ ପରିଷଦ, ଅନୁଗୋଳ ତରଫରୁ ରାଜ୍ୟ ସ୍ତରୀୟ ସାହିତ୍ୟ ଜ୍ୟୋତି ସମ୍ମାନ ପ୍ରଦାନ କରଯାଇଛି। କଟକ ସକ୍ଷରଳା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସାହିତ୍ୟ ଏବଂ ଆଧ୍ୟାତ୍ମିକ ସମ୍ମିଳନୀ ର ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଶ୍ରୀ ଧଳଙ୍କୁ ଉପସ୍ଥିତ ଅତିଥି ମାନେ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ। ଉତ୍ସବରେ ରାଜ୍ୟ ସମ୍ପାଦକ ତଥା ଅର୍ଥ ବିଭାଗ ଉପ ସଚିବ ସଂଗ୍ରାମ କେଶରୀ ସାମନ୍ତ ରାୟ ଙ୍କ ସଂଯୋଜନାରେ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପଦ୍ମଶ୍ରୀ ଶ୍ୟାମାମଣୀ ଦେବି, ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, ବ୍ୟଙ୍ଗ କବି ଶ୍ରୀ ଜ୍ଞାନ ହୋତା, ଶ୍ରୀ ସଂଥ, ଗବେଷକ ଉଦ୍ଧବ ଚରଣ ନାୟକ, ଏକାଦଶୀ ପ୍ରଧାନ, ବ୍ୟଙ୍ଗ କବି ସଂପଦ ରଥ, ସାହିତ୍ୟିକ ବିଶ୍ୱଜିତ ସୂର୍ଯ୍ୟ ବଂଶୀ, ପ୍ରତିଭା ମହାରଥୀ, ଡ଼ଃ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କୈଳାଶ ଧଳ କନ୍ଧମାଳର ଜଣେ ଜଣାଶୁଣା ସାହିତ୍ୟିକ। ଏହା ପୂର୍ବରୁ ସେ ବହୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କୁ ଏ ସମ୍ମାନ ପାଇଁ ଡ଼ଃ ନୃସିଂହାନନ୍ଦ ମହାପାତ୍ର, ପ୍ରସନ୍ନ ପଣ୍ଡା, ସୂର୍ଯ୍ୟାକାନ୍ତି ବାରିକ, ଡ଼ଃ ପ୍ରେମାନନ୍ଦ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି,୧୬/୦୫ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ କୁମାରୀ ରେଖା ପ୍ରସାଦଙ୍କ ତତ୍ତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇ ଅଛି । ଉକ୍ତ ଅଦାଲତରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ କୁମାରୀ ରେଖା ପ୍ରସାଦ , ବରିଷ୍ଠ ଦେଓ୍ୱାନି ବିଚାରପତି କମଳାକାନ୍ତ ରାଉତ , ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ରାକେଶ କୁମାର ମୁଦୁଲି , ରେଜିଷ୍ଟ୍ରାର ଅରୂପ ନାୟକ ଓ ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଡ଼ଃ ନିଶାକର ସାହୁ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫଇସଲା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ଗୋଟିଏ ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତି ପୂରଣ ବାବଦରେ ଆଦେଶ ଦେଇ ୩ ଲକ୍ଷ ୫୦,ହଜାର - ଟଙ୍କା କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା , ଅପରାଧୀକ ମାମଲା ୩୦ ଟି , କରଯାଇଥିଲା ! ୭ ଗୋଟି ବୈବାହିକ ମାମଲାର ଫଇସଲା କରାଯାଇ ଜରିମାନା ଅଦାୟ କରାଯାଇଥିଲା !ଓ ଅନାନ୍ୟ । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିଭାଗ ମିଳିତ ଭାବେ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ , ଉପଜିଲ୍ଲାପାଳ ଓ ତହସିଲଦାର ୬୬୫୪ ଗୋଟି ରାଜସ୍ୱ ମାମଲା ବିଚାର କରି ଜରିମାନା ବାବଦରେ ମୋଟ ୭୪୨୭୫ / - ଟଙ୍କା ଏବଂ ବନ ଖଣ୍ଡ ଅଧିକାରୀଙ୍କ ଦ୍ୱାରା ୧୫ ଗୋଟି ମାମଲ ବିଚାର କରି ମୋଟ ୧୧୦୦୦ / - ଟଙ୍କା ଜରିମାନା ଆଦାୟ କରିଥିଲେ । ଶେଷରେ ଉକ୍ତ ଲୋକ ଅଦାଲତ କାର୍ଯ୍ୟକ୍ରମରେ ଓକିଲ , ସମସ୍ତ କୋର୍ଟର କର୍ମଚାରୀବୃନ୍ଦ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ , ମାଲକାନଗିରିର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ ।

# ଆମ ସଂସ୍କୃତିର ସୁରକ୍ଷା ବିନା ବିକାଶ ଅସମ୍ଭବ

ବଲାଙ୍ଗିର,୧୬/୦୫ (ନି.ପ୍ର): ସ୍ଥାନୀୟ ଗାନ୍ଧୀଭବନଠାରେ ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ’ରଚନା’ ତରଫରୁ ’ ଆମ ସଂସ୍କୃତି : ସ୍ଥିତି ଓ ସମ୍ଭାବନା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ ସନାତନ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ବକ୍ତା ଭାବରେ ସରକାରୀ ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ସଦାଶିବ ମଲ୍ଲିକ, ଆଲୋଚକ ଭାବରେ ବିଶିଷ୍ଟ ଗାଳ୍ପିକ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ଡ଼ଃ. ଲକ୍ଷ୍ମଣ ମେହେର ଏବଂ ଅଧ୍ୟାପକ ଡ଼ଃ. ଜଗନ୍ନାଥ ସାହୁ ଯୋଗଦେଇ ସାମ୍ପ୍ରତିକ ସମୟରେ ଆମ ସଂସ୍କୃତିର ଅବକ୍ଷୟର କାରଣ, ନିରାକରଣ ଓ ଆଗକୁ ଏହାର ସମୃଦ୍ଧି ଉପରେ ଆଲୋଚନା କରିବା ସହ ଆମ ସଂସ୍କୃତିର ସୁରକ୍ଷା ବିନା ଆମର ବିକାଶ ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ପରେ ପରେ ଉପସ୍ଥିତ ଶ୍ରୋତା ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଆଲୋଚ୍ୟ ବିଷୟ ଉପରେ ଭାବବିନିମୟ ହୋଇଥିଲା। ଏହି ସଭାରେ ସହରର ଅନେକ ସାହିତ୍ୟିକ, ବୁଦ୍ଧିଜୀବୀ, ଭଦ୍ରମହିଳା ଓ ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ। ’ରଚନା’ର ସଭ୍ୟ କବି ରନ୍ମୟ ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ଏବଂ କୋଷାଧକ୍ଷ କବି ଜିଗ୍ନେଶ ବୈଷ୍ଣବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନନ୍ଦପୁର ଓକିଲ ସଂଘ ଦ୍ୱାରା ଆୟୋଜିତ ୨ୟ ଏବିସିସି କ୍ରିକେଟ କପ

## ଆନନ୍ଦପୁର ଓକିଲ ସଂଘ ବାର୍ - ୧୧କୁ ହରାଇ ସିଭିଲ କୋର୍ଟ ବେଂଚ - ୧୧ ଚମ୍ପିଅନ

ଘସିପୁରା,୧୬/୦୫ (ନି.ପ୍ର): ଆନନ୍ଦପୁର ଓକିଲ ସଂଘ ଦ୍ୱାରା ଆୟୋଜିତ ୨ୟ ଏବିସିସି କ୍ରିକେଟ କପ- ୨୦୨୨ ସ୍ଥାନୀୟ ଘଷିପୁରା ବ୍ଲକ ଖେଳପଡିଆରେ ଉଦଯାପିତ ହୋଇଯାଇଛି। ୨୦-୨୦ ଓଭର ମ୍ୟାଚ ବିଶିଷ୍ଟ ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆନନ୍ଦପୁର ଓକିଲ ସଂଘ ବାର୍ - ୧୧ ବନାମ ସିଭିଲ କୋର୍ଟ ବେଂଚ - ୧୧ ମଧ୍ୟର ଅନୁଷ୍ଠିତ ହୋଇଥିଲା। ବେଂଚ-୧୧ରଅଧିନାୟକ ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜନ କୁମାର ସୁତାର ଓ ବାର-୧୧ର ଅଧିନାୟକ ତଥା ଓକିଲ ସଂଘର ସଭାପତି ଦୟାନିଧି ଦାଶ ଟସ୍ ପକାଇବାକୁ ପ୍ରଥମେ ପଡିଆ ମଧ୍ୟକୁ ପ୍ରବେଶ କରି ମ୍ୟାଚ ର ଉଦଘାଟନ କରିଥିଲେ। ବେଂଚ-୧୧ ଟସ୍ ଜିତି ପ୍ରଥମ ପାଳି ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ। ନିର୍ଦ୍ଧାରିତ ଓଭରରେ ୨୫୦ ରନ୍ କରିଥିଲେ ଏବଂ ବାର୍ - ୧୧କୁ ୧୮ ଓଭର ମଧ୍ୟରେ ସମସ୍ତ ଉଇକେଟକୁ କରାୟତ କରି ୨୧୭ ରନ୍ ରେ ସୀମିତ ରଖିଥିଲେ। ବେଂଚ-୧୧ ବାର -୧୧କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଚିତ ରଂଜନ ଦାଶ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବ୍ରଜବନ୍ଧୁ ସାହୁ, ବରେଣ୍ୟ ଅତିଥି ଭାବେ ଆନନ୍ଦପୁର ସିଭିଲ କୋର୍ଟ ସବ୍ ଜଜ୍ ମହେଶ୍ୱେତା ପରିଜା,ଏସ୍ ଡି ଜେ ଏମ୍ ରଶ୍ମୀରେଖା ପାତ୍ର, ଘଷିପୁରା ନ୍ୟାୟାଧିକାରୀ ଈଶା ପାଟ୍ଟୀ, ହାଟଡିହି ଜେଏମଏଫସି ପ୍ରତିମା ସାହୁ, ଅନ୍ୟତମ ଅତିଥି ଭାବରେ ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପଟ୍ଟନାୟକ, କିଶୋର ଚକ୍ର, ବାଇଧର ସେଠୀ, ହେମରଞ୍ଜନ ବେହେରା ଓ ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କୋଭିଡ -୧୯ ମହାମାରୀ ଓ କରୋନା କଟକଣା ଯୋଗୁଁ ଦୀର୍ଘଦିନର ବ୍ୟବଧାନ ପରେ ବାର୍ ଓ ବେଂଚ ତଥା ଓକିଲସଂଘ ଓ ବେଂଚ ବିଚାରପତି ଓ କୋର୍ଟ କର୍ମଚାରୀଙ୍କ ମଧ୍ୟରେ ଉତମ ସମନ୍ୱୟ, ଭାଇଚାରା ସମ୍ପର୍କ ଓ ସଭାବନାର ରକ୍ଷା ତଥା ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ପୋଷଣ ନିମନ୍ତେ ଆୟୋଜିତ ଏହି ମ୍ୟାଚ ରେ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ବେଂଚ-୧୧ର କ୍ୟାପଟେନ ଚମ୍ପିୟାନ ଟ୍ରଫି ମୁଖ୍ୟଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ବ୍ରଜବନ୍ଧୁ ସାହୁ ରନର୍ସ ଅପ ବାର-୧୧ ଦଳର ଅଧିନାୟକ ଦୟାନିଧି ଦାଶଙ୍କୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ସବ୍ ଜଜ୍ ମହେଶ୍ୱେତା ପରିଜା, କୋର୍ଟ କର୍ମଚାରୀ ଚନ୍ଦନ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ର ଟ୍ରଫି ପ୍ରଦାନ କରିଥିଲେ। ବେଷ୍ଟ ବୋଲର ଭାବେ ଆନନ୍ଦପୁର ଜେ ଏମ୍ ଏଫ୍ ସି ପ୍ରବୀଣ କୁମାର ହୋତା,ବେଷ୍ଟ ବ୍ୟାଟ୍ସ ମ୍ୟାନ ଘନଶ୍ୟାମ ଜେନା, ବେଷ୍ଟ ଫିଲ୍ଡର ଦୀପକ ସିଂ ଙ୍କୁ ପୁରଷ୍କୃତ କରାଯାଇଥିଲା। କ୍ରୀଡା ନିୟନ୍ତ୍ରକ ଓ ନିର୍ଦ୍ଦେଶକ ଭାବେ ରାଜ୍ୟସ୍ତରୀୟ ଅମ୍ପାୟାର ବୁଲୁ ପଟ୍ଟନାୟକ, ସୁନିଲ୍ କୁମାର ସ୍ୱାଇଁ, ଦାମୋଦର ସାହୁ ଏବଂ କ୍ରୀଡା ପରିଚାଳନାରେ ଓକିଲସଂଘ ସମ୍ପାଦକ ହେମନ୍ତ ମଲିକ, ଭାଗୀରଥି ଦାଶ, ଅମର ମହାପାତ୍ର, ଶିବ ଶଙ୍କର ସାହୁ,ସୁବାଷ ବିଶ୍ୱାଳ, ଭୁବନେଶ୍ୱର ଯେନା, ସୁବାଷ ତ୍ରୀପାଠୀ, ମାନସ ହୋତା ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବ ଶତୃତାରୁ ଯୁବକଙ୍କୁ ହତ୍ୟା ଅଭିଯୋଗ : ଜଣେ ଅଟକ

ଗଞ୍ଜାମ,୧୬/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର କଳମ୍ବ ହାଇସ୍କୁଲ ନିକଟରେ ରାସ୍ତା ମଝିରେ ଗତକାଲି ମଧ୍ୟରାତ୍ରରେ ବିକାଶ ସାହୁ ଓରଫ କାଉ ନାମକ ଜଣେ ଯୁବକଙ୍କୁ କେତେକ ଦୁର୍ବୃତ ହତ୍ୟା କରି ମୃତଦେହକୁ ରାସ୍ତାରେ ପକାଇ ଚାଲିଯାଇଛନ୍ତି । ଘଟଣା ଜାଣିବା ପରେ ବିକାଶଙ୍କ ପରିବାର ପକ୍ଷରୁ ପୋଲସରା ଥାନାରେ ଏତଲା କରାଯାଇଛି । ପୂର୍ବ ଶତୃତାରୁ ତାଙ୍କୁ ହତ୍ୟା କରାଯାଇଥିବା ଏତଲାରେ ଦର୍ଶାଯାଇଛି । ଏତଲାକୁ ଭିତି କରି ଥାନାରେ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜ୍ଜୁ ହୋଇଛି । ଘଟଣାସ୍ଥଳରେ ପୋଲସରା, କବିସୂର୍ଯ୍ୟନଗର ଥାନା ଅଧିକାରୀ ପହଂଚି ସାଇଂଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୋଲସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଘଟଣାରେ ଥାନାରେ ଜଣଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି ପୋଲିସ । ହତ୍ୟାକାଣ୍ଡର କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ‘ସନାତନ ମହାନ୍ତି ଶିକ୍ଷା ଓ ସଂସ୍କୃତିର ମହନୀୟ ଶିରୋନାମା’

## ପ୍ରଫେସର ଡଃ ସନାତନ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ

ଭଦ୍ରକ,୧୬/୦୫ (ନି.ପ୍ର): ସେ କେବଳ ଅର୍ଥନୀତି ବିଭାଗର କୃତି ଅଧ୍ୟାପକ ନଥିଲେ, ଥିଲେ ସାମାଜିକ କର୍ମଧାରାର ଅଗ୍ରଦୂତ । ସମାଜରେ ଧନୀ ହେବାର କୌଣସି ନିର୍ଦ୍ଦିଷ୍ଟ ସୀମାରେଖା ନଥାଏ । ବ୍ୟବସ୍ଥା ପାଇଁ ଅର୍ଥନୀତି କେବଳ ନୁହେଁ, ମୂଳତଃ ଜୀବନ ପାଇଁ ଏହା ପ୍ରଜୁଯ୍ୟ । ଗାନ୍ଧି ବିଚାରଧାରାର ମାନବବାଦୀ ଦର୍ଶନକୁ ଉଜ୍ଜୀବିତ କରିବା ସହିତ ମଣିଷର ସମ୍ପତ୍ତି ଓ ଧନଲାଳସା ଉପରେ ଏକ ଅନ୍ତରୀଣ ସଚେତନତା ବାର୍ତ୍ତା ପ୍ରଦାନ କରୁଥିଲେ ବିଶିଷ୍ଟ ଶିକ୍ଷାବିତ୍, ସାରସ୍ୱତ ସାଧକ, ସଂଗଠକ ତଥା ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ପ୍ରଶାସକ ପ୍ରଫେସର ଡକ୍ଟର ସନାତନ ମହାନ୍ତି । ବାସ୍ତବରେ ସେ ଥିଲେ ଓଡ଼ିଶାର ଶିକ୍ଷା ଓ ସଂସ୍କୃତି ଜଗତର ଏକ ମହନୀୟ ଶିରୋନାମା ବୋଲି ଭଦ୍ରକ ଟାଉନହଲଠାରେ ରବିବାର ସନ୍ଧ୍ୟାରେ ପ୍ରଫେସର ଡ. ସନାତନ ମହାନ୍ତି ସ୍ମୃତିନ୍ୟାସ କମିଟି ପକ୍ଷରୁ



ଅନୁଷ୍ଠିତ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ସ୍ମୃତିଚାରଣ କରି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସ୍ମୃତିନ୍ୟାସର ସଭାପତି ପ୍ରଫେସର ଡ. ଶୈଳେନ୍ଦ୍ର କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଓ କାର୍ଯ୍ୟକାରୀ ସଭାପତି ଅଜୟ ନାୟକଙ୍କ ସଂଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କିଶୋର କୁମାର ବାସା ଯୋଗଦେଇ ଓଡ଼ିଶାର ଶିକ୍ଷା, ସାହିତ୍ୟ, ସମାଜ ଓ ସଂସ୍କୃତି ପ୍ରଭୃତି ବହୁବିଧ କ୍ଷେତ୍ରରେ ପ୍ରଫେସର ମହାନ୍ତିଙ୍କର ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର ରହିଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ କଥାକାର ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ ପ୍ରଫେସର ମହାନ୍ତିଙ୍କ ସ୍ୱର୍ଦ୍ଧିତ ଓ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱର ବିବିଧ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ନାରୀକବି ବିଦ୍ୟୁତପ୍ରଭା ଦେବୀଙ୍କ ଜ୍ୟେଷ୍ଠପୁତ୍ର ତଥା କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଓ ଓଡ଼ିଶା ସଂସ୍କୃତି ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାବନ୍ଧିକ ଡାକ୍ତର ଦୁର୍ଯ୍ୟୋଧନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡଃ ଶଶଧର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରରେ ସ୍ମୃତି କମିଟି ପକ୍ଷରୁ ପ୍ରକାଶିତ ସ୍ମରଣିକା ‘ସଜ୍ଜନ ସନାତନ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ । କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ୍ ଓ ସାଥୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ‘ଫେରି ଚାହିଁବାର ବେଳ’ ଓ ‘ବନ୍ଦେ ଉତ୍କଳ ଜନନୀ’ ପରିବେଷିତ ହୋଇଥିଲା । ପଣ୍ଡିତ ଦୈତ୍ୟାରି ଦୀକ୍ଷିତ ବେଦପାଠ କରିଥିଲେ । ମହାତ୍ମାଗାନ୍ଧି ବିଚାର ମଞ୍ଚ ପକ୍ଷରୁ ଶାନ୍ତନୁ କୁମାର ରାଉତ, ମହତାବ ସ୍ମୃତି ସଂସଦ ପକ୍ଷରୁ ଡ. ଭାଗବତ ତ୍ରିପାଠୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ପ୍ରଭାକର ମଲ୍ଲିକ, ଫେଲୋସପି ପକ୍ଷରୁ ଲଲାଟେନ୍ଦୁ ମହାନ୍ତି, ଉତ୍କଳ ସାହିତ୍ୟ ପରିଷଦ ପକ୍ଷରୁ ବିଜୟ କୁମାର ବହଳି, ସାହିତ୍ୟ ସଂସ୍କୃତି ସଂଗଠନ ‘ଆମେ’ ଅନୁଷ୍ଠାନ ପକ୍ଷରୁ ପ୍ର. ଅଟଳ ବିହାରୀ ନାୟକ, ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଡାକ୍ତର ହରେକୃଷ୍ଣ ନାୟକ, ଉତ୍କଳ ସମ୍ମିଳନୀ ପକ୍ଷରୁ ବାବୁଲାଲ ଦାସ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ଅଧୀବକ୍ତା ଗଦାଧର ବଳ, ବରିଷ୍ଠ ନାଗରିକ ସଂଘ ପକ୍ଷରୁ କୈଳାସ ମହାପାତ୍ର, ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ପକ୍ଷରୁ ଗଗନ ବିହାରୀ ରାଉତ, ଇନଟାକ୍ ପକ୍ଷରୁ ଏସ୍.ଏମ୍. ଫାରୁକ ଅହମ୍ମଦ, ଗାନ୍ଧି ଓଡ଼ିଶା ବାଳାଶ୍ରମ ପକ୍ଷରୁ ଅଶୋକ କୁମାର ଦାସ, ବିମଳା ନାଟ୍ୟାନୁଷ୍ଠାନ ପକ୍ଷରୁ ଗୌରାଂଗ ବାରିକ ଓ ରୋଟାରି କ୍ଲବ ପକ୍ଷରୁ ଡାକ୍ତର ପ୍ରଭାସ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରଫେସର ମହାନ୍ତିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ଆତ୍ମଘୋଷିତ ଶଙ୍କରାଚାର୍ଯ୍ୟଙ୍କୁ ପୁରୀ ଓ ଭୁବନେଶ୍ୱରରେ ବିରୋଧ

ପୁରୀ/ଭୁବନେଶ୍ୱର, ୧୬/୦୫ (ନି.ପ୍ର): ନିଜକୁ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ବୋଲି ଦାବି କରୁଥିବା ଅଧକ୍ଷାନନ୍ଦ ଦେବତୀର୍ଥଙ୍କୁ ପୁରୀ ଓ ଭୁବନେଶ୍ୱରରେ ବିରୋଧ କରାଯାଇଛି । ସକାଳେ ପୁରୀ ରେଳଷ୍ଟେସନରେ ବିରୋଧ କରାଯାଇଥିବା ବେଳେ ପରେ ଲିଙ୍ଗରାଜ ମନ୍ଦିର ଦର୍ଶନ କରିବାକୁ ଆସିଥିବା ବେଳେ ବିରୋଧର ସମ୍ମୁଖୀନ ହୋଇଛନ୍ତି ଅଧକ୍ଷାନନ୍ଦ। ଅଧକ୍ଷାନନ୍ଦ ଦେବତୀର୍ଥଙ୍କ ଦାବି, ସେ ହିଁ ପୁରୀ ଗୋବର୍ଦ୍ଧନ ପୀଠର ପ୍ରକୃତ ଶଙ୍କରାଚାର୍ଯ୍ୟ । ନିଜକୁ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଦର୍ଶାଇ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ରେଳବାଇ ପୁଲିସକୁ ଚିଠି ଲେଖିଥିଲେ ଅଧକ୍ଷାନନ୍ଦ ଦେବତୀର୍ଥ । ପୁରୀରେ ପହଁଚିବା ପରେ, ରେଳ ଷ୍ଟେସନରେ ତାଙ୍କୁ ବିରୋଧ କରିଥିଲେ ଆଦିତ୍ୟବାହିନୀର ସଦସ୍ୟ। ତାଙ୍କୁ ନକଲି ଶଙ୍କରାଚାର୍ଯ୍ୟ କହି ବିରୋଧ କରାଯାଇଥିଲା । ଉତ୍ତେଜନା ବଢୁଥିବାବେଳେ ଜିଆରପି ଓ ପୁରୀ ପୁଲିସ ମିଳିତ ସୁରକ୍ଷା ଦେଇ ତାଙ୍କୁ ସହର ବାହାରେ ଥିବା ବେଲେଶ୍ୱର ଆଶ୍ରମକୁ ପଠାଇ ଦେଇଥିଲେ । ଆଦିତ୍ୟବାହିନୀ ପକ୍ଷରୁ ଜିଆରପି ଓ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି । ପୁରୀ ପରେ ଭୁବନେଶ୍ୱର ଲିଙ୍ଗରାଜରେ ବି ତାଙ୍କୁ ବିରୋଧ କରାଯାଇଛି । ଲିଙ୍ଗରାଜ ମନ୍ଦିରରେ ସେ ପହଞ୍ଚିବା ପରେ ନିଜକୁ ଶଙ୍କରାଚାର୍ଯ୍ୟ ବୋଲି ପରିଚୟ ଦେଇଥିଲେ । ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ । ହେଲେ ଏହି ପୀଠର ଶଙ୍କରାଚାର୍ଯ୍ୟ ବୋଲି ଦାବି କରି ଆସୁଛନ୍ତି ଅଧକ୍ଷାନନ୍ଦ ଦେବତୀର୍ଥ । ୨୫ ବର୍ଷ ତଳୁ ଏହି ବିବାଦ ଲାଗି ରହିଛି । ୧୯୯୬ରୁ ୨୦୦୦ ମସିହା ମଧ୍ୟରେ ଏହି ବିବାଦ ଉଗ୍ରରୂପ ନେଇଥିଲା । ମାମଲା ହାଇକୋର୍ଟକୁ ଯାଇଥିଲା । ପୁରୀରେ ଧାର୍ମିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ୧୪୪ ଧାରା ଜାରି କରାଯାଇ ତାଙ୍କୁ ତଡ଼ିପାର କରାଯାଇଥିଲା ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲିଆପାଳ, ୧୬/୦୫ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରତାପପୁର ପଞ୍ଚାୟତ ରାଉତୁଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅଦ୍ୱୈତ୍ୟ ମହାନ୍ତିଙ୍କର ଆଜି ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପ୍ରତାପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ସମିତି ସଭ୍ୟା କାବେରୀ ରାଣି ରାଉତ,ଯୁବନେତା ତଥା ସାମ୍ବାଦିକ ହାଡିବନ୍ଧୁ ରାଉତ, ଅଜୟ ପାତ୍ର, ବରେନ୍ଦ୍ର ରାତ, ସମ୍ପଦ ପ୍ରଧାନ ସମେତ



ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଅମରଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗତଃ ମହାନ୍ତି ଏକାଧାରରେ ଜଣେ ସମାଜସେବୀ ଓ ଅନୁଷ୍ଠାନପ୍ରେମୀ ଥିଲେ। ଡଗରା ମଦର ଟେରସା ସେବା ସଂଘର ସଭାପତି ଥିଲେ । ସ୍ୱଗତଃ ମହାନ୍ତିଙ୍କ ଦୁଇପୁଅ ଜୟଦେବ ମହାନ୍ତି, ଶିବ ମହାନ୍ତି ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତଃ ମହାନ୍ତିଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଅବସରରେ ମଦରଟେରସା ସେବା ସଂଘ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେବା ସଂଘର ସମସ୍ତ ସଭ/ସଭ୍ୟା,ଏବଂ ସ୍ୱତନ୍ତ୍ର ବିବେକାନନ୍ଦ ବିଦ୍ୟାଳୟର ଛାତ୍ର ଚାତ୍ରୀ ଓ ଶିକ୍ଷକ ସିକ୍ଷୟତ୍ରୀ ଉପସ୍ଥିତ ରହି ଅମର ଅତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରଥାନ କରିଥିଲେ।

## କୀର୍ତ୍ତିଚନ୍ଦ୍ର ହାଇସ୍କୁଲରେ ବିଦାୟ ସମ୍ବର୍ଦ୍ଧନା



ବାଲିଆପାଳ, ୧୬/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନାରାୟଣପୁର କୀର୍ତିଚନ୍ଦ୍ର ହାଇସ୍କୁଲରେ ଏକ କାଳୀନ ୫ ଜଣ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରାଙ୍କ ପୌରହିତ୍ୟରେ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅବସର ନେଇଥିବା ପ୍ରଧାନ ଶିକ୍ଷକ କାହ୍ନୁଚରଣ ଗିରି ବିଦ୍ୟାଳୟରୁ ପଦନ୍ନୋତି ପାଇ ଅନ୍ୟତ୍ର କାର୍ଯ୍ୟ କରୁଥିବା ଶିକ୍ଷକ ରମାନାଥ ପାତ୍ର, ଅଭିମନ୍ୟୁ ଦାସ ଏବଂ ବିଦ୍ୟାଳୟରୁ ବଦଳି ହୋଇଥିବା ଗୌରହରି ଜେନା ଏବଂ ଅତିଥି ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କୁ ଅନୁଷ୍ଠାନ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବ୍ଲକର ପ୍ରଥମ ୫ଟି ବିଦ୍ୟାଳୟର ଏହି ସୁନ୍ଦର ସମାବେଶରେ ସ୍ଥାନୀୟ ସରପଂଚ ସୁମିତ୍ରା ଗିରି, ସିଆରସିସି ମାଧବାନନ୍ଦ ଦାସ, ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପରିଡା, ଭକ୍ତହରି ଦାସ, ରବୀନ୍ଦ୍ର ଦାସ, ନିର୍ମଳ କୁମାର ଦାସ, ଅମୂଲ୍ୟ ବେହେରା, ପ୍ରହ୍ଲାଦ ମହାନ୍ତି, ଗିରିଧାରୀ ପଢ଼ିଆରୀ, ଶ୍ରୀନିବାସ ଗିରି, ଯତୀନ୍ଦ୍ର ପରିଡା,ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟାୟତ ତଥା ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷିକା, ଶିକ୍ଷା କର୍ମୀ, ଆଲୁମିନି ତଥା ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ପୀତବାସ ଗିରି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ,୧୬/୦୫ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ ଝାରସୁଗୁଡ଼ା ଏସପି ଭାବରେ ସଦ୍ୟ ଅବସର ନେଇଥିବା ବିକାଶ ଚନ୍ଦ୍ର ଦାଶ ଓ ଓଡ଼ିଶା ଜଙ୍ଗଲ ଓ ପରିବେଶ ଉପସଚିବ ଭାବରେ ଅବସର ନେଇଥିବା ମଧୁସୂଦନ ଦାଶଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସମ୍ବର୍ଦ୍ଧନା ସମାରୋହ ଭଦ୍ରକ ବାଲଗୋପାଲ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସମାରୋହରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି ନନ୍ଦଶର୍ମା। ଉଭୟ ଅତିଥି ମହୋଦୟଙ୍କୁ ମାନବିକତାର ଦିଗ୍‌ଦର୍ଶକ ଓ ମାନବବାଦର ଏକ ଉଲ୍ଲେଖଯୋଗ୍ୟ ପରାକାଷ୍ଠା ବୋଲି ପ୍ରତିପାଦନ କରି ଓଡ଼ିଶାର ବଡ଼ଦିଅଁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅସୀମ ଭକ୍ତି ଓ ଶ୍ରଦ୍ଧା ରହିଥିବାରୁ ଉକ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ତାଙ୍କର ସାମଗ୍ରିକ ମଙ୍ଗଳ କାମନା କରାଯାଇଥିଲା। ସମାରୋହ ପ୍ରାରମ୍ଭରେ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ସହଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ଡା. ପ୍ରତାପ କୁମାର ପଣ୍ଡା ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସହପରିଚାଳକ ପଣ୍ଡିତ ବିଷ୍ଣୁମୋହନ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ପରିଚାଳକ ପଣ୍ଡିତ ନନ୍ଦଶର୍ମାଙ୍କ ଦ୍ୱାରା ରଚିତ ‘ଭାରତୀୟ ଧର୍ମ ଓ ସଂସ୍କୃତିର ତାତ୍ତ୍ୱିକ ବିଶ୍ଲେଷଣ’ ଶୀର୍ଷକ ପୁସ୍ତକ, ତବସୂତ୍ର ବାରିଧି, ସଂସ୍କୃତରେ ଲିଖିତ ବାୟୁଗ୍ରଦୂତମ୍, ଶ୍ରୀଜଗନ୍ନାଥ ମହାତ୍ମ୍ୟ, ବ୍ରଜେନ୍ଦୁ ବିଳାସ ଚମ୍ପୂ ପୁସ୍ତକ ଗୁଡ଼ିକ ଉନ୍ମୋଚନ କରାଯାଇଥିଲା। ଏହି ସମାରୋହରେ ସମିତିରେ କର୍ମକର୍ତ୍ତା ଶ୍ରୀ ଦୁର୍ଯ୍ୟୋଧନ ମଲିକ, ଲକ୍ଷ୍ମୀଧର ଖଟୁଆ, ବସନ୍ତକୁମାର ମିଶ୍ର ପ୍ରମୁଖ ବହୁ ସେବକ ସେବିକା ଯୋଗଦାନ କରି ଏଥିରେ ସହଯୋଗ କରିଥିଲେ।

### ୨୪ ଘଂଟାରେ ଆଉ ୭ ପଜିଟିଭ୍

ଭୁବନେଶ୍ୱର, ୧୬/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୨ ଜଣ ୧୮ ବର୍ଷରୁ କମ୍ ବୟସର ରହିଛନ୍ତି। ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ଆଜି ରାଜ୍ୟର ୫ଟି ଜିଲ୍ଲାରୁ ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୫ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୨ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଂଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, କଟକ ଜିଲ୍ଲାରୁ ୧ ଜଣ, ଗଞ୍ଜାମ ଜିଲ୍ଲାରୁ ୨ ଜଣ ଖୋର୍ଦ୍ଧା ଜିଲ୍ଲାରୁ ୧ ଜଣ ଓ ସମ୍ବଲପୁର ଜିଲ୍ଲାରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୩୧୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୯, ୦୦୦ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୩୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

### ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ଡ୍ରେନଗୁଡିକୁ ସଫା କରାଯିବ : ଜିଲାପାଳ

ବଲାଙ୍ଗିର,୧୬/୦୫ (ନି.ପ୍ର): ବଲାଙ୍ଗିରରେ ଡ୍ରେନ ଗୁଡିକ ପାଇଁ ଅଦିନିଆ ବର୍ଷା ହେଉ କିମ୍ବା ବର୍ଷା ଋତୁ ହେଉ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ । ଯାହା ପାଇଁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ତେବେ ଏହାକୁ ଆଖି ଆଗରେ ରଖି ବଲାଙ୍ଗିର ପୌରପାଳିକା ପକ୍ଷରୁ ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ମୌସୁମୀ ଆରମ୍ଭ ହେବା ପୂର୍ବରୁ ଡ୍ରେନଗୁଡିକୁ ସଫା କରାଯାଇଥିବା ନେଇ ଜିଲ୍ଲାପାଳ ଚଂଚଳ ରାଣା ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପୁରୀ ପରିକ୍ରମା ପ୍ରକଳ୍ପକୁ ....

ଯାଏଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଆସନ୍ତିଛନ୍ତି ଅପରାଜିତା । ଆଉ ତାଙ୍କର ନୂଆ ଅଭିଯୋଗ ଆଉ ଏକ ବିବାଦ ସୃଷ୍ଟି କରିଛି । ପ୍ରକଳ୍ପ ନେଇ ବିଜେପି ସାଂସଦଙ୍କ ନୂଆ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛି ବିଜେଡି । କହିଛି, ଅପରାଜିତାଙ୍କ ପ୍ରଶ୍ନର କୌଣସି ଯଥାର୍ଥତା ନାହିଁ । ଆଉ ତାଙ୍କର ସବୁ ପ୍ରଶ୍ନ ଉତ୍ତର ଦେବାର ଆବଶ୍ୟକତା ନାହିଁ । ଅନ୍ୟପଟେ ଐତିହ୍ୟ ପ୍ରକଳ୍ପକୁ ନେଇ ବିବାଦ ଜାରି ରହିଥିବାବେଳେ ପୁରୀ ଏମାର ମଠ ପରିସରରୁ ଏକ ସିଂହର ଭଙ୍ଗାମୂର୍ତ୍ତି ଦେଖିବାକୁ ମିଳିଛି । ଖନନ ବେଳେ ପୁରାତନ ସିଂହମୂର୍ତ୍ତି ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି । ଠିକ ଭାବେ ମ୍ୟାପିଂ କରାନଯାଇ ଖନନ କରାଯାଇଥିବାରୁ ଏପରି ଘଟିଥିବା କୁହାଯାଉଛି ।

### ସମବାୟ ନିର୍ବାଚନ ପ୍ରସ୍ତୁତିର .....

ଗଠନ କରିବାରେ ସକ୍ଷମ ହୋଇଛୁ । ଆମ ଦଳର ପ୍ରାର୍ଥୀମାନେ ପ୍ରାୟ ସମସ୍ତ ପୌରାଞ୍ଚରେ ମେୟର ଏବଂ କର୍ପୋରେଟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ କାଉନସିଲର ଭାବରେ ଜିତିଛନ୍ତି ଏବଂ ଆମ ଦ୍ୱାରା ସମର୍ଥିତ ପ୍ରାର୍ଥୀମାନେ ଅଧିକାଂଶ ବ୍ଲକରେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବରେ ଜିତିଛନ୍ତି ବୋଲି କହିଛନ୍ତି ବିଜେଡି ସୁପ୍ରିମୋ । ସେ ଆହୁରି କହିଥିଲେ ଯେ, ଏହା ବର୍ତ୍ତମାନ ସମଗ୍ର ରାଜ୍ୟରେ ରାଜନୈତିକ ଶକ୍ତିର ଏକ ନୂତନ କିର୍ତ୍ତୀମାନ ପାଲଟିଛି, ଏବଂ ମୁଁ ତୁମ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ଏହି ଶକ୍ତିକୁ ସବୁଆଡେ ରଣକୌଶଳ ଭାବରେ ବ୍ୟବହାର କର, ଯାହାଫଳରେ ଆମେ ଶୀର୍ଷ, କେନ୍ଦ୍ରୀୟ ଏବଂ ପ୍ରାଥମିକ ସ୍ତରରେ ଶେଷଥର ଅପେକ୍ଷା ବହୁତ ଭଲ ପ୍ରଦର୍ଶନ କରିପାରିବା । ଆମେ ପ୍ରାଥମିକ ଏବଂ ଶୀର୍ଷ ସ୍ତରୀୟ ନିର୍ବାଚନକୁ ଯିବା ପର୍ଯ୍ୟନ୍ତ ଏବଂ ଆମର ପ୍ରସ୍ତୁତି, ପ୍ରଗତି ଏବଂ ଭବିଷ୍ୟତ ବିଷୟରେ ରାଜ୍ୟ କମିଟି ସପ୍ତାହରେ ଥରେ ଜୋନାଲ କମିଟି ଏବଂ ଜିଲ୍ଲା କମିଟିର ସମୀକ୍ଷା କରିବା ସହିତ ନିଜର ସାପ୍ତାହିକ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତ କରିବା ।

### ଆଣ୍ଡାମାନ ସାଗରରେ .....

ଭାରତୀୟ ପାଣିପାଗ ବିଭାଗ ଏପରି ଆକଳନ କରିଛି । ଯଦି ଆକଳନ ସତ ହୁଏ ତା ହେଲେ ତୃତୀୟ ବର୍ଷ ପାଇଁ ଦେଶରେ କ୍ରମାଗତ ସ୍ୱାଭାବିକ ବର୍ଷା ହେବାକୁ ଯାଉଛି । ଆଇଏମଡି କହିଛି ସମଗ୍ର ଦେଶରେ ମୌସୁମୀର ପ୍ରଭାବ ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି । ଲଙ୍ଗ ପିରିୟଡ ଆଭରେଜ ଅନୁସାରେ ଦେଶରେ ୯୯ ପ୍ରତିଶତ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ଏହାଠାରୁ ୫ ପ୍ରତିଶତ ଅଧିକ କିମ୍ବା କମ୍ ବର୍ଷା ହେବ ତାହେଲେ ଏହା ସ୍ୱାଭାବିତ ବର୍ଷା ବୋଲି ବିବେଚନା କରାଯିବ । ୨୦୨୧ରେ ଦେଶରେ ଜୁନରୁ ସେପଟେମ୍ବର ମଧ୍ୟରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଥିଲା । ୨୦୧୯ରୁ ୨୦୨୦ ମଧ୍ୟରେ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ବର୍ଷା ରେକର୍ଡ ହୋଇଥିଲା । ଚଳିତଥର ମୌସୁମୀ ଋତୁରେ ଉତ୍ତର-ପଶ୍ଚିମ ଓଡିଶାରେ ବର୍ଷାର ପ୍ରଭାବ ରହିବ । ଏହି ଅଞ୍ଚଳରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ ଅଧିକ ରହିପାରେ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ତେବେ ୨୦୧୫ ମସିହାକୁ ଛାଡିଦେଲେ ମୌସୁମୀକୁ ନେଇ ଆଇଏମଡିର ଆକଳନ ଠିକ ହୋଇଆସିଛି ।

## ପ୍ରେମ ଓ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଭଗବାନ ବୁଦ୍ଧ

ଭୁବନେଶ୍ୱର, ୧୬/୦୫ (ନି.ପ୍ର): ଭାରତୀୟ ମହାବୋଧି ସମିତି, ଓଡ଼ିଶା ଶାଖା ପକ୍ଷରୁ ସତ୍ୟ, ଅହିଂସା, ପ୍ରେମ ଓ କରୁଣାର ଅବତାର ଭଗବାନ ତଥାଗତ ବୁଦ୍ଧଙ୍କ ୨୫୬୬ତମ ବୁଦ୍ଧ ଜୟନ୍ତୀ ୟୁନିଟ୍-୯ସ୍ଥିତ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଗୋପାଳ ବଲ୍ଲଭ ପଟ୍ଟନାୟକ କହିଲେ ଯେ, ପ୍ରେମ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଭଗବାନ ତଥାଗତ ବୁଦ୍ଧ। ବର୍ତ୍ତମାନ ବିଶ୍ୱରେ ଯେଉଁ କରାଳ ଛାୟା ଦେଖାଯାଉଛି, ସେଥିରୁ ମୁକ୍ତି ପାଇଁ ବୁଦ୍ଧଙ୍କ ଅହିଂସା, ସତ୍ୟ, ପ୍ରେମ, କରୁଣା ହିଁ ଏକମାତ୍ର ମାର୍ଗ। ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ବିରୁଦ୍ଧରେ ଗୌତମ ବୁଦ୍ଧଙ୍କ ମଧ୍ୟମ ପନ୍ଥା ଥିଲା ଶ୍ରେଷ୍ଠ ପନ୍ଥା। ସରଳ ମାର୍ଗରେ ନିଜକୁ ନିଜେ ସୋଧନ କରି, ବୁଦ୍ଧ ହେବା ପାଇଁ ସେ ମାନବ ଜାତିକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଐତିହାସିକ ତଥା ପୂର୍ବତନ ଡିପିଆଇ ପ୍ରଫେସର ଡଃ ନିହାର ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଗୌତମ ବୁଦ୍ଧଙ୍କ ସମସ୍ତ ବାଣୀ ବିଶ୍ୱର ତଥା ବ୍ୟକ୍ତିର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। କାମନାର ବିନାଶରେ ଦୁଃଖର ବିନାଶ, ଏହା ତାଙ୍କର କାଳଜୟୀ ବାଣୀ, ସେହିଭଳି ସଂସାର ଦୁଃଖମୟ, କିନ୍ତୁ ଅଷ୍ଟାଙ୍ଗ ମାର୍ଗ ଦ୍ୱାରା ଆମେ ଦୁଃଖକୁ ପ୍ରତିହତ କରିପାରିବା। ସଭାପତି ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ଭଗବାନ ବୁଦ୍ଧ, ପଞ୍ଚଶୀଳର କଥା କହିଛନ୍ତି, ଯାହା ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭୀକ୍ଷୁ ଧର୍ମାଲୋକ ପଂଚଶୀଳ ଓ କେନ୍ଦ୍ରୀୟ କମିଟିର ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ଓ କେନ୍ଦ୍ରୀୟ କମିଟିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୂରଭଞ୍ଜ ରାଜପ୍ରାସାଦ ସୁରକ୍ଷା ସମିତି ଗଠିତ

ବାରିପଦା, ୧୬/୦୫ (ନି.ପ୍ର): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଗତ ୨୦୧୭ ମସିହାରେ ପୂର୍ତ୍ତବିଭାଗ ଦ୍ୱାରା ମୟୂରଭଞ୍ଜ ରାଜପ୍ରାସାଦର ବର୍ତମାନର ଏମପିସି ଜୁନିୟର କଲେଜର କିଛି ଅଂଶକୁ ଅସୁରକ୍ଷିତ ଘୋଷଣା କରା ଯାଇଛି । ଏହାସତ୍ତ୍ୱେ ଶିକ୍ଷା ବିଭାଗ ସେହି ସ୍ଥାନରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ଚଳାଇ ଛାତ୍ର ଛାତ୍ରୀ ମାନଙ୍କ ଜୀବନକୁ ଅସୁରକ୍ଷିତ କରିଥିବା ଏବଂ ଜିଲ୍ଲାର ଏହି ଐତିହ୍ୟକୁ ସୁରକ୍ଷା କରିବା ବଦଳରେ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି । ଯାହାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ରାଜପ୍ରାସାଦ ସୁରକ୍ଷା ସମିତି ନାମରେ ଏକ କମିଟି ଗଠନ କରାଯାଇଛି । ଯାହାର ସଂଯୋଜକ ଭାବେ କଳିଙ୍ଗ କେଶରୀ ଜେନା ରହିଥିବା ବେଳେ କାର୍ଯ୍ୟକାରୀ



କମିଟି ସଦସ୍ୟ ଭାବେ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା, ପ୍ରଦୀପ କିଶୋର ମହାନ୍ତି, ବିବେକାନନ୍ଦ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ସାହୁ, ନରୋତମ ପାଣିଗ୍ରାହୀ, ନଚିକେତା ଦାସ, ମହେଶ୍ୱର ସାହୁ, ସଞ୍ଜୀବ ରାଉତ, ସୌମ୍ୟରଂଜନ ପଟ୍ଟନାୟକ, ଅମିତାଭ ସାହୁ, ଯୋଗେଶ ଅଗ୍ରୱାଲା, ସତ୍ୟବାନ ପାତ୍ର, ଦିଲ୍ଲିପ ରାୟବାବୁ, ସତ୍ୟସ୍ୱରୂପ ଦାସ, ବିପ୍ଳବ ଭଂଜନ ବୁଗୁଡେଇ, ନିମାଇଁ ତ୍ରିପାଠୀ, ବିପ୍ଳବ ବାରିକ ପ୍ରମୁଖ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିବାର ଜଣା ଯାଇଛି । ଏହି କମିଟି ଆନୁକୁଲ୍ୟରେ ପ୍ରତି ୧୫ ଦିନରେ ସଂସଦର ସମସ୍ତ ସଦସ୍ୟ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବା ସହିତ ଆସନ୍ତା ୧୮ ତାରିଖ ଦିନ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସଂସଦର ଏକ ପ୍ରତିନିଧି ଦଳ ସାକ୍ଷାତ ପୂର୍ବକ ମହାବିଦ୍ୟାଳୟର ସ୍ଥିତି ସମ୍ପର୍କରେ ଅବଗତ କରିବେ । ପରେ ମୟୂରଭଞ୍ଜ ଜିଲ୍ଲାର ଗର୍ବ ଓ ଗୌରବ ବହନ କରୁଥିବା ରାଜ ପ୍ରାସାଦ ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରାଯିବ । ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତି ମହାବିଦ୍ୟାଳୟ ସମ୍ମୁଖରେ ସ୍ଥାପନ କରାଯିବା ନେଇ ମଧ୍ୟ ଦାବି ଉପସ୍ଥାପନ କରାଯିବ ବୋଲି ସିଧାନ୍ତ ନିଆଯାଇଛି ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ବ୍ରହ୍ମଯଜ୍ଞ



ହାତିଆଡିହା, ୧୬/୦୫ (ନି.ପ୍ର): ରିଖ ଦିବା୧୦ଘଟିକା ସମୟରେ ଆଶ୍ରମର କୋଷାଧ୍ୟକ୍ଷ ବେଦବିତ୍ ଯୋଗୀ ଭିକାରି ଚରଣ ମୁନି-ଯୋଗଶିକ୍ଷିକା କଳ୍ପନା ମିଶ୍ରୀ ମହୋଦୟାଙ୍କ କନିଷ୍ଠ ସୁପୁତ୍ର ମୁନି ବିଶ୍ୱଜିତ୍ ମିଶ୍ରୀଙ୍କର୩୨ତମ ଶୁଭ ଜନ୍ମ ଦିନ,ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ ବରେଣ୍ୟ ସାଧକ ମୁନି ରାଜ ଅମୂଲ୍ୟ ମୁନି ।ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା ସୁଲଳୀତ କଣ୍ଠରେ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ। ସମୂହ ପ୍ରଣବ, ଶୁଭ ଭାବନା ବେଦ ପାଠ ଶାନ୍ତିପାଠ କରାଯାଇ ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା, ବାସନ୍ତୀ ମହାଳିକ, କ୍ରିକେଟ ଜେନା, କୁନୀ ମାଝୀ, ସରସ୍ୱତୀ ନନ୍ଦ, ପାର୍ବତୀ ସେଠି, ଗୀତାଞ୍ଜଳୀ ସେଠି, ମୁନି କୁମାର ତ୍ରୀଶାନ୍ ଇତ୍ୟାଦି ବହୁ ମୁନି ମୁନି ମତୀ ମାନ । ଶେଷରେ ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସୁମିଷ୍ଟ ମିଷ୍ଟାନ୍ନ ଆନନ୍ଦରେ ସମସ୍ତଙ୍କୁ ସେବନ କରାଇ ଥିଲେ ।

## ଆଦିବାସୀ ଷ୍ଟୁଡେଣ୍ଟ ଆସୋସିଏସନ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ

ବାଲେଶ୍ୱର,୧୬/୦୫ (ନି.ପ୍ର): ବାଲେଶ୍ୱର ଆଦିବାସୀ ଷ୍ଟୁଡେଣ୍ଟ ଆସୋସିଏସନ ପକ୍ଷରୁ ସାନ୍ତାଳିଙ୍କ ଭାଷା ଅଲିଚିକି ଲିପିର ବିକାଶ ଓ ପ୍ରଚଳନର ମୁଖ୍ୟ ପୁରୋଧା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୭ତମ ଜୟନ୍ତୀ ସୋମବାର ସ୍ଥାନୀୟ ଟାଉନହଲ ପରିସରରେ ପାଳିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ଦରବାରରେ ଆଦିବାସୀ ସମ୍ପ୍ରଦାୟକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନରେ ପଣ୍ଡିତ ମୁର୍ମୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ପଣ୍ଡିତ ମୁର୍ମୁଙ୍କ ସ୍ୱପ୍ନକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କର ସାମଗ୍ରିକ ଅଗ୍ରଗତି ନିମନ୍ତେ ପଦକ୍ଷେପ ନେଉଛନ୍ତି ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ଅବସରପ୍ରାପ୍ତ ଭିଜିଲାନ୍ସ ଏସପି ଯଦୁନାଥ ହାଁସଦା, ଚାନ୍ଦିପୁର ଆଇଟିଆର୍‌ର ଟେକ୍ନିକାଲ ଅଫିସର ଫଗୁ ହେମ୍ବ୍ରମ୍, ବାଲେଶ୍ୱର ଅଗ୍ନିସମ ବିଭାଗର ଆସିଷ୍ଟାଣ୍ଟ ଫାୟାର ଅଫିସର ପୋରେନ ସୋରେନ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଣ୍ଡିତ ମୁର୍ମୁଙ୍କ ଜୀବନାଦର୍ଶର ସ୍ମୃତି ଚାରଣ କରିଥିଲେ। ବାଲେଶ୍ୱରର ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ସଂଗଠିତ କରିବା ସହିତ ସେମାନଙ୍କ ମଧ୍ୟରେ ସଂସ୍କୃତି, ପରମ୍ପରା, ଇତିହାସ ଓ ପୂର୍ବପୁରୁଷଙ୍କ ସମ୍ପର୍କରେ ଯୋଡି ରଖିବା ପାଇଁ ଏହି ଭଳି କାର୍ଯ୍ୟକ୍ରମ ବେଶ ଉପାଦେୟ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଅଲିଚିକି ଭାଷାରେ ସ୍ନାତକ ଓ ସ୍ନାତକୋତର ପାଠ୍ୟକ୍ରମ ପ୍ରଚଳନ ଉଦ୍ୟମ ପାଇଁ ଅତିଥିମାନେ ବିଧାୟକ ଶ୍ରୀ ଦାସଙ୍କୁ ନିବେଦନ କରିଥିଲେ। ବାଲେଶ୍ୱର ଆଦିବାସୀ ଛାତ୍ର ସଂଘର ସଭାପତି ପ୍ରବୀର ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୟ ହେମ୍ବ୍ରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବାଲେଶ୍ୱର, ମଙ୍ଗଳବାର, ୧୭ ମଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ରଥଯାତ୍ରାରେ ସ୍ୱଚ୍ଛ ପୁରୀ ଅଭିଯାନ ଆରମ୍ଭ କରିବ ସ୍ୱଚ୍ଛ ଭାରତ ଅଭିଯାନ ପ୍ରକୋଷ୍ଠ

ଭୁବନେଶ୍ୱର,୧୬/୦୫ (ନି.ପ୍ର): - ଗାଁ ଗାଁ ବୁଲି ପାଇଖାନା ଦୁର୍ନୀତି ପ୍ରସଙ୍ଗରେ ଲୋକଙ୍କୁ ଅବଗତ କରିବାକୁ ବିଜେପି ସ୍ୱଚ୍ଛ ଭାରତ ଅଭିଯାନ ପ୍ରକୋଷ୍ଠ ତରଫରୁ ନିଷ୍ପତି ନିଆଯାଇଛି । ବିଜେପି ସ୍ୱଚ୍ଛ ଭାରତ ଅଭିଯାନ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ମହେଶ ମହାନ୍ତିଙ୍କ ନେତୃତ୍ୱରେ ୫ ଜଣିଆ ରାଜ୍ୟ କମିଟି ଗଠନ ହୋଇଛି ଏବଂ ଏହି କମିଟିର ସଦସ୍ୟମାନେ ରାଜ୍ୟର ସମସ୍ତ ଅଂଚଳ ଗସ୍ତ କରି ଶୌଚାଳୟ ନିର୍ମାଣ ଓ ବାସ୍ତବ ସ୍ଥିତି ନିରୀକ୍ଷଣ କରିବେ । ସେହିପରି ଆସନ୍ତା ପବିତ୍ର ରଥଯାତ୍ରା ଅବସରରେ "ସ୍ୱଚ୍ଛ ପୁରୀ ଅଭିଯାନ" ଆରମ୍ଭ କରାଯାଇ ପୁରୀ ଓ ଏହାର ଆଖପାଖ ଅଂଚଳକୁ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ ସ୍ୱଚ୍ଛତା ଆଚରଣ ପାଇଁ ଯାତ୍ରୀମାନଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଶାସନ କ୍ଷମତାକୁ ଆସିବା ପରେ ମୋଦି ସରକାର ଭାରତବର୍ଷକୁ ବାହ୍ୟମଳମୁକ୍ତ ରାଷ୍ଟ୍ର ଭାବେ ଗଢି ତୋଳିବା ପାଇଁ ସଂକଳ୍ପ ନେଇଥିଲେ । ପ୍ରତିଟି ଘରେ ଶୌଚାଳୟ ନିର୍ମାଣ କରି ବାହ୍ୟମଳ ପରିତ୍ୟାଗରୁ ସମାଜକୁ ମୁକ୍ତ କରାଯିବା ଲକ୍ଷ୍ୟରେ ମୋଦି ସରକାର ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିଲେ । ଏହି ଯୋଜନା ଜରିଆରେ ଶୌଚାଳୟ ନିର୍ମାଣ ପାଇଁ ଓଡିଶାକୁ ଆସିଥିବା ଶହ ଶହ କୋଟି ଟଙ୍କାକୁ ଶାସକ ବିଜେଡି ମନ୍ତ୍ରୀ ଓ ନେତାମାନେ ଚଂଚକତା କରି ହରିଲୁଟ କରିଛନ୍ତି । ରାଜ୍ୟର ଗ୍ରାମାଂଚଳମାନଙ୍କରେ "ବାହ୍ୟ ମଳମୁକ୍ତ ଗ୍ରାମ"ର ସିମେଂଟର ଫଳକ ଲାଗିଛି ସତ, କିନ୍ତୁ ବାସ୍ତବରେ ଶୌଚାଳୟ ନିର୍ମାଣ ହୋଇନାହିଁ । ସାଧାରଣ ଗରୀବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ଆସୁଥିବା ଅର୍ଥକୁ ଆତ୍ମସାତ କରିବା ଅତ୍ୟନ୍ତ ଲଜ୍ଜାଜନକ । ଏହାକୁ ଅଦୌ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟ ସଂଯୋଜକ ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ବୈଠକରେ କମିଟିର ସଦସ୍ୟ ଶ୍ରୀମତୀ ପଦ୍ମଜା ଦେବତା, ଲମ୍ବୋଦର ନାୟକ, ମହେଶ ମିଶ୍ର ଏବଂ କାଳିପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

## ପେସେଞ୍ଜର ଟ୍ରେନ ହଲ୍ଟ ଓ ଗୋଳାପୋଲ ନିର୍ମାଣ ଦାବିରେ ଗଣଧାରଣା



ବାଲେଶ୍ୱର,୧୬/୦୫ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ବାଙ୍ଗରାଠାରେ ପାସେଞ୍ଜର ଟ୍ରେନ ହଲ୍ଟ ଓ ରେଳ ଫାଟକଠାରେ ଗଳା ପୋଲ ନିର୍ମାଣ ଦାବିରେ ବିଭିନ୍ନ ସଂଗଠନଙ୍କୁ ନେଇ ଗଠିତ ସାମାଜିକ ନ୍ୟାୟ ଅଧିକାର ମଞ୍ଚ ପକ୍ଷରୁ ଗଣଧାରଣା ସୋମବାର ଅନୁଷ୍ଠିତ ହୋଇଯାଇଛି । ଯୁବନେତା ବିଧାନ ଚନ୍ଦ୍ର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି ଗଣଧାରଣା କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ଓ ଗଣ ସଙ୍ଗଠନର ବହୁ ପ୍ରତିନିଧି ଯୋଗଦେଇ ରେଳ କର୍ତ୍ତୃପକ୍ଷଙ୍କ ଉଦାସୀନତାର ପ୍ରତିବାଦ କରିଥିଲେ । ବିଶେଷ କରି ବାଲେଶ୍ୱର ସହର ଏବେ ସମ୍ପ୍ରସାରଣ ହୋଇ ଚାଲୁଥିବା ବେଳେ ବାଙ୍ଗରା ତଥା ଆଖପାଖ ଅଞ୍ଚଳର ଗୁରୁତ୍ୱ ମଧ୍ୟ ବଢ଼ିବାରେ ଲାଗିଛି ବୋଲି ଧାରଣାକାରୀମାନେ କହିଥିଲେ । ଏହି ଅଞ୍ଚଳରେ ଶିକ୍ଷାୟନର ଅଭିବୃଦ୍ଧି ସାଙ୍ଗକୁ ଏକାଧିକ ସରକାରୀ ଓ ଘରୋଇ ସ୍କୁଲ, ଖ୍ୟାତନାମା ଘରୋଇ ଡାକ୍ତରଖାନା ଆଦି ବଡ଼ବଡ଼ ଅନୁଷ୍ଠାନ ଗଢ଼ି ଉଠିବାରେ ଲାଗିଛି । ଆନୁପାତିକ ଭାବେ ଜନସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ପ୍ରତିଦିନ ଛାତ୍ରଛାତ୍ରୀ, ଶ୍ରମିକ, ବୁଦ୍ଧିଜୀବୀ ଓ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଲୋକ ସଦର ମହକୁମାକୁ ଆସିବା ସାଙ୍ଗକ ରୋଗ ଉପସମ ନିମନ୍ତେ କଟକ ଓ ଭୁବନେଶ୍ୱର ଆଦି ସହରକୁ ଯାତାୟତ କରିଥାନ୍ତି । ଯୋଗାଯୋଗର ପ୍ରମୁଖ ମଧ୍ୟମ ରେଳ ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ସମୟରେ ରେଳ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନଠାରେ ଗୁହାରୀ କରାଯାଉଥିଲା । ଏଠାରେ ପାସେଞ୍ଜର ଟ୍ରେନ ରହଣି ପାଇଁ ରେଳ ଷ୍ଟପେଜ (ପାସେଞ୍ଜର ହଲ୍ଟ) ଓ ଯାତାୟତର ସମସ୍ୟାକୁ ଦୃଷ୍ଟିରେ ରଖି ବାଙ୍ଗରା ରେଳ ଫାଟକ ତଳେ ଏକ ଗଳାପୋଲର ନିର୍ମାଣର ନିମନ୍ତେ ଦାବି ହୋଇଆସୁଥିଲା । ମାତ୍ର ରେଳ କର୍ତ୍ତୃପକ୍ଷଙ୍କ ଉଦାସୀନତା ପ୍ରତିବାଦରେ ସୋମବାର ରେଳ ରୋକ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ଜିଲା ପ୍ରଶାସନର ଆମନ୍ତ୍ରଣ କ୍ରମେ ଗତ ୧୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଆଲୋଚନା ବୈଠକ ଆୟୋଜିତ ହୋଇଥିଲା । ଏଥିରେ ଦକ୍ଷିଣ-ପୂର୍ବ ରେଳ ଖଣ୍ଡର ପତିନିଧି, ଏସପି, ଉପ-ଜିଲ୍ଲାପାଳ ତହସିଲଦାର ଓ ବାଲେଶ୍ୱର ଷ୍ଟେସନ ପ୍ରବନ୍ଧକ ଯୋଗଦେଇ ବାଙ୍ଗରା ରେଳ ଷ୍ଟେସନର ପ୍ରତିଷ୍ଠା ବାବଦରେ ସର୍ବେକ୍ଷଣ ଶେଷ ହୋଇଥିବା କହିଥିଲେ । ଏମିତିକି ଏନେଇ ଖୁବଶୀଘ୍ର ପ୍ରାରମ୍ଭିକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଅଧିକାରୀମାନେ କହିଥିଲେ । ଏହାକୁ ଦୃଷ୍ଟିରେ ରଖି ରେଳରୋକ ପରିବର୍ତ୍ତେ ପ୍ରତୀକ ଧାରଣା ଦିଆଯାଇଥିବା ମଞ୍ଚର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

## ଚନ୍ଦନ ଯାତ୍ରାରେ ଏସବିଆଇ ପକ୍ଷରୁ ପାନୀୟ ଜଳ ବଣ୍ଟନ



ବାଲେଶ୍ୱର,୧୬/୦୫ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କ ଜିଲା ମୁଖ୍ୟ ଶାଖା ଓ ଅବସରପ୍ରାପ୍ତ ଏସବିଆଇ କର୍ମଚାରୀ ସଂଘ ବାଲେଶ୍ୱର ଶାଖାର ମିଳିତ ସହଯୋଗରେ ମିର୍ଜାପୋଖରୀ ଚନ୍ଦନ ଯାତ୍ରା ପାନୀୟଜଳ ବିତରଣ କେନ୍ଦ୍ର ଖୋଲାଯାଇଥିଲା । ଏହି କେନ୍ଦ୍ରକୁ ଭାରତୀୟ ଷ୍ଟେଟବ୍ୟାଙ୍କ ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ହେମନ୍ତ କୁମାର ବେହେରା, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ ନୃସିଂହ ଚରଣ ଦାସ ଓ ଚନ୍ଦନ କମିଟିର ସଭାପତି ପଦ୍ମଲୋଚନ ଲେଙ୍କା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କର୍ମଚାରୀ ସଂଘର ଆଞ୍ଚଳିକ ସମ୍ପାଦକ ମାନସ କୁମାର ମହାପାତ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରେକୃଷ୍ଣ ପାତ୍ର, ସମ୍ପାଦକ ଗଣେଶ ଚନ୍ଦ୍ର ଯେନାଙ୍କ ସମେତ ପରେଶ ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଅଶୋକ କୁମାର ସାହୁ, ନିତ୍ୟାନନ୍ଦ ରାଉତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଏଥିରେ ଯୋଗଦେଇ ଚନ୍ଦନ ଯାତ୍ରା ବୁଲିବାକୁ ଆସିଥିବା ଦର୍ଶକଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ ।

## ଜମୁଛି ୧୦୫ ବର୍ଷର ମିର୍ଜାପୋଖରୀ ଚନ୍ଦନ ଯାତ୍ରା

ବାଲେଶ୍ୱର,୧୬/୦୫ (ନି.ପ୍ର): ସହର ସମେତ ବାଲେଶ୍ୱର ଜିଲା ବିଭିନ୍ନ ସ୍ଥାନରେ ଚାଲିଛି ପବିତ୍ର ଚନ୍ଦନ ଯାତ୍ରା । କରୋନା କଟକଣା ଯୋଗୁଁ ୨ବର୍ଷ ଧରି ବନ୍ଦ ରହିଥିବା ସହର ମିର୍ଜା ପୋଖରୀ ଚନ୍ଦନ ଯାତ୍ରା ୧୦୫ବର୍ଷରେ ପହଞ୍ଚିଥିବା ବେଳେ ଚଳିତ ବର୍ଷ ବେଶ ଯାକଜମକରେ ପାଳନ କରାଯାଉଛି । ସହରର ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଞ୍ଚଳର ମିଳିତ ଉଦ୍ୟମରେ ଆୟୋଜିତ ହେଉଛି ଏହି ଚନ୍ଦନ ଯାତ୍ରା । ପ୍ରତି ସଂଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଅତିଥିଭାବେ ଯୋଗ ଦେଉଛନ୍ତି । ରବିବାର ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ଆୟୁର୍ବେଦିକ ବିଶେଷଜ୍ଞ ଡାକ୍ତର ଶାନ୍ତନୁ ଦାସ, ଯୁବ ଶିଳ୍ପୋଦ୍ୟୋଗୀ ସଂଗ୍ରାମ ଦାସ ଓ ଲକ୍ଷ୍ମୀନାରାୟଣ ମହାନ୍ତି, ୧୬ନଂ ୱାର୍ଡ କାଉନସିଲର ସବିତାରାଣୀ ଦାସ, ପୂର୍ବତନ ପୌରପାଳ ଆଲୋକ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଚନ୍ଦନ ଯାତ୍ରା ଶୁଭେଚ୍ଛା ଜଣାଇବା ସହିତ ୧୦୫ବର୍ଷ ଧରି ଏକ ପୁରାତନ ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ଆୟୋଜକଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ପୂର୍ବତନ କାଉନସିଲର ଇତିକୃଷ୍ଣା ସ୍ୱାଇଁ, ଛାତ୍ରନେତା ସୀମନ ଦାସମହାପାତ୍ର, ଯୁବନେତା ସୁବୋଧ ମହାନ୍ତି ଓ ଅନସର ଅଲି ପ୍ରମୁଖ ମଞ୍ଚାସୀନ ଥିଲେ । ମୀର୍ଜପୋଖରୀ ଚନ୍ଦନ ଉତ୍ସବ କମିଟିର ସଭାପତି ତଥା କାଉନସିଲର ପଦ୍ମଲୋଚନ ଲେଙ୍କା ଏଥିରେ ପୌରହିତ୍ୱ କରିଥିବା ବେଳେ ସମ୍ପାଦକ ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ । ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମଧନ୍ୟ ଯାତ୍ରା ଖଳନାୟକ ଦୈତାରୀ ପଣ୍ଡା ନିଜର ଅଭିନୀତ ବିଭିନ୍ନ ନାଟକର ସଂଳାପ ମାଧ୍ୟମରେ ଦର୍ଶକଙ୍କୁ ମତୁଆଲା କରିଥିଲେ । ଏଥି ସହିତ ଅନୁଷ୍ଠିତ ସଙ୍ଗୀତ ବିଚିତ୍ରା ବା ମେଲୋଡି କାର୍ଯ୍ୟକ୍ରମକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ଚନ୍ଦନ ଯାତ୍ରାରେ ଲାଗିଥିବା ମେଳାରେ ଜିଲା ଓ ଜିଲା ବାହାରୁ ବହୁ ଦୋକାନୀ ଆସି ନିଜର ପସରା ମେଲାଇଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ମେଳା ବୁଲିବା ସହ ମନପସନ୍ଦର ଖାଦ୍ୟର ମଜା ନେଉଛନ୍ତି । ପ୍ରତି ସଂଧ୍ୟାରେ ଶୋଭାଯାତ୍ରା ମଧ୍ୟରେ ଶ୍ରୀରାଧାକୃଷ୍ଣ ବିଗ୍ରହଙ୍କୁ ଆକର୍ଷଣୀୟ ବିମାନରେ ଚନ୍ଦନ ମଣ୍ଡପକୁ ଆଗମନ ଓ ପୂଜାର୍ଚ୍ଚନା ପରେ ନାବକେଳି ଅନୁଷ୍ଠିତ ହେଉଛି । ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଚନ୍ଦନ ଉତ୍ସବ କମିଟିର ଉପସଭାପତି, ଗିରିଜା ଶଙ୍କର ଦାସ, ସହକାରୀ ସଭାପତି ଅଶୋକ କୁମାର ତ୍ରିପାଠୀ, ଉପ-ସମ୍ପାଦକ ବୀରେନ୍ଦ୍ର କର, ପ୍ରମୁଖଙ୍କ ସମେତ କମିଟିର ବହୁ ସଦସ୍ୟ ଚଳିତ ବର୍ଷର ଉତ୍ସବକୁ ପରିଚାଳନା କରୁଛନ୍ତି ।

## କେଶରପୁରରେ ରକ୍ତଦାନ ଶିବିର

ବାଲେଶ୍ୱର,୧୬/୦୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ସିନ୍ଧିଆ ପଞ୍ଚାୟତର କେଶରପୁର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମା ବାସନ୍ତି ଯୁବମୋର୍ଚ୍ଚା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ ଉଦଘାଟନ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ରକ୍ତର ଅଭାବ ପୂରଣ ପାଇଁ ଏହି ଭଳି ଶିବିର ଆୟୋଜନ ବାସ୍ତବିକ ପ୍ରଶଂସନୀୟ ବୋଲି କହିଥିଲେ । ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ବରିଷ୍ଠ ନେତା ଗୌରାଙ୍ଗ ଦାସ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସିନ୍ଧିଆ ପଞ୍ଚାୟତ ସମିତି ସଭ୍ୟ ଅଞ୍ଜନ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୧୫୦ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାକ ମହିଳା ରକ୍ତଦାନ କରିଥିବା ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜେପି ମଣ୍ଡଳ ସଭାପତି କାର୍ତ୍ତିକ ରାଉତ, ବଇଁଚା ସରପଞ୍ଚ ରବି ନାରାୟଣ ପ୍ରଧାନ, ବୀରେନ୍ଦ୍ର ସେନାପତି, ଜୟନ୍ତ କୁମାର ପତି, ପୂର୍ଣଚନ୍ଦ୍ର ବେହେରା, ବିରେନ୍ଦ୍ର କର, ପାର୍ଥ ଚନ୍ଦ୍ର ତରେଇ, ବନମାଳି ଜେନା, ଚିତ୍ତରଞ୍ଜନ ନାଥ, ବିଜୟ କୁମାର ଦାସ, ରଞ୍ଜନ ନାଥ, ଦୁଖୀଶ୍ୟାମ ଦାସ, ମାୟାଧର ପ୍ରଧାନ,ମଣ୍ଟୁ ବସନ୍ତିଆ ପ୍ରମୁଖ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରଶେଖର ଦାସବର୍ମାଙ୍କ ପରଲୋକ

ଭୁବନେଶ୍ୱର, ୧୬/୦୫ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରଶେଖର ଦାସବର୍ମାଙ୍କ ପରଲୋକ ଘଟିଛି । ତାଙ୍କ ବିୟୋଗରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବୃତିରେ ଯନ୍ତ୍ରୀ ଥିଲେ ମଧ ତାଙ୍କ ପ୍ରବୃତି ଥିଲା ସାରସ୍ୱତ ସାଧନା । 'ସାରସନ୍ଦର୍ଭ', 'ଇନ୍ଦ୍ରଧନୁ', 'ମେଘୁଆ ଆକାଶ', 'ଉଜୁଡ଼ା ଘରର ନକ୍ସା', 'ସବୁରାସ୍ତା ଏକା ଏକା', 'ସମକାଳୀନ ଓଡ଼ିଆ କ୍ଷୁଦ୍ରଗଳ୍ପ' ପରି ଏକାଧିକ ସଂକଳନ ମାଧ୍ୟମରେ ଓଡ଼ିଆ କଥାସାହିତ୍ୟକୁ ତାଙ୍କର ବିପୁଳ ଅବଦାନ ରହିଛି । ଜଣେ ଅନୁବାଦକ ଭାବେ ମଧ ତାଙ୍କର ବିଶେଷ ପରିଚୟ ଓ ପ୍ରତିଷ୍ଠା ଥିଲା ଓ ସେ ୧୯୯୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଲାଭ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଏବଂ ଉପସଭାପତି ଭାବେ ଦାୟିତ୍ୱ ନେଇ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାରପ୍ରସାରରେ ସେ ବିଶେଷ ଭୂମିକା ନିର୍ବାହ କରିଥିଲେ । ଓଡ଼ିଆ ସାହିତ୍ୟଜଗତକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ଚିରସ୍ମରଣୀୟ ରହିବେ । ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ଦାସବର୍ମା ସ୍ୱର୍ଗତ ଚନ୍ଦ୍ରଶେଖରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

## ବୁଦ୍ଧ ପୂର୍ଣ୍ଣିମାରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬/୦୫ (ନି.ପ୍ର): ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ "ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ବୁଦ୍ଧଙ୍କ ପ୍ରଦର୍ଶିତ ସତ୍ୟ ଓ ଶାନ୍ତିର ମାର୍ଗ ପ୍ରତିଟି ଜୀବନକୁ ଆଲୋକିତ କରୁ ।"

## ଭୁଗୁଡ଼ାକଟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମାପନ



ବାରିପଦା, ୧୬/୦୫ (ନି.ପ୍ର): ବାରିପଦା ସହରର ଭୁଗୁଡ଼ାକଟା ମନ୍ଦିର ଟ୍ରଷ୍ଟ ଆନୁକୁଲ୍ୟରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମାପନ ହୋଇ ଯାଇଛି ଓ ୫ଦିନବ୍ୟାପି ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ୧୦ ତାରିଖରେ ଅଙ୍କୁରାପଣ, ୧୧ ତାରିଖରେ ବିଶାଳ କଳସ ଶୋଭାଯାତ୍ରା ୧୨ ତାରିଖରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳକେ, ସନ୍ଧ୍ୟାରେ ଟ୍ରଷ୍ଟର ସଭାପତି, ସୁରେଶ ଚନ୍ଦ୍ର ଭୁଜବଳ ଏବଂ ସମ୍ପାଦକ ଲକ୍ଷ୍ମୀଧର ହାବୋଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଆଧାତ୍ମିକ ସଭାର ଆୟୋଜନ ହୋଇଥିଲା । ଏଥିରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ , ବାରିପଦା ବିଧାୟକ ପ୍ରକାଶ ସୋରେନ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଡା: ପ୍ରମୋଥ ନାଥ ଭୂଆଁ, ଜୀବନ ସାହୁ, କବି ବିଷ୍ଣୁ ଶତପଥି, ୨୬ ନଂ କାଉନସିଲର ଭାଗ୍ୟ ଲକ୍ଷ୍ମୀ ନାଏକପ୍ରମୁଖ ଉପସ୍ଥିତ ଥିଲେ । ସେହିପରିବ ୧୩ ତାରିଖରେ ସାର୍ବଜନୀନ ପୂଜାପରେ ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ଭାଗବତ ପଣ୍ଡାରାମାୟଣ କଥାବସ୍ତୁ ଉପରେ ପ୍ରବଚନ ଦେଇଥିଲେ । ୧୪ ତାରିଖ ଦିନ ପୂର୍ଣ୍ଣାହୁତି ଉତ୍ସବ ପରେ ଗଣପ୍ରସାଦ ସେବନ ଏବଂ ସାନ୍ଧ୍ୟ ଭଜନ ଅନୁଷ୍ଠିତ ହୋଇଥିଲା ।

## ଆଗରପଡ଼ାରେ ଗ୍ରୀଡ଼ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ : ଅଘୋଷିତ ବିଦ୍ୟୁତ୍ କାଟରେ ଜନଜୀବନ ଅସ୍ତବ୍ୟସ୍ତ



ଭଦ୍ରକ, ୧୬/୦୫ (ନି.ପ୍ର): ଆଗରପଡ଼ା ଠାରେ ଗ୍ରୀଡ଼ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ଲୋକମାନଙ୍କ ମଧ୍ୟରେ କ୍ରମଶଃ ଅସନ୍ତୋଷଭାବ ସୃଷ୍ଟି ହେବାରେ ଲାଗିଛି । ଆଗରପଡ଼ା ଠାରେ ପ୍ରାୟ ୧୦ ଏକର ପରିମିତ ସ୍ଥାନରେ ଗ୍ରୀଡ଼ଷ୍ଟେସନ ନିର୍ମାଣ କାର୍ଯ୍ୟ ଗତ ୨୦୧୫ ଫେବୃୟାରୀ ୨୨ ତାରିଖରୁ ଓପିଟିସିଏଲ ର ଇଏଇଚ୍‌ଟି(ଏସ) ବାଲେଶ୍ୱର ଡ଼ିଭିଜନ ପକ୍ଷରୁ ଆରମ୍ଭ ହୋଇଥିଲା । ୨୭ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ନିର୍ଦ୍ଧାରିତ ସମୟ ଠାରୁ ବହୁ ବିଳମ୍ବରେ ଶେଷ ହୋଇଥିଲା । ୧୩୨/୧୩୩ କେ.ଭି.ଗ୍ରୀଡ଼ ଷ୍ଟେସନରୁ ୧୩୨ କେ.ଭି. ଡ଼ବଲ ସର୍କିଟ ଲାଇନ୍ ସଂଯୋଗ କରିବା ଲକ୍ଷ୍ୟରେ ଏହି ଗ୍ରୀଡ଼ଷ୍ଟେସନ ନିର୍ମାଣ କରାଯାଇଛି । ଏହାଦ୍ୱାରା ବିଦ୍ୟୁତ୍ କାଟ ସମସ୍ୟା ଅନେକାଂଶରେ ହ୍ରାସ ପାଇ ପାରିବା କଥା କିନ୍ତୁ ସ୍ଥାନୀୟ ଅଂଚଳରେ ଘନଘନ ବିଦ୍ୟୁତ୍ କାଟ ହେଉଥିବାରୁ ଏଠାରେ ଏତେ ମୂଲ୍ୟରେ ନିର୍ମିତ ଗ୍ରିଡ଼ ପ୍ରହସନରେ ପରିଣତ ହେବା ସହ ମୂଲ୍ୟହିନ ହୋଇପଡ଼ିଛି । ବର୍ତ୍ତମାନ କୌଣସି କିଛି କାରଣ ନ ଥାଇ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି । ବିଲ୍ ପୈଠ କରିକରି ଉପଭୋକ୍ତା ମାନେ ନୟାନ୍ତ ହେଉଛନ୍ତି ଅଥଚ ଏହି ସେବା ଠିକ୍ ଭାବେ ପାଇପାରୁ ନାହାଁନ୍ତି । ଅଧିକାଂଶ ସମୟରେ ଅନ୍ଧାରରେ ରହୁଛନ୍ତି । ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଗରପଡ଼ା । ଏଠାରେ ମଧ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ର,ବିଇଡ଼ି କଲେଜ,ମହିଳା କଲେଜ, ସାଧାରଣ କଲେଜ ପରି ଶତାଧିକ ଶିକ୍ଷାନୁଷ୍ଠାନ ରହିଛି । ସ୍ଥାନୀୟ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ ଟି ବ୍ଲକର ଅଧିକାଂଶ ପଞ୍ଚାୟତ ବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି । ବିଦ୍ୟୁତ୍ ବିନା ଏହି ସବୁ ସେବା ବ୍ୟାହତ ହୋଇ ପଡୁଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବୀ ହେଉଛି ।

## ଜଳେଶ୍ୱରରେ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟ ମେଳା : ୧୪୩୯ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଜଳେଶ୍ୱର, ୧୬/୫ (ନି.ପ୍ର): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ସରକାରଙ୍କ ସହାୟତାରେ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରତ୍ୟେକ ବ୍ଲକରେ ସ୍ୱାସ୍ଥ୍ୟମେଳା ଆୟୋଜନ କରାଯାଉଛି । ଜଳେଶ୍ୱର ବ୍ଲକ ଅଧିନ ଦକ୍ଷିଣପ୍ରହରାଜପୁର ପଂଚାୟତର ଗୁଆଗଡିଆ ଠାରେ ଆଜି ଅନୁଷ୍ଠିତ ସ୍ୱାସ୍ଥ୍ୟଶିବିରକୁ ସାଂସଦ ପ୍ରତାପ ଷଡଙ୍ଗୀ ଉଦ୍‌ଘାଟନ କରି ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ଯୋଗାଇବା ସରକାରଙ୍କ ଲକ୍ଷ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ ମୃତ୍ୟୁଞ୍ଜୟ ମିଶ୍ର, ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାସ ନାୟକ, ପୂର୍ବତନ ନଗରପାଳ ପ୍ରବିର ପ୍ରଧାନ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳର ଲୋକମାନଙ୍କ ଲାଗି ସରକାରଙ୍କ ମାଗଣା ସ୍ୱାସ୍ଥ୍ୟସେବା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପିଏଚ୍‌ଇଓ ଫକୀର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୨୭ଟି ଷ୍ଟଲରେ ୧୨ଜଣ ଡାକ୍ତର ଓ ୪୭ଜଣ ସ୍ୱାସ୍ଥ୍ୟକର୍ମୀ ଯୋଗ ଦେଇ ରୋଗୀମାନଙ୍କୁ ଚିକିତ୍ସା କରାଯିବା ସହିତ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଏହି ଶିବିର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା । ସ୍ତ୍ରୀ ଓ ପ୍ରସୂତୀ, ଭେଷଜ, ଅସ୍ଥି, ଶିଶୁ ରୋଗ, ଦାନ୍ତ, ସର୍ଜରୀ ଓ ଶଲ୍ୟ, ଚର୍ମ, ଆଖି, ଦାନ୍ତ-ନାଶା-ଗଳା ବିଭାଗ ସହିତ ଯୋଗ, ଆୟୋର୍ବେଦିକ ଓ ହୋମିୟପାଥିକ ବିଭାଗରେ ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇ ରୋଗୀ ମାନଙ୍କୁ ଚିକିତ୍ସା କରାଇଥିଲେ । ଏଥିରେ ମୋଟ ୧୪୩୯ଜଣ ରୋଗୀ ନାମ ପଂଜିକରଣ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବ୍ଲକ ପ୍ରୋଗ୍ରାମ୍ ମ୍ୟାନେଜର ସ୍ମିତାରାଣୀ ପ୍ରମାଣିକ, ଏକାଉଣ୍ଟ ମ୍ୟାନେଜର କ୍ଷୀରୋଦ ପରିଡା, ବିଡିଏମ୍ ସୁକାନ୍ତି ଜେନା, ସିଡିପିଓ ନିହାରିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ର ଶକ୍ତି ସଚୀବଙ୍କ ଦିନିକିଆ ପାରାଦୀପ ଗସ୍ତ : କୋଇଲା ପରିବହନ ସ୍ଥିତିର ସମୀକ୍ଷା



ପାରାଦୀପ, ୧୬/୦୫ (ନି.ପ୍ର): ଦେଶର ବିଭିନ୍ନ ରାଜ୍ୟମାନଙ୍କରେ ବିଦ୍ୟୁତ ସଙ୍କଟ ଦେଖା ଦେଲାଣି । ତାପଜ ବିଦ୍ୟୁତ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୋମବାର ଦିନ କେନ୍ଦ୍ର ଶକ୍ତି ସଚୀବ ଆଲୋକ କୁମାରଙ୍କ ସହିତ ଅତିରିକ୍ତ ସଚୀବ ବିବେକ କୁମାର ଦେଓାନଗନ୍ ଦିନିକିଆ ପାରାଦୀପ ବନ୍ଦର ଗସ୍ତରେ ଆସିଥିଲେ । ପାରାଦୀପ ବନ୍ଦର ପକ୍ଷରୁ ଅଧକ୍ଷ ପି.ଏଲ.ହରନାଦ୍ ୱେଟ୍ ବେସିନ୍ ଠାରେ କେନ୍ଦ୍ର ଶକ୍ତି ସଚୀବ ଆଲୋକ କୁମାର ଓ ଅତିରିକ୍ତ ସଚୀବ ବିବେକ କୁମାର ଦେଓାନଗନ୍‌ଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ମାନ୍ୟବର କେନ୍ଦ୍ର ଶକ୍ତି ସଚୀବ ପାରାଦୀପ ବନ୍ଦରର ଭିତିଭୂମ ବୁଝି ଦେଖିଥିଲେ । ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲାଣ୍ଟ ବୁଲି ଦେଖିଥିଲେ । ଖୁବ୍ କମ୍ ସମୟରେ ଦେଶର ବିଭିନ୍ନ ସ୍ଥାନକୁ କିପରି କୋଇଲା ପହଂଚିପାରିବ ସେ ନେଇ ସ୍ଥିତି ସମୀକ୍ଷା କରିଥିଲେ । ଏହା ପରେ ଶକ୍ତି ସଚୀବଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପାରାଦୀପ ବନ୍ଦରର ଅଧକ୍ଷ, ଉପାଧକ୍ଷ, ଇଷ୍ଟକୋଷ୍ଟ ରେଳବାଇର ଅଧିକାରୀ, ଏନ୍.ଟି.ପି.ସି., ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍,ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ବିଭାଗ, ତାମିଲନାଡୁ ବିଦ୍ୟୁତ ବିଭାଗ ଓ କର୍ଣ୍ଣାଟକ ବିଦ୍ୟୁତ ବିଭାଗର ବିରଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ବିଭାଗ, ତାମିଲନାଡୁ ବିଦ୍ୟୁତ ବିଭାଗ ଓ କର୍ଣ୍ଣାଟକ ବିଦ୍ୟୁତ ବିଭାଗର ବିରଷ୍ଠ ଅଧିକାରୀମାନେ ରେଳ ମାଧ୍ୟମରେ ଅଧିକ ତାପଜ କୋଇଲା ପରିବହନ କରିବାକୁ ନିବେଦନ କରିଥିଲେ । ପାରାଦୀପ ବନ୍ଦରରେ ଏବେ ପ୍ରତିଦିନ ୪୧ ଗୋଟି ରେକ୍‌ରେ ଥର୍ମାଲ କୋଇଲା ପରିବହନ ହେଉଥିବା ବେଳେ ଜୁଲାଇ ମାସରେ ଏହା ୪୬ କୁ ବୃଦ୍ଧି ପାଇବ ଏବଂ ଅକ୍ଟୋବର ମାସରେ ରେକ୍ ସଂଖ୍ୟା ୫୬ କୁ ବୃଦ୍ଧି ପାଇବ ବୋଲି ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ । ରେଳବାଇର ବାକିଥିବା କାମଗୁଡିକୁ ଶୀଘ୍ର ଶେଷ କରିବାକୁ ଶକ୍ତି ସଚୀବ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହାକୁ ଶେଷ କରିବାକୁ ରେଳବାଇର ଅଧିକାରୀ ସମ୍ମତି ପ୍ରକାଶ କରିଥିଲେ । କଟକ-ପାରାଦୀପ ମଧ୍ୟରେ ସ୍ୱୟଂଚାଳିତ ସିଗନାଲ ବ୍ୟବସ୍ଥାକୁ କାର୍ଯ୍ୟକାରି କରିବା ସହିତ ବିଭିନ୍ନ ପ୍ରକଳ୍ପ କାମ ସାରିବା ଏବଂ ରେଳବାଇ ଓ ପାରାଦୀପ ବନ୍ଦର ମିଳିତ ଭାବେ ଯୋଜନା କରିବାକୁ ଶକ୍ତି ସଚୀବ ନିର୍ଦ୍ଦେଶ ଦେଇଥିବା ନେଇ ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo